

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୨ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 02 August 2025

Vol.No. 36 ■ No.203 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଏଫ୍- ୩୫ ଯୁଦ୍ଧ ବିମାନ ପ୍ରସଙ୍ଗ : ବୈଦେଶିକ ମନ୍ତ୍ରାଳୟର ପ୍ରତିକ୍ରିୟା, ଦୃଢ଼ ରହିଛି ଆମେରିକା ସହ ସମ୍ପର୍କ

- ୭ ତାରିଖରୁ କାର୍ଯ୍ୟକାରୀ ହେବ ଆମେରିକାର ନୂଆ ଟାରିଫ୍
- ଘୋଷଣା ପରେ ରୁଷଠାରୁ ତୈଳ କିଣିବା କମାଇଲା ଭାରତ



ନୂଆଦିଲ୍ଲୀ,୧/୮ : ଆମେରିକା ରାଷ୍ଟ୍ରପତି ଭାବେ ଟ୍ରମ୍ପ ଯେବେ ନିର୍ବାଚନ ଲଢ଼ିଥିଲେ ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଜୋରଦାର ପ୍ରଚାର କରିଥିଲେ । ୨୦୧୬ ରାଷ୍ଟ୍ରପତି ନିର୍ବାଚନରେ ମୋଦୀ କରିଥିଲେ ହାଉଦି ମୋଦୀ। ଯାହା ପ୍ରବାସୀ ଭାରତୀୟଙ୍କୁ ବେଶ ପ୍ରଭାବିତ କରିବା ସହ ଟ୍ରମ୍ପଙ୍କ ଜିତିବାରେ ବଡ ଯୋଗଦାନ ଦେଇଥିବା କୁହାଯାଏ । ଏହା ପରେ ଭାରତ ଓ ଆମେରିକା ଭିତରେ କୁଟନୀତି ସମ୍ପର୍କ ଠିକଠାକ ଚାଲିଥିଲା ।ମଝିରେ ମଝିରେ ବିଭିନ୍ନ ପ୍ରସଙ୍ଗକୁ ନେଇ ମତାନ୍ତର ମଧ ଦେଖାଦେଇଛି ତେବେ ଭାରତ ସହ ଟ୍ରେଡ ଡିଲ କରିବାକୁ ବେଶ ଆଗ୍ରହୀ ଥିବା ଟ୍ରମ୍ପ ଟାରିଫ କୋହଳ କରିବେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ବିଶେଷଜ୍ଞଙ୍କ ମତରେ ଆମେରିକା ସରକାର ଏହି ନିଷ୍ପତି ପଛରେ କିଛି ପ୍ରମୁଖ କାରଣ ପରଦା ଅଢୁଆରେ ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମୟିକ ଆଶ୍ୱସ୍ତି । ଘୁଞ୍ଚାଇଲେ ଶୁଳ୍କ ଲାଗୁ କରିବାର ତାରିଖ। ବୁଧବାର (୩୦ ଜୁଲାଇ) ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବା ନେଇ ଘୋଷଣା କରିଥିଲେ ଟ୍ରମ୍ପ, ଯାହା ଅଗଷ୍ଟ ୧ ତାରିଖରୁ କାର୍ଯ୍ୟକାରୀ ହେବାର ଥିଲା। କିନ୍ତୁ ଏବେ ଭାରତକୁ ଗୋଟିଏ ସପ୍ତାହ ସମୟ ମିଳିଛି। ଏହି ସମୟ ସୀମା ବୃଦ୍ଧି ଯୋଗୁଁ ଭାରତ ସହିତ, ୯୬ଟି ଦେଶକୁ ଆଶ୍ୱସ୍ତି ମିଳିଛି। ହ୍ୱାଇଟ୍ ହାଉସ୍ କହିଛି ଯେ, ନୂତନ ଶୁଳ୍କ ୭ ଅଗଷ୍ଟ, ୨୦୨୫ ରୁ କାର୍ଯ୍ୟକାରୀ ହେବ। ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ, ପାକିସ୍ତାନ ଉପରେ ୧୯ ପ୍ରତିଶତ, ବାଂଲାଦେଶ ଉପରେ ୨୦ ପ୍ରତିଶତ ଏବଂ ଆଫଗାନିସ୍ତାନ ଉପରେ ୧୫ ପ୍ରତିଶତ ଶୁଳ୍କ ଲଗାଇଥିଲେ। ଏହିପରି, ଅନେକ ଦେଶ ଶୁଳ୍କ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି, କିନ୍ତୁ ଏବେ ନୂତନ ଶୁଳ୍କକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ଟ୍ରମ୍ପ କହିଛନ୍ତି ଯେ ନୂତନ ଶୁଳ୍କ ଆମେରିକାକୁ ଆର୍ଥିକ ଶକ୍ତି ଦେବ ଏବଂ ବାଣିଜ୍ୟ ସନ୍ତୁଳନ ମଧ ବଜାୟ ରଖିବ। ଆମେରିକା, ଭାରତ ଉପରେ ଶୁଳ୍କ ଲାଗୁ କରିବା ▶▶ପୃଷ୍ଠା ୭

## ଦେଶ ଦେଖିବ ନୂଆ ଉପରାଷ୍ଟ୍ରପତି : ସେପ୍ଟେମ୍ବର ୯ରେ ନିର୍ବାଚନ , ଅଗଷ୍ଟ ୭ରୁ ୨୧ ପର୍ଯ୍ୟନ୍ତ ନାମାଙ୍କନ




ନୂଆଦିଲ୍ଲୀ,୧/୮ : ଭାରତୀୟ ନିର୍ବାଚନ କମିଶନ ପକ୍ଷରୁ ଦେଶର ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା କରାଯାଇଛି। ଆସନ୍ତା ସେପଟ୍ମେର ୯ ତାରିଖରେ ଉପ ରାଷ୍ଟ୍ରପତି ନିର୍ବାଚନ ହେବ। ଏନେଇ ଆସନ୍ତା ଅଗଷ୍ଟ ୭ ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ରହିଥିବା ବେଳେ ୨୨ ତାରିଖରେ ଏହାକୁ ଯାଞ୍ଚ କରାଯିବ। ଅଗଷ୍ଟ ୨୫ ହେଉଛି ନାମାଙ୍କନ ପ୍ରତ୍ୟାହାର କରିବା ଶେଷ ତାରିଖ। ଶେଷରେ ସେପ୍ଟମ୍ବର ୯ରେ ଉପ ରାଷ୍ଟ୍ରପତି ପଦ ପାଇଁ ଭୋଟିଂ ହେବ। ମତଦାନର ସମୟ ସକାଳ ୧୦ରୁ ଅପରାହ୍ନ ୫ଟା ଯାଏ ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି। ଭୋଟିଂ ଶେଷ ହେବା ପରେ ସେହିଦିନ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଅର୍ଥାତ ସେପଟ୍ମେର ୯ ତାରିଖରେ ଦେଶକୁ ନୂଆ ଉପ ରାଷ୍ଟ୍ରପତି ମିଳିବେ। ଜୁଲାଇ ୨୧ରେ ରାତିରେ ଭାରତର ଉପ ରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ ଅପ୍ରତ୍ୟାଶିତ ଢଙ୍ଗରେ ଇସ୍ତଫା ଦେଇଥିଲେ। ଏଥିଯୋଗୁ ଉପ ରାଷ୍ଟ୍ରପତି ପଦ ଖାଲି ପଡ଼ିଛି। ତେଣୁ ଭାରତୀୟ ନିର୍ବାଚନ କମିଶନ ଏହି ପଦ ପୂରଣ ପାଇଁ ସେପଟ୍ମେର ୯ରେ ଭୋଟିଂ ହେବ ବୋଲି ଘୋଷଣା କରିଛନ୍ତି। ▶▶ପୃଷ୍ଠା ୭

## ବିଜେଡି ସଂସଦୀୟ ଦଳରେ ଫାଟ

ଭୁବନେଶ୍ୱର, ୦୧/୮ (ନି.ପ୍ର):ଓ୍ୱାକଫଠାରୁ ବିଜେଡି ସଂସଦୀୟ ଦଳ ଭିତରେ ସୃଷ୍ଟି ହୋଇଥିବା ଫାଟ ଏବେ ଜଳଜଳ ଦିଶୁଛି । ଅପରେସନ୍ ସିନ୍ଦୂର ଆଲୋଚନାରେ ବରିଷ୍ଠ ସାଂସଦ ମୁନ୍ନା ଖାଁ ଓ ଦେବାଶିଷ ସାମନ୍ତରାୟଙ୍କୁ କହିବାକୁ ସୁଯୋଗ ମିଳିଲାନି । ଯାହା ଦର୍ଶାଉଛି, ଦିଲ୍ଲୀରେ ବିଜେଡିର ଅଲ୍ ଇଜ୍ ନଟ ୱେଲ୍ । ରାଜ୍ୟସଭାରେ ବିଜେଡିର ୭ ସାଂସଦ । ହେଲେ ଅପରେସନ୍ ସିନ୍ଦୂର ଆଲୋଚନାରେ ୫ ଜଣ ସାଂସଦଙ୍କୁ ପକ୍ଷ ରଖିବାକୁ ସୁଯୋଗ ମିଳିଲା । ରାଜ୍ୟସଭାରେ ବିଜେଡିର ସଂସଦୀୟ ଦଳ ନେତା ସସ୍ମିତ ପାତ୍ରଙ୍କ ସମେତ ନିରଞ୍ଜନ ବିଶି, ସୁଲତା ଦେଓ, ମାନସ ମଙ୍ଗରାଜ ଓ ଯୁବ ସାଂସଦ ଶୁଭାଶିଷ ଖୁଣ୍ଟିଆ ସେନାର ପରାକ୍ରମକୁ ଭୂୟସୀ ପ୍ରଶଂସା କଲେ । ହେଲେ ଗୃହରେ ଥାଇ ସୁଦ୍ଧା ଦୁଇ ବରିଷ୍ଠ ସାଂସଦ ମୁନ୍ନା ଖାଁ ଓ ଦେବାଶିଷ ସାମନ୍ତରାୟ କହିବାକୁ ସୁଯୋଗ ପାଇଲେନି । ଦଳ ତରଫରୁ ୨ ସାଂସଦଙ୍କୁ କହିବାକୁ ବାରଣ କରାଯାଇଥିଲା ନା ନିଜ ତରଫରୁ ମତ ରଖିବାରୁ ଓହରି ଯାଇଥିଲେ ।

## ନିଶାର ନୂଆ ଜହର 'କଫ୍ ସିରପ୍'



ଭୁବନେଶ୍ୱର, ୦୧/୮ (ନି.ପ୍ର): ଏବେ ନୂଆ ନିଶା କଫସିରପ୍ କବଳରେ ନିଶାଡ଼ି। ଶସ୍ତା ଓ ସହଜରେ ଉପଲବ୍ଧ ହେଉଥିବାରୁ କିଣି ନେଉଛନ୍ତି, ରାଜ୍ୟ ବାହାରୁ ଏହାକୁ ମଗାଇ ବେଆଇନ୍ ଚୋରାଚାଲାଣ କରି ମାଲାମାଲ୍ ହେଉଛନ୍ତି ବେପାରୀ। ଗତକାଲି ଭୁବନେଶ୍ୱର ଓ କଟକରେ କ୍ରାଇମବ୍ରାଞ୍ଚ ଏସଟିଏଫ୍ ଓ ଡ୍ରଗ୍ କଣ୍ଟ୍ରୋଲରଙ୍କ ପକ୍ଷରୁ ରାତିଅଧିଆ ରେଡ୍ କରାଯାଇ ୨୬ ହଜାରରୁ ଅଧିକ ପରିମାଣର କଫ୍ ସିରପ୍ ଜବତ କରି ▶▶ପୃଷ୍ଠା ୭

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା : ସ୍କାନରରେ ବୋର୍ଡ ଉପସଭାପତିଙ୍କ ଲାପଟପ୍



ଭୁବନେଶ୍ୱର, ୦୧/୮ (ନି.ପ୍ର): ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାର ଛଅ ଛଅଟି ଜିଲ୍ଲାରୁ ଗିରଫ ହେଲେଣି ୭ ଅଭିଯୁକ୍ତ। କିଏ ଶିକ୍ଷକ, କିଏ ଦଲାଲ୍, କିଏ ପୁଣି ଡିଟିପି ଅପରେଟର୍ । ତେବେ ପ୍ରଶ୍ନ ଉଠୁଛି- କିଏ ଏହି ପ୍ରଶ୍ନପତ୍ର କେଳେଙ୍କାରୀର ରିଙ୍ଗ୍ ମାଷ୍ଟର୍ ? କାହା ଇସାରାରେ ଅପରେଟ୍ ହେଉଥିଲା ରାକେଟ୍ ? ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାର ଅଡୁଆ ସୂତା ଯେତେ ଖୋଲୁଛି, ସେତେ ବଢ଼ି ବଢ଼ି ଚାଲିଛି ବୋର୍ଡ ଉପସଭାପତି ନିହାର ମହାନ୍ତିଙ୍କ ଅଡୁଆ। ତାଙ୍କ ଲାପଟପକୁ କେମିତି ଆସିଲା ଓ ସେଠାରୁ କେମିତି ଲିକ୍ ହେଲା କ୍ୱେଶ୍ଚିନ୍ ପେପର, ତାକୁ ନେଇ କ୍ରାଇମବ୍ରାଞ୍ଚ ତନାଘନା ଜୋରଦାର କରିଥିବା ବେଳେ, ମାମଲାରେ ଗିରଫଦାରୀ ସଂଖ୍ୟା ୭କୁ ବୃଦ୍ଧି ପାଇଛି। କଳାହାଣ୍ଡିରୁ ଗିରଫ ହୋଇଛନ୍ତି ପ୍ରଶ୍ନପତ୍ରକୁ ଓଡ଼ିଆରେ ଟ୍ରାନ୍ସଲେଟ୍ କରିଥିବା ଶିକ୍ଷକ। ସେପଟେ ଏହି ପ୍ରସଙ୍ଗକୁ ନେଇ ତେଜିଛି ରାଜନୈତିକ ବୟାନବାଜି। ତେବେ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଯେତେ ବଡ଼ ଲୋକ ହୋଇଥିଲେ ବି କାହାକୁ ଛଡ଼ାଯିବନି। ମାମଲାର ମାଷ୍ଟରମାଇଣ୍ଡକୁ ଧରିବାକୁ କ୍ରାଇମବ୍ରାଞ୍ଚ ଜୋରଦାର ତନାଘନା ଚଳାଇଥିବା ▶▶ପୃଷ୍ଠା ୭

### ଅଗଷ୍ଟ ୩୧ ତାରିଖରେ ହେବ ସ୍ପେଶାଲ୍ ଓଟିଇଟି

ଭୁବନେଶ୍ୱର, ୦୧/୮ (ନି.ପ୍ର): ସ୍ପେଶାଲ୍ ଓଟିଇଟି ପରୀକ୍ଷା ପାଇଁ ଘୋଷଣା ହେଲା ନୂଆ ତାରିଖ। ଅଗଷ୍ଟ ୩୧ ତାରିଖରେ ହେବ ସ୍ପେଶାଲ୍ ଓଟିଇଟି। ଦୁଇଟି ସିଟିଂରେ ସ୍ପେଶାଲ୍ ଓଟିଇଟି ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସକାଳ ୯ଟାରୁ ୧୧ଟା ୩୦ ଯାଏଁ ପେପର୍-୧ ଏବଂ ଦିନ ୨ଟାରୁ ସାଢେ ୪ଟା ▶▶ପୃଷ୍ଠା ୭

## 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଫିଲ୍ମ

ଭୁବନେଶ୍ୱର, ୦୧/୮ (ନି.ପ୍ର): ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଶୁକ୍ରବାର ଘୋଷଣା ହୋଇଛି। ଏଥିରେ ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ପୁଷ୍କରାକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ କରାଯାଇଛି। ତରଙ୍ଗ ସିନେ ପ୍ରଡକ୍ସନ୍ସ ପ୍ରସ୍ତୁତ ଏବଂ ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ଫିଲ୍ମ ପୁଷ୍କରାକୁ ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ଘୋଷଣା କରାଯାଇଛି। ଶଙ୍କର ତ୍ରିପାଠୀଙ୍କ ମୂଳ ଉପନ୍ୟାସ ନାଦବିନ୍ଦୁ ଉପରେ ଆଧାରିତ ଫିଲ୍ମ 'ପୁଷ୍କରା' ୨୦୨୩ ସେପ୍ଟେମ୍ବର ୧୯ରେ ମୁକ୍ତିଲାଭ କରିଥିଲା। ଶୁଭ୍ରାଂଶୁ ଦାସଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସବ୍ୟସାଚୀଙ୍କ ନିଖୁଣ ଅଭିନୟକୁ ବିପୁଳ ଦର୍ଶକୀୟ ଆଦୃତି ମିଳିଥିଲା। ଏଥିରେ ନଜର ଆସିଥିଲେ ସୁପ୍ରିୟା, ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ, ପିଣ୍ଟୁ ନନ୍ଦ ପ୍ରମୁଖ ବହୁ ବିଶିଷ୍ଟ କଳାକାର। ପୁଷ୍କରା ଚଳଚ୍ଚିତ୍ରର କାହାଣୀ ମୃତ୍ୟୁ ପରେ ପୁଷ୍କର ଛଡ଼ାଇବା ପରମ୍ପରା ଉପରେ ପର୍ଯ୍ୟବେସିତ। 'ପୁଷ୍କରା' ରିଲିଜ୍ ହେବାପରେ ଏହା ତାଙ୍କ କ୍ୟାରିଅରକୁ ଏକ ନୂଆ ମୋଡ଼ ଦେବ ବୋଲି ସବ୍ୟସାଚୀ ଆଶା ପ୍ରକାଶ କରିଥିଲେ। ଏବେ ଏହା ସତ୍ୟରେ ପରିଣତ ହୋଇଛି। ତେବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସୁପରଷ୍ଟାର ଶାହରୁଖ ଖାନ୍ ଏବଂ ▶▶ପୃଷ୍ଠା ୭

## କାନପୁର ନିକଟରେ ସାବରମତୀ ଜନସାଧରଣ ଏକ୍ସପ୍ରେସ୍ ଲାଇନଚ୍ୟୁତ

ନୂଆଦିଲ୍ଲୀ,୧/୮ : ଉତ୍ତରପ୍ରଦେଶର କାନପୁର ନିକଟରେ ସାବରମତୀ ଜନସାଧରଣ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୧୫୨୬୯) ଲାଇନଚ୍ୟୁତ ହୋଇଛି। ପନକି ଷ୍ଟେସନରୁ ଭାଵପୁର ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଲାଇନ ନମ୍ବର-୪ରେ ପ୍ରବେଶ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ବର୍ତ୍ତମାନସୁଦ୍ଧା କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ହସ୍ତଗତ ହୋଇନାହିଁ । ଟ୍ରେନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି କୁହାଯାଉଛି। ରେଳ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି ଏବଂ ରିଲିଫ୍ କାର୍ଯ୍ୟ କରାଯାଉଛି। ପ୍ରଭାବିତ ଅଂଶରେ ପୁଣି ଥରେ ଟ୍ରାଫିକ୍ ପୁନରୁଦ୍ଧାର ପାଇଁ ପ୍ରୟାସ ଜାରି ରହିଛି। ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତର କେନ୍ଦ୍ରୀୟ ରେଳବାଇର ପ୍ରୟାଗରାଜର କାନପୁର-ଟୁଣ୍ଡଲା ସେକ୍ସନର ଭାଉପୁର ୟାର୍ଡ ନିକଟରେ ଏହି ଦୁର୍ଘଟଣା ଘଟିଛି।

## ମାଲେଗାଁଓ ରାୟ ପରେ ବଡ଼ ଖୁଲାସା : ମୋହନ ଭାଗବତଙ୍କୁ ଗିରଫ ପାଇଁ ଦିଆଯାଇଥିଲା ନିର୍ଦ୍ଦେଶ



ନୂଆଦିଲ୍ଲୀ,୧/୮ : ମାଲେଗାଁଓ ବିସ୍ଫୋରଣକୁ ଗୈରିକ ଆତଙ୍କବାଦର ଆଖ୍ୟା ଦେବାକୁ ହୋଇଥିଲା ଚେଷ୍ଟା । ସଂଘ ପରିବାର ଓ ବିଜେପିକୁ ନିନ୍ଦିତ କରିବା ପାଇଁ ହୋଇଥିବା ବଡ଼ ଷଡ଼ଯନ୍ତ୍ର । ଏହି ମାମଲାରେ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ସମେତ ଆଉ କିଛି ଲୋକଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଗତକାଲି ମାମଲାର ରାୟ ପ୍ରକାଶ ପରେ ଆଜି ଏହି ଖୁଲାସା ହୋଇଛି । ମାଲେଗାଁଓ ବିସ୍ଫୋରଣ ପରେ ଏହାକୁ ନେଇ ହୋଇଥିଲା ବଡ଼ ଷଡ଼ଷନ୍ତ୍ର। ଏହାକୁ ଗୈରିକ ଆତଙ୍କବାଦ ବା ହିନ୍ଦୁ ଆତଙ୍କବାଦର ରୂପ ଦେବାକୁ ଚେଷ୍ଟା କରାଯାଇଥିଲା । ଏପରିକି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ- ଆରଏସଏସର ମୁଖ୍ୟ ମୋହନ ଭାଗୱତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆଉକିଛି ଲୋକଙ୍କୁ ଗିରଫ କରିବା ପାଇଁ ମହାରାଷ୍ଟ୍ର ଆଣ୍ଟି ଟେରରିଜମ୍ ସ୍କ୍ୱାଡ-ଏଟିଏସର ତଦନ୍ତ ଅଧିକାରୀ ପରମବୀର ସିଂହ ନିର୍ଦ୍ଦେଶ ଦେଇଥିଲେ । ମାମଲାର ପ୍ରାରମ୍ଭିକ ତଦନ୍ତ କରିଥିବା ଏଟିଏସର ଜଣେ ପୂର୍ବତନ ଅଧିକାରୀ ମେହେବୁବ ମୁଜୱାର ଏହି ଖୁଲାସା କରିଛନ୍ତି । ଗତକାଲି ମାମଲାର ରାୟ ପ୍ରକାଶ ପାଇଛି । ପୂର୍ବତନ ବିଜେପି ସାଂସଦ ପ୍ରଜ୍ଞା ସିଂହ ଠାକୁରଙ୍କ ସମେତ ମୋଟ୍ ୭ଜଣ ଦୋଷମୁକ୍ତ ହୋଇଛନ୍ତି । ଜାତୀୟ ତଦନ୍ତ ସଂସ୍ଥା-ଏନଆଇଏର ସ୍ୱତନ୍ତ୍ର ଅଦାଲତ ଦୋଷମୁକ୍ତ କରିଛନ୍ତି । ଏହା ପରେ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି । ବିସ୍ଫୋରଣ ପରେ ବିଜେପି ଓ ସଂଘ ପରିବାରକୁ ନିନ୍ଦିତ କରିବାକୁ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ ପରେ ବିଭିନ୍ନ ଦଳର ନେତା ପରସ୍ପର ଉପରେ ଖଡଗ ହସ୍ତ ହୋଇଛନ୍ତି । ୨୦୦୮ ସେପଟ୍ମେର ୨୯ ତାରିଖରେ ମହାରାଷ୍ଟ୍ରର ମାଲେଗାଁଓର ଏକ ସଂଖ୍ୟାଲଘୁ ବହୁଳ ଅଞ୍ଚଳରେ ବିସ୍ଫୋରଣ ହୋଇଥିଲା । ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆହତ ହୋଇଥିଲେ ।

## ପତ୍ନୀଙ୍କ ଅଭିଯୋଗ ପରେ ଓଏଏସ ସ୍ୱାମୀଙ୍କ ବଡ଼ ବୟାନ




ଭୁବନେଶ୍ୱର, ୦୧/୮ (ନି.ପ୍ର): ମୁଁ ଅତୁଲ ସୁଭାଷ ନୁହେଁ, ଯେ ହାରିଯିବି। ଶେଷ ପର୍ଯ୍ୟନ୍ତ ଆଇନଗତ ଲଢ଼େଇ ଲଢ଼ିବି। ଇଞ୍ଜିନିୟର ପତ୍ନୀ ଅର୍ଚ୍ଚନା ଦାଶ ଆଣିଥିବା ପ୍ରତିଟି ଅଭିଯୋଗର ଜବାବ ରଖି ଆଜି ଏଭଳି କହିଛନ୍ତି ଓଏଏସ ସ୍ୱାମୀ ସାର୍ଥକ ସୌରଭ ମହାପାତ୍ର। ପତ୍ନୀଙ୍କ ଏତଲା ଏବଂ ପୋଲିସର ନୋଟିସ ଆଧାରରେ ଆଜି ଭୁବନେଶ୍ୱର ମହିଳା ଥାନାରେ ହାଜର ବେଳେ ଏକଥା କହିଛନ୍ତି ସାର୍ଥକ। ତା'ସହ ପତ୍ନୀଙ୍କୁ ମେଡିକାଲରେ ଭର୍ତ୍ତି କରିବା ଠାରୁ ଛୁଆ ଜନ୍ମ ପରେ ଡିସଚାର୍ଜ ଯାଏଁ, ସବୁ କାମ ନିଜେ କରିଥିବା କହି ମାମଲାରେ ଟ୍ୱିଷ୍ଟ ଆଣିଛନ୍ତି ସୌରଭ। ପତ୍ନୀଙ୍କ ଏତଲା ପରେ ଏବଂ ପୋଲିସର ନୋଟିସ ଆଧାରରେ ଆଜି ଭୁବନେଶ୍ୱର ମହିଳା ଥାନାରେ ହାଜର ହୋଇଥିଲେ ଓଏଏସ ସ୍ୱାମୀ ସାର୍ଥକ ସୌରଭ ମହାପାତ୍ର। ▶▶ପୃଷ୍ଠା ୭

## ଝିଅ ପିଠିରେ ୫ କିମି ବୋହିଲା: ହେଲେ ବଞ୍ଚିଲାନି ମାଆ



କନ୍ଧମାଳ, ୦୧/୮ (ନି.ପ୍ର): ମାଆକୁ ପିଠିରେ ପକାଇ ବୋହିଲା ଝିଅ। ସାପ କାମୁଡ଼ି ଦେବାରୁ ମେଡିକାଲ ନେବାକୁ ମାଆକୁ ପିଠିରେ ପକାଇ ଜଙ୍ଗଲରେ ୫ କିଲୋମିଟର ବୋହିଲା ଝିଅ। ହେଲେ ବଞ୍ଚିଲାନି ମାଆର ଜୀବନ। ମେଡିକାଲରେ ପହଞ୍ଚିବା ପରେ ମୃତ ଘୋଷଣା କଲେ ଡାକ୍ତର। ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ମୁଣ୍ଡିଗଡ ପଞ୍ଚାୟତର ଡୁମେରିପଡା ଗାଁରେ। ଅଭିଯୋଗ ମୁତାବକ, ଗତକାଲି ବିଳମ୍ବିତ ରାତିରେ ଡୁମେରିପଡା ଗାଁର ବାଲମାଡୁ ମାଝୀ ଘରେ ଶୋଇଥିବାବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଏହା ଜାଣିବାପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରି ଡକାଇଥିଲେ। ହେଲେ ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁଠୁ ୮ କିଲୋମିଟର ଦୂରରେ ଅଟକି ଯାଇଥିଲା। ଏହାପରେ କୌଣସି ଉପାୟନପାଇ ମହିଳାଙ୍କ ସାନ ଝିଅ ମାଆଙ୍କୁ ୫ କିଲୋମିଟର ପାଦଚଲା ରାସ୍ତାରେ ବୋହି ବୋହି ଆଣିଥିଲେ। ସେଠାରୁ ବାଇକ୍ ଯୋଗେ ୩ କିଲୋମିଟର ଆଣିବାପରେ ଆମ୍ବୁଲାନ୍ସରେ ମହିଳାଙ୍କୁ ତୁମୁଡ଼ିବନ୍ଧ ମେଡିକାଲ ଓ ପରେ ବାଲିଗୁଡା ମେଡିକାଲ ପଠାଯାଇଥିଲା। ମାତ୍ର ସେଠାରେ ▶▶ପୃଷ୍ଠା ୭

# ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଂଚ ପକ୍ଷରୁ ଚାଲିଥିବା ତିନି ଦିନିଆ ଗଣଧାରଣା ସାମୟିକ ଭାବେ ସମାପ୍ତ

କେନ୍ଦୁଝର, ୧/୦୮ (ନି.ପ୍ର): ଆଜି ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଂଚ ପକ୍ଷରୁ ଚାଲିଥିବା ତିନି ଦିନିଆ ଗଣଧାରଣା ସାମୟିକ ଭାବେ ସମାପ୍ତ ହୋଇଛି । ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏହି ଗଣଧାରଣା ଚାଲିଥିଲା ଜିଲ୍ଲା ସାରାରୁ ବୁଦ୍ଧିଜୀବୀ ଆସି ଏଥିରେ ସାମିଲ ହୋଇଥିଲେ । ଉଦ୍ଦେଶ୍ୟ ଥିଲା ଜିଲ୍ଲାର ସ୍ୱାଭିମାନ ତଥା ଅସ୍ମିତା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ଥିତି ରକ୍ଷା କରି ପୂର୍ବ ଗୌରବ ଫେରାଇ ଆଣିବା । ଉଲ୍ଲେଖଯୋଗ୍ୟ କି ୧୯୫୭ ମସିହାରୁ ଭୂତତ୍ତ୍ୱ ବିଭାଗକୁ ନେଇ କେନ୍ଦୁଝର ସାଇନ୍ସ କଲେଜ ପ୍ରତିଷ୍ଠା ହୋଇଥିଲା ଯାହା ପରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଥିଲା । ଏଠାରୁ ଅନେକ ଛାତ୍ରଛାତ୍ରୀ ପାସ କରି ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇଛନ୍ତି ଏପରିକି କେତେଜଣ ଓଡ଼ିଶାର ମୁଖ୍ୟ ଶାସନ ସଚିବ ହୋଇ ସାରିଛନ୍ତି । ହେଲେ ଏବେ ଧରଣୀଧର ବିଶ୍ୱବିଦ୍ୟାଳୟ ହେଲା ପରେ ଏହି ପୁରୁଣା କଲେଜକୁ ଚଞ୍ଚକତା କରି ଲୋପ କରି ଦିଆଗଲା ବୋଲି ସରକାରୀ ଭାବେ କୁହାଯାଇଛି । ଫଳରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ କାଗଜପତ୍ରରେ ନିଜ ଅସ୍ତିତ୍ୱ ହରାଇଛି । ବିଶ୍ୱବିଦ୍ୟାଳୟ ନାମରେ କଲେଜ ସମ୍ପତ୍ତି ହଡ଼ପ ହେବାରେ ଲାଗିଛି । ବିଶ୍ୱବିଦ୍ୟାଳୟ ନାମରେ ଓଏସଡ଼ି ପ୍ରତାପ ମହାନ୍ତି ଅତୀତର ବିଚିତ୍ରା ନନ୍ଦ ଦାସ ଭୂମିକା ନିଭାଉଛନ୍ତି ବୋଲି ଆଜି ଗଣଧାରଣାସ୍ଥଳରେ ମତ ପ୍ରକାଶ ପାଇଥିଲା । ଯୁକ୍ତ ଦୁଇ ଓ ଯୁକ୍ତ ତିନି ସ୍ତରରେ ପାଠ ପଢା ସ୍ଥାଣୁ ହୋଇଯାଇଛି ବିଶ୍ୱବିଦ୍ୟାଳୟ ନାମରେ ଛୋଟ ପିଲା ହଜିଯିବାକୁ ବସିଛନ୍ତି । ଏପରିକି ସ୍ନାତକ ଛାତ୍ରଛାତ୍ରୀ ଏବର୍ଷ ଏଯାଏ ପରିଚୟ ପତ୍ର ପାଇ ପାରିନାହାନ୍ତି ବିଶ୍ୱବିଦ୍ୟାଳୟର ସେକଥା ବୁଝିବାକୁ ବେଳ ନାହିଁ ବୋଲି ଅଭିଯୋଗ ଆସିଛି । ୟୁଜିସି ଧରଣୀଧର ବିଶ୍ୱବିଦ୍ୟାଳୟକୁ ଷ୍ଟେଟ ୟୁନିଭରସିଟି କହିବା ବେଳେ ଏବେ ଏହାକୁ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଉନ୍ନତ ହୋଇ ଏହି ବିଶ୍ୱବିଦ୍ୟାଳୟ ହେଲା ବୋଲି କହିବା ଏକ ବେନିୟମ କାର୍ଯ୍ୟ । ସରକାର ମଧ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଲୋପ କଲା ବେଳେ ସେତେବେଳର ପୂର୍ବତନ ଛାତ୍ର ସଂଘର ତଥା ଜନ ସାଧାରଣଙ୍କ ଅନୁମତି ନେଇ ନଥିଲେ । ଆଜି ଏସବୁ ବିଷୟରେ ଗଣଧାରଣା ସ୍ଥଳରେ ବିଷଦ ଆଲୋଚନା ହୋଇଥିଲା ଅନେକ ମୂଲ୍ୟବାନ ମତାମତ ପ୍ରସ୍ତାବ ମିଳିଥିଲା । ସରକାରଙ୍କୁ ସୁରକ୍ଷା ମଞ୍ଚ ମୁଖ୍ୟମନ୍ତ୍ରୀଙ୍କ ଅଗଷ୍ଟ ୩ ତାରିଖ କେନ୍ଦୁଝର ଗସ୍ତ ପୂର୍ବରୁ ବଳିଷ୍ଠ ପଦକ୍ଷେପ ନେଇ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ପୂର୍ବାବସ୍ଥାକୁ ଫେରାଇ ଆଣି ଏଠାରେ ଅଧିକ ଅଧ୍ୟାପକ ଦେଇ ନୂତନ ପିଜି ବିଷୟ ଖୋଲିବାକୁ ଆହ୍ୱାନ ଦିଆଯାଇଛି । ସେହିପରି ସବୁ ଅବ୍ୟବସ୍ଥାର କାରଣ ବିଶ୍ୱବିଦ୍ୟାଳୟ ଓଏସଡ଼ି ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ କାର୍ଯ୍ୟକାଳ ଅଗଷ୍ଟ ୬ରେ ସରୁଛି ତେଣୁ ତାଙ୍କର କାର୍ଯ୍ୟକାଳ ଆଉ ନ ବଢେଇବାକୁ ଦାବୀ କରାଯାଇଛି । ସୁରକ୍ଷା ମଞ୍ଚ ଆଜି ଗଣଧାରଣ ବନ୍ଦ କରିଥିଲେ ମଧ ଜିଲ୍ଲାର ସ୍ୱାଭିମାନ ରକ୍ଷା ଲାଗି ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ରକ୍ଷା ଲାଗି ଜିଲ୍ଲା ସାରାର ସବୁ କଲେଜ ଯାଇ ପିଲାଙ୍କୁ ବୁଝାଇବା ସହ ବିଭିନ୍ନ ଅଂଚଳରେ ଏହି କଥା ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛି । ସେହିପରି ପୁରୁଣା ବଜାରର ସୁଲେଇ ଖମାରରେ ବିଶ୍ୱବିଦ୍ୟାଳୟ କୋଠା ଓ ଜମିରେ ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ଥାୟୀ ମୁଖ୍ୟ ଦପ୍ତର ଅବିଳମ୍ୱେ ଖୋଲିବାକୁ ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ବିଭିନ୍ନ ନାଗରିକ କମିଟି ସହଯୋଗରେ ଶ୍ରୀ ବଳଦେବ ଜୀଉ ମନ୍ଦିର ସାମନାରେ ଗଣଧାରଣା କରିବ ବୋଲି ନିଷ୍ପତ୍ତି ଆଜି ଦୋହରାଇଛି । ତେବେ ସେଥିଲାଗି ସୁରକ୍ଷା ମଞ୍ଚ ଅଗଷ୍ଟ ୩ ଓ ୬ ତାରିଖକୁ ସତର୍କତା ସହ ଅପେକ୍ଷା କରିଛି ଧରଣୀଧର କଲେଜକୁ ମାଗଣା ଜମି ଦାନ କରିଥିବା ଲୋକଙ୍କୁ ନେଇ କଲେଜ ସମ୍ମୁଖରେ ନିଜ ପ୍ରିୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ରକ୍ଷା ଲାଗି ମଧ ଗଣଧାରଣା ଦେବ ବୋଲି ସୂଚନା ମିଳିଛି । ସେଥିଲାଗି ବିଭିନ୍ନ ରାଜନୈତିକ ଦଳ, ଛାତ୍ର ସଂଗଠନ, ଗଣ ସଂଗଠନ ଆଗେଇ ଆସିବାକୁ ସୁରକ୍ଷା ମଂଚର ଆବାହକ ଚକ୍ରଧର ସାହୁ ଆହ୍ୱାନ ଦେଇଛନ୍ତି ।

ଆଜି ଗଣ ଧାରଣା ନ୍ୟାୟ ମଂଚରେ ସଭାର ସଂଯୋଜନା ତଥା ପରିଚାଳନା ବରିଷ୍ଠ ସଦସ୍ୟ ଭରତ ପାତ୍ର କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ନିରଞ୍ଜନ ବାରିକ, ସତ୍ୟନାରାୟଣ ମିଶ୍ର,ଆଲୋକ ମିଶ୍ର, ଆଶିଷ ଚକ୍ରବର୍ତୀ, ପ୍ରାଚୀବାଳା ସାହୁ, ସଂଗୀତା ସିଂହ, କୃଷ୍ଣଚନ୍ଦ୍ର ମହାନ୍ତି, ମାଧବ ସର୍ଦ୍ଦାର,ଡ. ବନବିହାରୀ ମିଶ୍ର, ଦିଲୀପ କୁମାର ସାହୁ, ଡ. କ୍ଷୀରୋଦ ଚନ୍ଦ୍ର ମିଶ୍ର, ନବ କିଶୋର ସାହୁ, ଲାଲ ମୋହନ ରାଉତ, ଦୀପକ ରାଜ, ସତ୍ୟଜିତ ମିଶ୍ର, ଶରତ ଚନ୍ଦ୍ର ପାତ୍ର, ରମେଶ ମହାନ୍ତ, ବାବାଜୀ ପାତ୍ର, ସୁପାଇ ମୁର୍ମୁ, ଇଂ. ପ୍ରଶାନ୍ତ ଦଳେଇ ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ,ଅଧ୍ୟାପକ ରଞ୍ଜନ ପଣ୍ଡା, ପ୍ରତିଭା ମଞ୍ଜରୀ ନାୟକ, ରେବତୀ ସାହୁ, ପୂର୍ଣ୍ଣ ଦାସ, ଅଲେଖ ପାତ୍ର, ଜନାର୍ଦ୍ଦନ ନାୟକ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାର ୭୯ତମ ସ୍ୱାଧିନତା ଦିବସ ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧିନତା ଦିବସ ୨୦୨୫ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ଶ୍ରୀ ନାରାୟଣ ନାୟକ ଉଭୟ ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର ଶ୍ରୀ ରାଜେନ୍ଦ୍ର ମାଝୀ ଓ ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଉପଜିଲ୍ଲାପାଳ, ସୋନପୁର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ, ସୋନପୁର ସହରର ବୁଦ୍ଧିଜୀବୀ ବୃନ୍ଦ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ମହାବିଦ୍ୟାଳୟ ଗୁଡିକର ଅଧ୍ୟକ୍ଷ/ ଅଧ୍ୟକ୍ଷା, ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ ବୃନ୍ଦ, ସୋନପୁର ସହରର ସମସ୍ତ ସେଚ୍ଛାସେବୀ ସଂଗଠନ/ ଅନୁଷ୍ଠାନର କର୍ମକର୍ତା ବୃନ୍ଦ, ସମସ୍ତ ଯୁବକ ସଂଘ,କ୍ଲବ ଓ ଏସୋସିଏସନ୍ ର କର୍ମକର୍ତା, ଜିଲ୍ଲା ସାମ୍ବାଦିକ ସଂଘ ଓ ବରିଷ୍ଠ ନାଗରିକ ସଂଘର କର୍ମକର୍ତା, ସମସ୍ତ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୁଡିକର କର୍ମକର୍ତା ବୃନ୍ଦ ଓ ସମ୍ବାଦ । ପତ୍ର ଓ ବୈଦ୍ୟୁତିକ ଗଣ ମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତଥିଲେ । ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ପଂଚାୟତ ଅଧିକାରୀ, ସୁବର୍ଣ୍ଣପୁର ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତି ଅଞ୍ଜଳିନା ପ୍ରଧାନ ସଭା ପରିଚାଳନା କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ ସଠିକ୍ ଭାବରେ ସ୍ୱାଧିନତା ଦିବସ ପାଳନ ପାଇଁ ଜିଲ୍ଲାପାଳ, ସୁବର୍ଣ୍ଣପୁର ଉପସ୍ଥିତଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ଠାରୁ ସୁଚିନ୍ତିତ ମତାମତ ଲୋଡିଥିଲେ ଏବଂ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକର ଆଲୋଚ୍ୟ ବିଷୟ ବସ୍ତୁ ଅନୁଯାୟୀ ସବିଶେଷ ଆଲୋଚନା କରାଯାଇ ପ୍ରସ୍ତାବ ଗୁଡ଼ିକ ଗୃହୀତ କରାଗଲା ଓ ତଦନୁଯାୟୀ ସ୍ୱାଧିନତା ଦିବସ ପାଳନ ନିମନ୍ତେ ଜଡ଼ିତ ଥିବା ଅଧିକାରୀ ମାନଙ୍କୁ ଓ ବ୍ୟକ୍ତି ବିଶେଷଙ୍କୁ ଆବଶ୍ୟକୀୟ ଦାୟିତ୍ୱ ଅର୍ପଣ କରାଗଲା । ବୈଠକ ଶେଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବାଜିରାଉତ କଲେଜ ଅଧକ୍ଷ ଓ କିରାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନ, ୧/୦୮ (ନି.ପ୍ର): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟର ଅଧକ୍ଷ କେଶବ ଚନ୍ଦ୍ର ରାଉତରାୟ ଓ କନିଷ୍ଠ କିରାଣୀ ଶିଶିର କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବରିଷ୍ଠ ଅଧାପକ ପ୍ରଫୁଲ୍ଲ ଚନ୍ଦ୍ର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଧନା ସଭାରେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି ବିଦାୟୀ ଅଧକ୍ଷ ଶ୍ରୀ ରାଉତରାୟ, କନିଷ୍ଠ କିରାଣୀ ଶ୍ରୀ ସାହୁଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିବା ସହ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ ।

# ବଡ଼ଡୁରାଲ ପଂଚାୟତ ଗସ୍ତ କଲେ ଚିତ୍ରକୋଣ୍ଡା ବିଧାୟକ

ମାଲକାନଗିରି, ୧/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ର ବଡ଼ଡୁରାଲ ପଂଚାୟତ ଗସ୍ତ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ । ଗତ କିଛିଦିନର ଲଗାଣ ବର୍ଷାରେ ବିଭିନ୍ନ ସ୍ଥାନରେ ଘର ଭାଙ୍ଗି ଯାଇଥିବା ଖବର ପାଇ ସଙ୍ଗେ ସଙ୍ଗେ କ୍ଷତିଗ୍ରସ୍ତ ପରିବାରର ଦୁଃଖ ବୁଝିବାକୁ ନିଜେ ପହଂଚି ଥିଲେ ବିଧାୟକ । ବଡଡୁରାଲ ପଂଚାୟତର ସାନଡୁରାଲ ଏବଂ ମାଳୀଗୁଡା ଗ୍ରାମରେ ଲଗାଣ ବର୍ଷା ଫଳରେ କିଛି ବ୍ୟକ୍ତିଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଜଣେ ବ୍ୟକ୍ତି ନିଜ ଛୁଆ ମାନଙ୍କୁ ନେଇ ରାତ୍ରି ସମୟରେ ଶୋଇବା ବେଳେ ହଠାତ୍ ଘର କାନ୍ଥ ତାଙ୍କ ଉପରେ ସମ୍ପୂର୍ଣ ପଡି ଯାଇଥିଲା । ଅଳ୍ପ କିଛି ସମୟ ମଧ୍ୟରେ ଗ୍ରାମବାସୀଙ୍କ ଦ୍ୱାରା ତାଙ୍କ ପରିବାର ବର୍ଗଙ୍କୁ ଉଦ୍ଧାର କରାଯାଇଥିଲା । ତେଣୁ ବିଧାୟକ ଉକ୍ତ ପଂଚାୟତ ଗସ୍ତରେ ଯାଇ କ୍ଷୟକ୍ଷତିର ଆକଳନ କରି ସ୍ଥାନୀୟ ପ୍ରଶାସନକୁ ଅବଗତ କରି କିପରି ସେମାନଙ୍କ ନିକଟରେ ସମସ୍ତ ସରକାରୀ ସହାୟତା ପହଂଚିପାରିବ ସେନେଇ ପ୍ରଶାସନ ସହ ଆଲୋଚନା କରିଥିବା କହିଛନ୍ତି । ତେବେ ଗ୍ରାମବାସୀ ମଧ ଆଗରୁ କେବେ କୌଣସି ବିଧାୟକଙ୍କ ପାଦ ତାଙ୍କ ଗ୍ରାମରେ ନ ପଡ଼ିଥିବାରୁ ବିଧାୟକ ଶ୍ରୀ ଖିଲଙ୍କ ପାଦ ପଡିବା ଦେଖି ଗ୍ରାମବାସୀଙ୍କ ଅସୁବିଧା ସମୟରେ ସେ ସାଥୀ ହୋଇଥିବାରୁ ତାଙ୍କୁ ଅଂଚଳବାସୀ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ବ୍ରାଉନସୁଗାର କାରବାର ଅଭିଯୋଗରେ ୨୧ ଗିରଫ

କେନ୍ଦୁଝର, ୩୧ ଜୁଲାଇ (ହି.ସ.)- ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ୨୧ ଗିରଫ, ନଗଦ ୮ଲକ୍ଷ ୩୦ ହଜାର ଟଙ୍କା ସହ ୨୧୩ ଗ୍ରାମ ବ୍ରାଉନସୁଗାର ଜବତ । ଅଭିଯୁକ୍ତଙ୍କ ନିକଟରୁ ୧୩ଟି ମୋବାଇଲ୍ ଫୋନ୍ ମଧ ଜବତ କରିଛି ପୋଲିସ୍ । ଘଷିପୁରା ଥାନା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧମରେ ଏଭଳି ସୂଚନା ଦେଇଛନ୍ତି କେନ୍ଦୁଝର ଜିଲ୍ଲା ଅତିରିକ୍ତ ଏସପି ପ୍ରତ୍ୟୁଷ ମହାପାତ୍ର । ଅଭିଯୁକ୍ତ ମାନଙ୍କ ମଧ୍ୟରେ କେତେକ ଘଷିପୁରା ଥାନା ଅଂଚଳର ହୋଇଥିବା ବେଳେ ଅନ୍ୟକେତେକ ରାମଚନ୍ଦ୍ରପୁର, ଆନନ୍ଦପୁର ଓ ନନ୍ଦିପଦା ଥାନା ଅଂଚଳର ହୋଇଥିବା ସୂଚନା ମିଳିଛି । ଭଦ୍ରକ ଅଂଚଳରୁ ଏମାନେ ବ୍ରାଉନସୁଗାର ଆଣି ଆନନ୍ଦପୁର ଅଂଚଳରେ ଦୀର୍ଘଦିନ ହେଲା ବିକୁଥିଲେ । ଆନନ୍ଦପର ଉପଖଣ୍ଡ ଅଂଚଳରେ ବଢି ଚାଲିଥିବା ବ୍ରାଉନସୁଗାର କାରବାରକୁ ନେଇ ବିଭିନ୍ନ ମହଲରୁ ପୋଲିସ୍ ନିକଟରେ ହୋଇଆସୁଥିବା ଅଭିଯୋଗକୁ ଆଧାର କରି ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ କେତେଗୁଡିଏ ପୋଲସ୍ ଟିମ୍ ଗଠନ କରି ଗତ ଦୁଇ ଦିନର ଚଢ଼ଉ ପରେ ଏହି ସଫଳତା ମିଳିଥିବା ଜଣାପଡିଛି । ତେବେ ଆଗକୁ ମଧ ପୋଲିସ୍ ଚଢ଼ଉ ଜାରି ରଖିବ ବୋଲି କହିଛନ୍ତି ଅତିରିକ୍ତ ଏସପି ।

# ଶ୍ରାବଣରେ ବି ଖସୁନି ଆମିଷ ଦର : ଚିନ୍ତାରେ ଗ୍ରାହକ

ପୁରୀ, ୧/୦୮ (ନି.ପ୍ର): ଶ୍ରାବଣରେ ବି ଖସୁନି ଆମିଷ ଦର । ସାଧାରଣତଃ ଶ୍ରାବଣ ମାସରେ ୭୦ ପ୍ରତିଶତ ଲୋକେ ଆମିଷ ଖାଉନଥିବାରୁ ପରିବା ଉପରେ ଅଧିକ ନିର୍ଭର କରିଥାନ୍ତି । ଆମିଷ ଦର କିଲୋ ପିଛା ୪୦ରୁ ୫୦ଟଙ୍କା କମିଯାଇଥାଏ । ହେଲେ ଚଳିତବର୍ଷ ପରିବା ସାଙ୍ଗକୁ ଆମିଷ ଦର ମଧ୍ୟ ବୃଦ୍ଧି ପାଇଛି । କାରଣ ରାଜ୍ୟ ବାହାରୁ ଆମିଷ ଆମଦାନୀ ହେଉଥିବାରୁ ପୂର୍ବାପେକ୍ଷା ଟ୍ରାନ୍ସପୋର୍ଟ ଖର୍ଚ୍ଚ ମଧ୍ୟ ବଢୁଥିବା ବ୍ୟବସାୟୀ ମାନେ କହୁଛନ୍ତି । ତେଣୁ ଶ୍ରାବଣ ମାସରେ ମାଛ, କଙ୍କଡା, ଚିକେନ ଓ ମଟନ ଦର ବଢିଥିବା ଶୁଣି ଖାଉଟି ଚିନ୍ତାରେ ।ଏପଟେ ପରିବା ଦର ଶୁଣି ମୁହଁ ଫେରାଉଛନ୍ତି ଗ୍ରାହକ । କୌଣସି ପରିବା ୮୦ ଟଙ୍କା ତଳକୁ ନଥିବାବେଳେ ୫ଶହ ଟଙ୍କାରେ ବି ବ୍ୟାଗ ଭର୍ତି ହେଉନାହିଁ । ଫଳରେ ଅନେକଙ୍କ ଖାଇବା ଥାଳିରୁ ବି ପରିବା ଉଭାନ ହୋଇଯାଇଛି । ଶ୍ରାବଣ ମାସ ଆରମ୍ଭ ହେବା ଦିନରୁ ବଢି ଚାଲିଛି ପରିବା ଦର । ଏହି ମାସରେ କାଉଡିଆମାନେ ପାଣିଭାର ନେଇ ମହାଦେବଙ୍କ ମସ୍ତକରେ ଢାଳିଥାନ୍ତି । ଏହାସହ ମାନସିକଧାରୀ ମାନେ ମଧ୍ୟ ନିରାଡମ୍ବର ଭାବେ ଶ୍ରାବଣ ମାସକୁ ପାଳନ କରୁଥିବାରୁ ନିରାମିଷ ଖାଉଥିବା ବେଳେ ଅଧିକାଂଶ ଲୋକେ ବିନା ପିଆଜ ରସୁଣରେ ପ୍ରସ୍ତୁତ ଖାଦ୍ୟ ଖାଇଥାନ୍ତି । ତେଣୁ ଏହି ମାସରେ କାର୍ତିକ ମାସ ପରି ପରିବା ଦର ବୃଦ୍ଧି ପାଇଥାଏ ଓ ଆମିଷ ଦର କମିଥାଏ । ତେବେ ଚଳିତବର୍ଷ ଆମିଷ ଦର କମିବା ପରିବର୍ତେ ବଢି ଚାଲିଛି । ସାଧାରଣତଃ ପୁରୀକୁ ଆନ୍ଧ୍ରରୁ ବିଭିନ୍ନ ପ୍ରକାର ମାଛ ଆସୁଥିବା ବେଳେ ପାରାଦ୍ୱୀପ, ଧାମରା ଓ ବାଲେଶ୍ୱର ଆଦି ସ୍ଥାନରୁ କଙ୍କଡା, ଚିଙ୍ଗୁଡି ଆମଦାନୀ ହୋଇଥାଏ । ବଡ ବଡ ଟ୍ରକ ଯୋଗେ ସପ୍ତାହରେ ୨ରୁ ୩ ଥର ପ୍ରାୟ ୧୦ରୁ ୨୦ ଟନ୍ ଆମିଷ ଆସିଥାଏ । ଯାହା ପୁରୀକୁ ପ୍ରଚୁର ପରିମାଣରେ ଆମିଷ ଯୋଗାଇଥାଏ । ଏଥିପାଇଁ ଗମନାଗମନ ବାବଦକୁ ଖର୍ଚ୍ଚ ହେଉଥିବା ଟଙ୍କା ବଢିଛି । ବ୍ରହ୍ମଗିରି, ସାତପଡା ଚିଲିକାରୁ ମାଛ ଆସୁଥିବା ବେଳେ ପୁରୀ ପେଣ୍ଠକଟାରୁ ମତ୍ସ୍ୟଜୀବୀମାନେ ମଧ୍ୟ ସମୁଦ୍ରରୁ ମାଛ ଧରି ବିକ୍ରି କରିଥାନ୍ତି । ରାଜ୍ୟ ଓ ରାଜ୍ୟ ବାହାରକୁ ମଧ୍ୟ ମାଛ ପଠେଇଥାନ୍ତି । ବଡଶଙ୍ଖ ମାଛ ମାର୍କେଟ, ମଙ୍ଗଳାଘାଟ ମାଛ ବଜାର, ମାର୍କେଟ ଛକ ମାଛ ମାର୍କେଟ ସମେତ ସହରର ବିଭିନ୍ନ ଛକ ମାନଙ୍କରେ ମାଛ ଦର ନିୟନ୍ତ୍ରଣ ବାହାରେ ରହିଛି । ଇଲିଶି ମାଛ କିଲୋ ପ୍ରତି ୧୫ ଶହରୁ ୨ ହଜାର ଟଙ୍କା ଥିବାବେଳେ ଖଇଙ୍ଗା କିଲୋ, ଭାକୁର କିଲୋ ୨୨୦, ରୋହି କିଲୋ ୧୮୦, ଚିଙ୍ଗୁଡି ବଡ ସାଇଜ କିଲୋ ପ୍ରତି ୬୦୦ ଥିବାବେଳେ ମଧ୍ୟମ କିଲୋ ପ୍ରତି ୪ ଶହରୁ ୫ଶହ ଓ ଛୋଟ ଚିଙ୍ଗୁଡି ୨୬୦ ରୁ ୩ ଶହ ଟଙ୍କା ରହିଛି । କଙ୍କଡା ବଡ ସାଇଜ କିଲୋ ପ୍ରତି ୭୦୦ ଟଙ୍କା ଥିବାବେଳେ ଛୋଟ ୫ଶହ ଟଙ୍କା । ଚିକେନ କିଲୋ ପ୍ରତି ୨୪୦ ଟଙ୍କା ଥିବାବେଳେ ମଟନ କିଲୋ ୮ ଶହ ଟଙ୍କା ରହିଛି । ଛୋଟ ମଧୁର ମାଛ ଦର ଦେଖି ଖାଉଟି ମୁଣ୍ଡରେ ହାତଦେଇଛି । ଅଧିକାଂଶ ସ୍ଥାନରେ ରାସ୍ତା କଡରେ ଅସ୍ଥାୟୀ ଅଣପଞ୍ଜୀକୃତ ବ୍ୟବସାୟୀ ନିଜ ମନ ମୁତାବକ ଦର ବୃଦ୍ଧି କରୁଛନ୍ତି ।

# ଗୁଣାତ୍ମକ ପ୍ରମାଣପତ୍ର ଉପରେ ବିକ୍ରେତା ଅଭିଯାନ

ପୁରୀ, ୧/୦୮ (ନି.ପ୍ର): ଅଣୁ,କ୍ଷୁଦ୍ର ଓ ମଧମ ଉଦ୍ୟୋଗ ମାଧମରେ ଉଦ୍ୟୋଗପତି ମାନେ ରାଜ୍ୟ ଓ ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥାନ୍ତି । ତେଣୁ ଏହିଭଳି କର୍ମଶାଳା ମାଧମରେ ସେମାନଙ୍କ ମନରେ ଥିବା ବିଭିନ୍ନ ସଂଶୟ ଓ ସନ୍ଦେହକୁ ବିଶେଷଜ୍ଞ ମାନଙ୍କ ଦ୍ୱାରା ଦୂର କରି ପାରିବେ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ।ଆଜି ପୂର୍ବାହ୍ଣରେ ସଦଭାବନା ସଭାଗୃହ ଠାରେ ଅଣୁ,କ୍ଷୁଦ୍ର ଓ ମଧମ ଉଦ୍ୟୋଗ ବିଭାଗ ପକ୍ଷରୁ ଗୁଣାତ୍ମକ ପ୍ରମାଣପତ୍ର ଉପରେ ବିକ୍ରେତା ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପିଲା ମାନେ ଶିକ୍ଷା ଲାଭ ପରେ ଚାକିରୀ ପଛରେ ଧାଉଁଥିଲେ । କିନ୍ତୁ ବର୍ତମାନ ଅନେକ ପିଲା ଉଦ୍ୟୋଗୀ ହୋଇ ନିଜକୁ ପ୍ରତିଷ୍ଠିତ କରିବା ସହ ଅନେକଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହେଉଛନ୍ତି । ତେଣୁ ଉଦ୍ୟୋଗପତି ମାନେ ଯେପରି ଆହୁରି ସଫଳ ହେବେ ଓ ନୂତନ ଉଦ୍ୟୋଗପତି ସୃଷ୍ଟି ହେବେ,ସେମାନଙ୍କ ସମସ୍ୟାର ସମାଧାନ ଏହି ଅଭିଯାନର ଲକ୍ଷ୍ୟ ।ଏଥିରେ ଉପସ୍ଥିତ ଉଦ୍ୟୋଗୀ ମାନେ ଏହା ଦ୍ୱାରା ଉଦବୁଦ୍ଧ ହୋଇ ପାରିଛନ୍ତି ବୋଲି ସେ ମତ ଦେଇଥିଲେ । ଜିଲ୍ଲା ଶିଳ୍ପକେନ୍ଦ୍ରର ମହା ପ୍ରବନ୍ଧକ ମାନସ କୁମାର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯାନରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉପସ୍ଥିତ ଥିଲେ । ଭାରତୀୟ ଗୁଣାତ୍ମକ ପରିଷଦ ଓ ଜାତୀୟ ଉତ୍ପାଦକତାର ବିଶେଷଜ୍ଞ ବା ଏକ୍ସପର୍ଟ ଭାବେ ଶ୍ୟାମ ପ୍ରସାଦ, ଦେବନ ଦାସମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରମାଣପତ୍ର ପ୍ରକ୍ରିୟା ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ବ୍ୟବସାୟିକ କାର୍ଯ୍ୟରେ ଏହି ଗୁଣାତ୍ମକ ମାନ ଗୁଡିକୁ ସମନ୍ୱିତ ପଦକ୍ଷେପ ଓ ଦୃଶ୍ୟମାନ ଲାଭ ସମ୍ପର୍କରେ ଆଲୋକପାତ କରିଥିଲେ । ଆଇଏସଓ, ଲିନ,ଏବଂ ଜେଡ ପ୍ରମାଣପତ୍ରର ପରିବର୍ତନକାରୀ ସମ୍ଭାବନା ଉପରେ ସୂଚନା ଦିଆଯାଇଥିଲା ।

ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ଉଦ୍ୟୋଗପତି ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା, ୧/୦୮ (ନି.ପ୍ର): ଗୁରୁବାର ଅପରାହ୍ଣ ୦୫.୩୦ ଘଟିକା ସମୟରେ ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା ଓ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ରଘୁରାମ୍ ଆର୍. ଆୟର୍ ଅଧକ୍ଷତା କରିଥିବାବେଳେ ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟିର ସଭାପତି ଶୈଳେନ୍ଦ୍ର ନାରାୟଣ ପଧାନ ସଭାପତିତ୍ୱ କରିଥିଲେ । ଅବସର ଗ୍ରହଣ କରିଥିବା ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ , ବରିଷ୍ଠ ଡ୍ରାଇଭରଙ୍କ ଅମାୟିକ ବ୍ୟକ୍ତିତ୍ୱ, ସରକାରୀ କାର୍ଯ୍ୟ ସମ୍ପାଦନର ପ୍ରତିବଦ୍ଧତା ସମସ୍ତ କର୍ମଚାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଷ୍ଟାଫ୍ କମିଟିର ସଭାପତି ଶୈଳେନ୍ଦ୍ର ନାରାୟଣ ପଧାନ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ ଓ ୧୮.୦୨.୧୯୯୭ ରୁ ୩୧.୦୭.୨୦୨୫ ଦୀର୍ଘ ୨୮ ବର୍ଷ ସରକାରୀ ସେବା ମଧରୁ ୧୦ ବର୍ଷ ଧରି ଜିଲ୍ଲାପାଳଙ୍କ ଡ୍ରାଇଭର ଭାବେ ସେ ନିଷ୍ଠାର ସହ କାର୍ଯ୍ୟ କରି ଅନ୍ୟ ମାନଂକ ପାଇଁ ପ୍ରେରଣାର ଉତ୍ସ ବୋଲି ଜିଲ୍ଲାପାଳ ପ୍ରଶଂସା କରିବା ସହ ସମସ୍ତ ଷ୍ଟାଫ୍ ମାନଂକୁ ନିଷ୍ଠାପର ଭାବେ ଜନସାଧାରଣମାନଙ୍କୁ ସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ଉପରିସ୍ତ ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ତାଙ୍କ ଉପରେ ନ୍ୟସ୍ତ ସରକାରୀ କାର୍ଯ୍ୟକୁ ନିଷ୍ଠା ଓ ନମ୍ରତାର ସହିତ ସମ୍ପାଦନ କରିଥିଲେ ବୋଲି ଶ୍ରୀ ଶୁକାନ୍ତ କୁମାର ଜେନା ମତବ୍ୟକ୍ତ କରିଥିଲେ ଓ ସରକାରୀ ସେବାକୁ ଅଗ୍ରାଧିକାର ଭିତିରେ ଉପରିସ୍ତ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଆଇନ ଅନୁଯାୟୀ କାର୍ଯ୍ୟ କରିବା ସହ ସମସ୍ତଙ୍କୁ ଉତମ ବ୍ୟବହାର ସହିତ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ଶ୍ରୀ ସାହୁ ସମସ୍ତ କର୍ମଚାରୀମାନଙ୍କୁ ଉପଦେଶ ଦେଇଥିଲେ ଓ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ମଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଶ୍ରୀ ସାହୁଙ୍କ କାର୍ଯ୍ୟକୁ ପ୍ରଶଂଶା କରିବା ସହ ତାଙ୍କ ଅବସର ପରବର୍ତୀ ଜୀବନ ସୁସ୍ଥ ଓ ନିରାମୟ କାମନା କରିଥିଲେ । ଏହି ଅବସରରେ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ଭାଗବତ ଗୀତା ପୁସ୍ତକ ସହ ବିଭିନ୍ନ ଉପହାର ଦେଇ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ରବୀନ୍ଦ୍ର ମଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଷ୍ଟାଫ୍ କମିଟିର ସଦସ୍ୟା/ସଦସ୍ୟ ଉପସ୍ଥିତ ଥିଲେ ଓ ପରିଶେଷରେ ଷ୍ଟାଫ୍ କମିଟିର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଜୟପୁର, ୧/୦୮ (ନି.ପ୍ର): ଜୟପୁର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ଜୟପୁର ତରଫରୁ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଜ୍ୟୋତି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜୟପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଶତପଥିଙ୍କୁ ଅବସରକାଳୀନ, ପ୍ରିୟମ୍ବଦା ପାତ୍ର ଏବଂ ବିଭାଗୀୟ ଅଧିକାରୀ ପଦ୍ମେଶ୍ୱର ବିଷୋୟୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜୟପୁରଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା ବିଭାଗୀୟ ଅଧିକାରୀ ରାଜେନ୍ଦ୍ର କୁମାର ପାରିହି, ଭାରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ.ଗୋପାଳ ଓ ସୋମନାଥ ଗାଦବାଙ୍କ ସମେତ ସାତ ଜଣ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଏହି ସଭାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସଂଘର ଉପଦେଷ୍ଟା ଲକ୍ଷ୍ମୀକାନ୍ତ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଉପଦେଷ୍ଟା ପି. ହରିଶ୍ଚନ୍ଦ୍ର ରାଓ ଏବଂ ଆଇନ ପରାମର୍ଶଦାତା ତ୍ରିନାଥ ସିଂ ଲାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାଥମିକ ଶିକ୍ଷକ ସଂଘ ର ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ମହିଳା ଉପାସଭାନେତ୍ରୀ ମମତା ମହାପାତ୍ର, କୋଷାଧକ୍ଷ ପୁରନ୍ଦର ନାୟକ, ଜ୍ୟୋତିରାଣୀ ପଣ୍ଡା, ସହ ସମ୍ପାଦକ ମନୋରଞ୍ଜନ ପଲାଇ, ଦୀପକ କୁମାର ଦାସ, ସାଗର ତ୍ରିପାଠୀ, ରଂଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅନ୍ଧବିଶ୍ୱାସ ଦୁଇ ଯୁବକଙ୍କୁ ମହଙ୍ଗା ପଡିଲା

ଜୟପୁର, ୧/୦୮ (ନି.ପ୍ର): ବିଜ୍ଞାନ ଯୁଗରେ ବି ଅନ୍ଧ ବିଶ୍ୱାସ ଭରପୁର ରହିଥିବା ଆଜି ଦେଖିବାକୁ ମିଳିଛି କ୍ଷ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଇଲାକାରେ ଭରପୁର ହୋଇ ରହିଛି ଅନ୍ଧବିଶ୍ୱାସ ଓ ଏମିତି ଏକ ଅନ୍ଧବିଶ୍ୱାସ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ରାଣ୍ଡାପାଲି ପଂଚାୟତ ଅନ୍ତର୍ଗତ ପାତ୍ରଗୁଡ଼ା ଗାଁରେ । ଘଟଣାଟି ହେଉଛି ଯେ, ଦୁଇଟି କାଉର ମିଳନ ଦେଖିବା ଦୁଇ ଯୁବକଙ୍କ ପାଇଁ ମହାଙ୍ଗା ପଡ଼ିଥିଲା ଓ ଯାହାକି ଆଦିବାସି ପରମ୍ପରାର କଟକଣାର ଶିକାର ହୋଇଛନ୍ତି ଦୁଇ ଯୁବକ । ଅନ୍ଧବିଶ୍ୱାସ ସ୍ଥାପିତ କରିବା ପାଇଁ ପ୍ରଥମେ ଗାଆଁରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରି ମୃତ୍ୟୁ ପରେ ଯେପରି ରୀତିନୀତି ଅନୁସାରେ ଶବ ସତ୍କାର କରାଯାଏ ସେଇ ପ୍ରକ୍ରିୟାରେ ମୃତଦେହ ବଦଳରେ ପ୍ରତିକାତ୍ମକ କୁଶ ପୁତଳିକାକୁ କୋକେଇରେ ନେଇ ଯାଉଥିବା ଦୃଶ୍ୟ ଏବେ ମୋବାଇଲ ରୁ ମୋବାଇଲକୁ ଭାଇରାଲ ହେବାରେ ଲାଗିଛି । କୋରାପୁଟ ଜିଲ୍ଲା ଜୟପୁର ସହର ଠାରୁ ମାତ୍ର ୧୦ କି.ମି. ଦୂରରେ ଏପରି ଘଟଣା ଘଟିଥିବା ଜଣାଯାଇଛି ଓଏପରିକି ଗାଁ ଲୋକେ ଯାଇ ସବ ସତ୍କାର କରି ଘରକୁ ଫେରିଛନ୍ତି । ଶୁଦ୍ଧିକ୍ରିୟା ପରେ ପରିବାର ଓ ସମ୍ପର୍କୀୟ ପିତା ଖାଇଛନ୍ତି । ପରେ ବାହାରେ ଥିବା ଦୁଇ ଯୁବକଙ୍କୁ ଘରକୁ ଅଣାଯାଇଛି ଓ ହେଲେ ଆଦିବାସୀ ସମ୍ପ୍ରଦାୟରେ ବିଶ୍ୱାସ ଯେ, ଦୁଇ କାଉଙ୍କ ମିଳନ ଦେଖିଲେ ଅତ୍ୟନ୍ତ ଅଶୁଭ, ଏପରିକି ଏପରି ଦୃଶ୍ୟ ଦେଖିଥିବା ଲୋକର କାଳେ ମୃତ୍ୟୁ ହୋଇଯାଏ ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ଜୟପୁର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର, ୧/୦୮ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ଜୟପୁର ଶାଖା ପକ୍ଷରୁ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ବିଭିନ୍ନ ଦାବି ପୁରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି କ୍ଷ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ଜୟପୁର ଶାଖାର ସଭାପତି ଭାରତୀ ହୋତା ଓ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ଜୟପୁର ଶାଖାର ସମ୍ପାଦକ ଭାଗିରଥି ବାରିକଙ୍କ ଆହ୍ୱାନ କ୍ରମେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ଛୁଟି ପରେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୋଗଦାନ କରିଥିଲେ ଓ ସମସ୍ତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଢ଼ିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# କର୍ମକ୍ଷେତ୍ରରେ ଯୌନ ଶୋଷଣ ସଂପର୍କୀତ କର୍ମଶାଳା

ବଲାଙ୍ଗୀର, ୧/୦୮ (ନି.ପ୍ର): ମହିଳାମାନେ ଆମ ସମାଜର ସଂରକ୍ଷକ । ସେମାନଙ୍କ ସୁରକ୍ଷା ଓ ନିରାପତା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ବଳିଷ୍ଠ ଯୋଗଦାନ ହିଁ କୌଣସି ସମାଜର ଭୂୟୋବିକାଶର ପ୍ରଥମ ସୋପାନ । ଏଥିରେ ବ୍ୟତିକ୍ରମ କିନ୍ତୁ ଗ୍ରହଣୀୟ ନୁହେଁ । ତାଙ୍କୁ ବିଭିନ୍ନ ଅନାଚାରରୁ ରକ୍ଷା କରିବା ସଭ୍ୟ ସମାଜର ଦାୟିତ୍ୱ । ଏ ନେଇ ଏକ କର୍ମଶାଳା ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଆଇସିସି ବା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଚେୟାରମ୍ୟାନ ଡ. ଅର୍ପିତା ବେହେରାଙ୍କ ଆହ୍ୱାନ କ୍ରମେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଶୋଷଣର ପ୍ରତିବିଧାନ ସଂପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷ ଡଃ ଅରବିନ୍ଦ କୁମାର ଓଝା ସଭାପତିତ୍ୱ କରିଥିବା ବେଳେ ଡି.ଏସ.ପି ଶ୍ରୀମତୀ ତରାବତୀ ପ୍ରଧାନ ମୁଖ୍ୟବକ୍ତା ଏବଂ ଆଇସିସି ପ୍ରୀଜାଇଡିଂ ଅଫିସର ଭାରତୀ ନାଏକ ବିଶିଷ୍ଟ ବକ୍ତା ଭାବରେ ଯୋଗଦାନ କରିଥିଲେ । ବିଶେଷକରି ଛାତ୍ରୀ ତଥା କର୍ମଜୀବୀ ମହିଳାଙ୍କ ପ୍ରତି ଘଟୁଥିବା ଯୌନ ଶୋଷଣର ସଂଜ୍ଞା ନିରୂପଣ କରିଥିଲେ । ଏ ନେଇ ପ୍ରଚଳିତ ଆଇନର କାର୍ଯ୍ୟକାରିତା ତଥା ବିଭିନ୍ନ ଦଣ୍ଡବିଧାନ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । କର୍ମଶାଳାରେ ବହୁସଂଖ୍ୟାରେ ଛାତ୍ରୀମାନେ ଉପସ୍ଥିତ ରହି ଥିବାବେଳେ ଅଧ୍ୟାପକ ଅଧ୍ୟାପିକାମାନେ ଏଦିଗରେ ସହଯୋଗ କରିଥିଲେ ।

# କାହିଁକି ଜନ୍ମ ହେବା ପରେ ଶିଶୁର କାନ୍ଦିବାକୁ ଅପେକ୍ଷା କରିଥା'ନ୍ତି ଡାକ୍ତର ? କ'ଣ କୁହେ ଡାକ୍ତରୀ ବିଜ୍ଞାନ ?



କୁହନ୍ତି ମହିଳା ସେତେବେଳେ ସମ୍ପୂର୍ଣ୍ଣ ହୁଅନ୍ତି ଯେତେବେଳେ ସେ ମା' ଡାକ ଶୁଣନ୍ତି । ମା'ହେବାର ସ୍ୱପ୍ନ ପ୍ରତ୍ୟେକ ମହିଳାଙ୍କର ଥାଏ । ଜଣେ ନାରୀ ୯ ମାସ ଅସହ୍ୟ କଷ୍ଟ ସହି ଯେତେବେଳେ ପିଲାକୁ ଜନ୍ମ ଦିଏ କୁଆଁ କୁଆଁ କାନ୍ଦ ଶୁଣିବା ମାତ୍ରେ ନିମିଷକରେ ତା'ର କଷ୍ଟ କେଉଁଠି ଉଭେଇଯାଏ । ସେଥିପାଇଁ ତ କୁହାଯାଏ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ । ଛୁଆର ପ୍ରଥମ କାନ୍ଦ ପ୍ରତିଟି ମା' ପାଇଁ ଖାସ୍ ହୋଇଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି ଯେ ପିଲା କାହିଁକି କାନ୍ଦେ ? ଏହାଦ୍ୱାରା ଡାକ୍ତର କିପରି ବୁଝିଥା'ନ୍ତି ଯେ ପିଲା ଠିକ୍ ଅଛି ?

ଜନ୍ମ ପରେ ତ ପିଲା ନିଜେ ନିଶ୍ୱାସ ନେବା ଆରମ୍ଭ କରିଦିଏ କିନ୍ତୁ ଜନ୍ମ ପୂର୍ବରୁ ମାଆ ପେଟରେ ଥିଲାବେଳେ ଛୁଆଟି କିପରି ଜୀବିତ ରହେ ? ସେ ନା ତ ନିଶ୍ୱାସ ନିଏ, ନା ହିଁ କଥା କହେ, ତଥାପି ତାହାର ଶରୀରକୁ ଯାହା ଦରକାର ଥାଏ, ତାହା ସବୁ କିପରି ମିଳେ ? ଏହି ପ୍ରଶ୍ନର ଉତ୍ତର ପ୍ରତ୍ୟେକ ମାତାପିତାଙ୍କୁ ଜାଣିବା ଉଚିତ । ମାଆ ପେଟରେ ଥିବାବେଳେ ଶିଶୁର ଶରୀର ଧୀରେ ଧୀରେ ବାହାରର ଦୁନିଆ ପାଇଁ ପ୍ରସ୍ତୁତ ହୋଇଥାଏ । କିନ୍ତୁ ଏହି ସମୟରେ ଶିଶୁର ଜୀବନ ବଞ୍ଚିବାର ଉପାୟ ଟିକେ ଭିନ୍ନ ହୋଇଥାଏ । ତା'ର ପ୍ରତ୍ୟେକ ଜିନିଷର ଯତ୍ନ ମାଆର ଶରୀର ଉପରେ ନିର୍ଭର କରେ । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ , ଡାକ୍ତର କୁହନ୍ତି ଯେ ଗର୍ଭରେ ପିଲା ନିଜ ଫୁସଫୁସର ବ୍ୟବହାର କରେନାହିଁ । ତାହାକୁ ଯେଉଁ ଅମ୍ଳଜାନ ଦରକାର ହୋଇଥାଏ, ତାହା ପ୍ଲେସେଣ୍ଟା ମାଧ୍ୟମରେ ହିଁ ମିଳିଥାଏ । ମାଆର ରକ୍ତରେ ଯେଉଁ ଅମ୍ଳଜାନ ଥାଏ, ତାହା Placenta ଏବଂ ଗର୍ଭନଳୀ ମାଧ୍ୟମରେ ହିଁ ପିଲା ପାଖରେ ପହଞ୍ଚିଥାଏ । ଗର୍ଭନଳୀ ଅର୍ଥାତ୍ umbilical cord ର ଭୂମିକା ଏଠାରେ ମୁଖ୍ୟ ହୋଇଥାଏ । ଏହା ନା କେବଳ ଅମ୍ଳଜାନ ବରଂ ଖାଦ୍ୟ ଏବଂ ରୋଗରୁ ବଞ୍ଚାଇବା ପାଇଁ ଆଣ୍ଟିବଡି ମଧ୍ୟ ପିଲାକୁ ଦେଇଥାଏ । ଡାକ୍ତର ଅକ୍ଷୟ ବୁଧରାଜା କହିଛନ୍ତି ଯେ ଯଦି କୌଣସି କାରଣରୁ umbilical cord ରେ ଅମ୍ଳଜାନର ମାତ୍ରା କମ ହୋଇଯାଏ ତେବେ ଏହାକୁ ଫିଟଲ ହାଇପୋକ୍ସିଆ କୁହାଯାଏ । ଏହାଦ୍ୱାରା ପିଲାର ମସ୍ତିଷ୍କ, ହୃଦୟ ଏବଂ ଶରୀରର ଅନ୍ୟ ଅଂଶ ଉପରେ ଖରାପ ପ୍ରଭାବ ପକାଇପାରେ । ଅମ୍ଳଜାନର ଅଭାବରୁ ପିଲାର ବିକାଶ ଅଟକିପାରେ । ଡେଲିଭରୀ ସମୟରେ ଅସୁବିଧା ହୋଇପାରେ ।





ଡାକ୍ତର କୁହନ୍ତି ଯେ ଜନ୍ମର କିଛି ସେକେଣ୍ଡ ଅର୍ଥାତ୍ ୮ ସେକେଣ୍ଡ ପରେ ପିଲା ପ୍ରଥମ ଥର ପାଇଁ ନିଶ୍ୱାସ ନିଏ । ଏହି ପ୍ରକ୍ରିୟା ତାହାର ଫୁସଫୁସରେ ପବନ ଭରିବା ପାଇଁ ବହୁତ ଜରୁରି ହୋଇଥାଏ । ପିଲାର କାନ୍ଦିବା ଏହି କଥାର ସଙ୍କେତ ଦେଇଥାଏ ଯେ ତାହାର ଫୁସଫୁସ କାମ କରିବା ଆରମ୍ଭ କରିଦେଇଛି । ଯଦି ପିଲା କାନ୍ଦେନାହିଁ ତେବେ ଡାକ୍ତର ତୁରନ୍ତ ତାହାର ଯାଞ୍ଚ କରନ୍ତି । ଡାକ୍ତର କୁହନ୍ତି ଯେ ଆମେ ମେସିନଦ୍ୱାରା ପିଲାର ପାଟି ଏବଂ ନାକ ସଫା କରିଥାଉ । ତାହାକୁ ଅମ୍ଳଜାନ ଦେଇଥାଉ ଏବଂ ଦରକାର ପଡିଲେ ଉଚଜ ମଧ୍ୟ ଦେଇଥାଉ ।

ନର୍ମାଲ ଡେଲିଭରୀରେ ପିଲା ଯେତେବେଳେ ଜନ୍ମ ହୁଏ ତାହାର ଛାତି ଉପରେ ଟିକେ ଚାପ ପଡ଼ିଥାଏ, ଯେଉଁଥିପାଇଁ ତାହାର ଫୁସଫୁସରେ ଥିବା ପାଣି ବାହାରିଯାଏ । କିନ୍ତୁ ସିଜେରିୟନ ଯାହାକୁ C-section ଡେଲିଭରୀ ମଧ୍ୟ କୁହାଯାଏ, ସେଥିରେ ଏମିତି ହୋଇନଥାଏ । ସେଥିପାଇଁ କିଛି ପିଲାଙ୍କୁ ନିଶ୍ୱାସ ନେବାରେ ଟିକେ ଅସୁବିଧା ହୋଇପାରେ । ଯଦି ପିଲା ସମୟ ପୂର୍ବରୁ ଜନ୍ମ ହୋଇଯାଏ, ତେବେ ତାହାର ଫୁସଫୁସ ସମ୍ପୂର୍ଣ୍ଣ ରୂପେ ବିକଶିତ ହୋଇନଥାଏ । ସେଥିପାଇଁ ତାହାକୁ ନିଶ୍ୱାସ ନେବାରେ ଅସୁବିଧା ହୋଇପାରେ । ଏମିତି ପିଲାଙ୍କୁ ଅନେକ ଥର ଭେଣ୍ଟିଲେଟର କିମ୍ବା ଅମ୍ଳଜାନ ଥେରାପୀର ଦରକାର ପଡିଥାଏ । ଯଦି ମାଆଙ୍କୁ ଆସ୍ଥମା କିମ୍ବା ଫୁସଫୁସ୍ ସହିତ ଜଡ଼ିତ କୌଣସି ରୋଗ ଥାଏ, ତେବେ ଏହାର ପ୍ରଭାବ ପିଲାର ସ୍ୱାସ୍ଥ୍ୟ ଉପରେ ପଡ଼ିପାରେ ।

# ବୟସ ଲୁଚାଇ ଦେବ ପଇଡ଼ ପାଣି: ତ୍ୱଚା ପାଇଁ କେତେ ଉପକାରୀ ପଇଡ଼ ପାଣି ଜାଣନ୍ତୁ

**ନଡ଼ିଆ ପାଣି, ଯାହାକୁ ଆମେ 'ପଇଡ଼ ପାଣି' ବୋଲି କହିଥାଉ । ତେବେ ପଇଡ଼ ପାଣି କେବଳ ଶୋଷ ମେ୍ଂାଇବା ପାଇଁ ଏକ ସତେଜ ପାନୀୟ ନୁହେଁ, ବରଂ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ବରଦାନ ସଦୃଶ । ବିଶେଷକରି ତ୍ୱଚାରୁ ବାର୍ଦ୍ଧକ୍ୟର ଛାପ କମାଇବା ଏବଂ ଓଜନ ହ୍ରାସ କରିବାରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।**

ତ୍ୱଚା ପାଇଁ ନଡ଼ିଆ ପାଣିର ଅବଦାନ: ବୟସ ବଢ଼ିବା ସହିତ ଆମ ତ୍ୱଚାରେ କୁଞ୍ଚନ ଦେଖାଯିବା ଏକ ସାଧାରଣ ପ୍ରକ୍ରିୟା । କିନ୍ତୁ ନିୟମିତ ନଡ଼ିଆ ପାଣି ସେବନ ଦ୍ୱାରା ଏହି ପ୍ରକ୍ରିୟାକୁ ଧୀମା କରାଯାଇପାରିବ ।

ସାଇଟୋକାଇନିନର ଶକ୍ତି: ନଡ଼ିଆ ପାଣିରେ 'ସାଇଟୋକାଇନିନ୍' ନାମକ ଏକ ଉଦ୍ଭିଦ ହରମୋନ୍ ପ୍ରଚୁର ମାତ୍ରାରେ ମିଳିଥାଏ । ଏହି ତତ୍ତ୍ୱ କୋଷ ବିଭାଜନ ଏବଂ କୋଷର ପୁନର୍ଗଠନରେ ସାହାଯ୍ୟ କରେ । ଏହା ତ୍ୱଚାର କୋଷଗୁଡ଼ିକୁ ସୁସ୍ଥ ରଖିବା ସହ ବାର୍ଦ୍ଧକ୍ୟକୁ ରୋକିବାରେ ସହାୟକ ହୁଏ । ଏହା ଫଳରେ ତ୍ୱଚା ଅଧିକ ସମୟ ପର୍ଯ୍ୟନ୍ତ କୁଞ୍ଚନମୁକ୍ତ ଏବଂ ଯୁବସୁଲଭ ରହିଥାଏ ।



ପ୍ରାକୃତିକ ମଶ୍ଚରାଇଜର: ନଡ଼ିଆ ପାଣି ଶରୀରକୁ ଭିତରୁ ହାଇଡ୍ରେଟ୍ କରେ, ଯାହାର ସକାରାତ୍ମକ ପ୍ରଭାବ ଆମ ତ୍ୱଚା ଉପରେ ଦେଖିବାକୁ ମିଳେ । ପର୍ଯ୍ୟାପ୍ତ ଜଳୀୟଅଂଶ ଥିବା ତ୍ୱଚା ସର୍ବଦା ସତେଜ, ମସୃଣ ଏବଂ ଉଜ୍ଜ୍ୱଳ ଦେଖାଯାଏ । ଏହା ଶୁଷ୍କତାକୁ ଦୂର କରି ତ୍ୱଚାକୁ କୋମଳ ରଖେ ।

ଆଣ୍ଟିଅକ୍ସିଡାଣ୍ଟରେ ଭରପୂର: ଆମ ଶରୀରରେ ଥିବା ଫ୍ରି-ରାଡିକାଲ୍ସ ତ୍ୱଚାର କୋଲାଜେନ୍ ନଷ୍ଟ କରି କୁଞ୍ଚନ ସୃଷ୍ଟି କରନ୍ତି । ନଡ଼ିଆ ପାଣିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏହି ଫ୍ରି-ରାଡିକାଲ୍ସ ସହ ଲଢ଼ି ତ୍ୱଚାକୁ ସୁରକ୍ଷା ଦେଇଥାଏ ।

ଓଜନ ହ୍ରାସ ପାଇଁ ନଡ଼ିଆ ପାଣି: ଯଦି ଆପଣ ଓଜନ କମାଇବାକୁ ଚେଷ୍ଟା କରୁଛନ୍ତି, ତେବେ ନଡ଼ିଆ ପାଣି ଆପଣଙ୍କ ଡାଏଟ୍ ପାଇଁ ଏକ ଉତ୍ତମ ସାଥୀ ହୋଇପାରେ ।

କମ୍ କ୍ୟାଲୋରୀ: ଅନ୍ୟ ମିଠା ପାନୀୟ କିମ୍ବା ଫଳରସ ତୁଳନାରେ ନଡ଼ିଆ ପାଣିରେ କ୍ୟାଲୋରୀର ମାତ୍ରା ବହୁତ କମ୍ ଥାଏ । ତେଣୁ, ଏହାକୁ ପିଇବା ଦ୍ୱାରା ଓଜନ ବଢ଼ିବାର ଆଶଙ୍କା ନଥାଏ ।

ମେଟାବୋଲିଜିମ୍ ବୃଦ୍ଧି: ନଡ଼ିଆ ପାଣିରେ ଥିବା ବିଭିନ୍ନ ଏନଜାଇମ୍ ଏବଂ ପୋଟାସିୟମ୍ ପରି ଖଣିଜ ଲବଣ ହଜମ ପ୍ରକ୍ରିୟାକୁ ସୁଧାରିବା ସହ ଶରୀରର ମେଟାବୋଲିଜିମ୍ (ଚୟାପଚୟ କ୍ରିୟା) କୁ ବଢ଼ାଇଥାଏ । ଏକ ସୁସ୍ଥ ମେଟାବୋଲିଜିମ୍ ଅଧିକ କ୍ୟାଲୋରୀ ବର୍ଣ୍ଣ କରିବାରେ ସାହାଯ୍ୟ କରେ ।

ଭୋକ ନିୟନ୍ତ୍ରଣ: ନଡ଼ିଆ ପାଣି ପିଇବା ଦ୍ୱାରା ପେଟ ଅଧିକ ସମୟ ପର୍ଯ୍ୟନ୍ତ ଭରି ରହିଥିବାର ଅନୁଭବ ହୁଏ । ଏହା ବାରମ୍ବାର ଭୋକ ଲାଗିବାକୁ କମ୍ କରେ, ଯାହାଫଳରେ ଆପଣ ଅତ୍ୟଧିକ ଖାଇବାରୁ ବିରତ ରୁହନ୍ତି ।

ଶରୀରକୁ ଡିଟକ୍ସ କରେ: ଏହା ଏକ ଉତ୍ତମ ଡିଟକ୍ସ ପାନୀୟ ଭାବରେ କାର୍ଯ୍ୟ କରେ । ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ, ଯାହାଦ୍ୱାରା ଓଜନ ହ୍ରାସ ପ୍ରକ୍ରିୟା ସହଜ ହୋଇଥାଏ ।

କେତେବେଳେ ଏବଂ କିପରି ପିଇବେ ?: ସର୍ବୋତ୍ତମ ଫଳାଫଳ ପାଇଁ ସକାଳେ ଖାଲି ପେଟରେ ନଡ଼ିଆ ପାଣି ପିଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏହାଛଡ଼ା ବ୍ୟାୟାମ କରିବା ପୂର୍ବରୁ କିମ୍ବା ପରେ ମଧ୍ୟ ଏହାକୁ ପିଇଲେ ଶରୀରକୁ ତୁରନ୍ତ ଶକ୍ତି ମିଳିଥାଏ । ତେବେ, ଦିନକୁ ଗୋଟିଏ କିମ୍ବା ଦୁଇଟି ନଡ଼ିଆ ପାଣି ପିଇବା ଯଥେଷ୍ଟ । ତେଣୁ, ଆପଣଙ୍କ ଦୈନନ୍ଦିନ ଜୀବନଶୈଳୀରେ ଏହି ପ୍ରାକୃତିକ ଏବଂ ସ୍ୱାଦିଷ୍ଟ ପାନୀୟକୁ ସାମିଲ କରନ୍ତୁ ।

# ଏକୁଟିଆପଣ ନେଉଛି ଜୀବନ: ପ୍ରତିଘଣ୍ଟାରେ ଯାଉଛି ୧୦୦ଜଣଙ୍କ ଜୀବନ

ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି । ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀରେ କାହା ପାଖରେ କାହା ପାଇଁ ସମୟ ନାହିଁ । ସକାଳୁ ଉଠି ରାତି ପର୍ଯ୍ୟନ୍ତ ସମସ୍ତେ କେବଳ ଧାଉଁଛନ୍ତି । ପରସ୍ପରକୁ



ଟପିବାର ପ୍ରତିଯୋଗିତାରେ ପରସ୍ପରକୁ ହିଁ ଭୁଲି ଯାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୮୦୦ କୋଟି ଟପିଲାଣି ବିଶ୍ୱ ଜନସଂଖ୍ୟା, ତଥାପି କିଛି ମଣିଷ ଆଜି ଏକୁଟିଆ । ଘରଠୁ ନେଇ ରାସ୍ତାଘାଟ, ଅଫିସ, ସାଙ୍ଗସାଥିଙ୍କ ସହ ଖଟି ପରେ ବି କିଛି ମଣିଷ ଆଜି ନିଃସ୍ୱ । ଏକଥା ଆମେ କହୁନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗବେଷଣାରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ । ରିପୋର୍ଟ ଅନୁଯାୟୀ ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍‌ଲିନେସ୍ ବା ଏକୁଟିଆପଣ । ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ । ବିଶେଷ କରି ଯୁବବର୍ଗ ଏବଂ ନିମ୍ନ ମଧ୍ୟମ ଆୟ ଦେଶରେ ଏଭଳି ସମସ୍ୟା ଅଧିକ ଦେଖିବାକୁ ମିଳେ । ୩ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ଏବଂ ୪ ଜଣ କିଶୋରଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଛି ଏକୁଟିଆପଣ ।

# ଚନ୍ଦାପଣ ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଖୁସିଖବର, ଏହି ଉପାୟ କଲେ ଗହଳ ହେବ କେଶ !

କନକ ବ୍ୟୁରୋ: ଚନ୍ଦାପଣ ଭଳି ସମସ୍ୟା ଭୋଗୁଥିଲେ ହୁଅନ୍ତୁନି ନିରାଶ । ବୈଜ୍ଞାନିକ ଗବେଷଣାରୁ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି । କେଶର ଉପଯୁକ୍ତ ଯତ୍ନ ନେବା ଦ୍ୱାରା ଏହା ପୁଣିଥରେ ପୂର୍ବ ଅବସ୍ଥାକୁ ଫେରି ଆସିବ ବୋଲି ଗବେଷକ ଦଳ ଦାବି କରିଛନ୍ତି । ଷ୍ଟେମ୍ ସେଲ୍ ରିସର୍ଚ୍ଚ ଆଣ୍ଡ୍ ଥେରାପିରେ ପ୍ରକାଶିତ ଗବେଷଣାରେ କୁହାଯାଇଛି ଯେ ଏହି କେଶ ମୂଳ ଅର୍ଥାତ୍ ଫଲିକଲ୍ ଶରୀରର କିଛି ପ୍ରଣାଳୀ ସହିତ ମିଶି କାର୍ଯ୍ୟ କରିଥାନ୍ତି । ଯେତେବେଳେ ଏହି ପ୍ରଣାଳୀ କୌଣସି କାରଣରୁ ବାଧାପ୍ରାପ୍ତ ହୋଇଥାଏ, ସେତେବେଳେ କେଶ ଝଡ଼ିବା ଆରମ୍ଭ ହୋଇଥାଏ । ଯଦି ଏହି ପ୍ରଣାଳୀଗୁଡ଼ିକ ପୁଣି ଥରେ ସଠିକ୍ ଭାବରେ କାମ କରିବା ଆରମ୍ଭ କରନ୍ତି, ତେବେ ପୁଣିଥରେ କେଶ ପୂର୍ବ ଅବସ୍ଥାକୁ ଫେରି ଆସିବା ସମ୍ଭବ ।

- ♦ ଯତ୍ନ ନେଲେ ପୁଣିଥରେ ଫେରିଆସିବ ପୂର୍ବାବସ୍ଥା
- ♦ ଷ୍ଟେମ୍ ସେଲ୍ ରିସର୍ଚ୍ଚ ଆଣ୍ଡ୍ ଥେରାପିର ବଡ଼ ଦାବି
- ♦ କିଛି ଉପାୟ ଆପଣାଇଲେ କେଶ ହେବ ଗହଳ
- ♦ କେଶ ମୂଳ ଅର୍ଥାତ୍ କେଶ ଫଲିକଲ୍ ଦୁର୍ବଳ ହେଲେ ଝଡ଼ିଥାଏ କେଶ
- ♦ ପ୍ରଣାଳୀଗୁଡ଼ିକ ପୁଣି ଥରେ ସଠିକ୍ ଭାବରେ କାମ କଲେ ବଢେ କେଶ
- ♦ ଜିନ୍ ଏଡିଟିଂ କୌଶଳ ଏବଂ ଷ୍ଟେମ୍ ସେଲ୍ ଭଳି କୌଶଳର ସାହାଯ୍ୟ ନିଆଯାଇପାରିବ
- ♦ ଏହି ପଦ୍ଧତି ଏପର୍ଯ୍ୟନ୍ତ ଗବେଷଣା ପର୍ଯ୍ୟାୟରେ ରହିଛି
- ♦ ଆଗାମୀ ୨ବର୍ଷ ମଧ୍ୟରେ ମଣିଷ ଉପରେ ଏହାର ପରୀକ୍ଷଣ ଆରମ୍ଭ ହେବ
- ♦ ଯେତେବେଳେ କେଶ ଝଡ଼ିଥାଏ, ଏହାର ମୂଳ ଅର୍ଥାତ୍ ଫୋଲିକଲ୍ ମରେ ନାହିଁ
- ♦ ଫୋଲିକଲ୍ ଗୁଡ଼ିକ କେବଳ ନିଷ୍କ୍ରିୟ ହୋଇ ରହିଥାନ୍ତି
- ♦ ଏନେଇ ଅଧିକ ଗବେଷଣା ସଫଳତା ଆଣିଦେବ ବୋଲି ଆଶା ବୃଦ୍ଧି ହୋଇଛି



# ପାଟିରେ ବାରମ୍ବାର ଘା' ହେବା, ପେଟ ସମସ୍ୟା ନା' ଆଉ କ'ଣ ? କ'ଣ କୁହନ୍ତି ଡାକ୍ତର ?

ଏମ୍ସର ଗ୍ୟାଷ୍ଟ୍ରୋଲୋଜି ବିଭାଗର ପୂର୍ବତନ ଡାକ୍ତର ଅନନ୍ୟ ଗୁପ୍ତା କୁହନ୍ତି ଯେ ଯଦି ଆପଣଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ ଇମ୍ୟୁନ୍ ସିଷ୍ଟମ ଦୁର୍ବଳ ଅଛି ତେବେ ଏହା ବାରମ୍ବାର ଘା' ହେବାର ଏକ ବଡ଼ କାରଣ ହୋଇପାରେ । କିଛି ଅଟୋଇମ୍ୟୁନ୍ ରୋଗ ଯେପରିକି ଲୁପସ୍ କିମ୍ବା ବେହଚେଟ୍ ସିଣ୍ଡ୍ରୋମ୍ ଯାହା ଏକ ବିରଳ କିନ୍ତୁ ଗମ୍ଭୀର ଅଟୋଇମ୍ୟୁନ୍ ଏବଂ ଇନଫ୍ଲାମେଟୋରୀ ରୋଗ ଯାହା ଶରୀରର ରକ୍ତନଳୀଗୁଡ଼ିକରେ (ବ୍ଲଡ୍ ଭେସେଲ୍ସ) ପ୍ରଦାହ (ସଭଲକ୍ଷବଙ୍କଙ୍କବସ୍ରସକ୍ଟଭ) ସୃଷ୍ଟି କରେ । ଏହି ରୋଗ ଶରୀରର ଅନେକ ଅଂଶକୁ ଏକ ସମୟରେ ପ୍ରଭାବିତ କରିପାରେ - ଯେପରିକି ମୁହଁ, ଆଖି, ଚର୍ମ, ଯୌନାଙ୍ଗ, ଗଣ୍ଠି ଏବଂ ବେଳେବେଳେ ମସ୍ତିଷ୍କ ଓ ପାଚନ ତନ୍ତ୍ର । ଅଟୋଇମ୍ୟୁନ୍ ରୋଗ ମଧ୍ୟ ବାରମ୍ବାର ମୁହଁରେ କ୍ଷତ କିମ୍ବା ଘା'ର କାରଣ ହୋଇପାରେ । ଏହା ସହିତ ଲଗାତାର ଥକ୍କା ଲାଗିବା, ଦୁର୍ବଳତା କିମ୍ବା ବାରମ୍ବାର ଅସୁସ୍ଥ ହେବା ମଧ୍ୟ ଏହି ଅସୁବିଧାର ସଙ୍କେତ ହୋଇପାରେ । ଯେତେବେଳେ ପେଟରେ ଗ୍ୟାସ୍, କୋଷ୍ଠକାଠିନ୍ୟ କିମ୍ବା ଏସିଡିଟି ବାରମ୍ବାର ହୁଏ ସେତେବେଳେ ଏହାର ପ୍ରଭାବ ମୁହଁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡ଼େ । ଅଧିକ ଏସିଡ୍ ସୃଷ୍ଟି ହେବା ଦ୍ୱାରା ଶରୀରରେ ଗରମ ବଢ଼ିଥାଏ ଯେଉଁଥିପାଇଁ ମୁହଁରେ ଜ୍ୱାଳା ଏବଂ ଘା' ହୋଇପାରେ । ଭୁଲ୍ ଖାଦ୍ୟପେୟ, ବିଳମ୍ବରେ ଖାଇବା ଏବଂ ମସଲାଯୁକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ ହୋଇପାରେ । ଦୀର୍ଘ ସମୟ ଧରି ଲାଗି ରହିଥିବା ପାଚନ ସମସ୍ୟା ମଧ୍ୟ ମୁହଁରେ ଘା'କୁ ବାରମ୍ବାର ବାହାରିବାର କାରଣ ହୋଇପାରେ



। ଭିଟାମିନ୍ ଈ୧୨, ଆଇରନ୍ ଏବଂ ଫୋଲିକ୍ ଏସିଡର ଅଭାବ ମଧ୍ୟ ମୁହଁରେ ବାରମ୍ବାର ଘା' ହେବାର ଏକ ବଡ଼ କାରଣ ହୋଇଥାଏ । ଯେତେବେଳେ ଶରୀରକୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳେ ନାହିଁ, ସେତେବେଳେ ଟିସୁଗୁଡ଼ିକର ମରାମତି କମ୍ ହୋଇଯାଏ । ଯେଉଁଥିପାଇଁ ଘା' ଶୀଘ୍ର ଭଲ ହୁଏ ନାହିଁ ଏବଂ ବାରମ୍ବାର ସମସ୍ୟା ଉପୁଜିପାରେ । ଯଦି ଘା' ଏକରୁ ଦୁଇ ସପ୍ତାହ ମଧ୍ୟରେ ଠିକ୍ ହେଉନାହିଁ କିମ୍ବା ବାରମ୍ବାର ଗୋଟିଏ ସ୍ଥାନରେ ହେଉଛି ବା ଖାଇବା ପିଇବାରେ ଅସୁବିଧା ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ବେଳେବେଳେ ଏହା ମୁଖ କର୍କଟ କିମ୍ବା ଗମ୍ଭୀର ସଂକ୍ରମଣର ମଧ୍ୟ ସଙ୍କେତ ହୋଇପାରେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ମାମଲା ବିଚାରରେ ବିଳମ୍ବ: ଏକ ବିଶ୍ଲେଷଣ

'ନ୍ୟାୟରେ ବିଳମ୍ବ ଅର୍ଥ ନ୍ୟାୟର ପ୍ରତ୍ୟାଖ୍ୟାନ।' ଦୀର୍ଘ ସମୟ ଧରି ମାମଲା ଗୁଡ଼ିକର ନିଷ୍ପତ୍ତି ନ ହେବା ଅନେକ ସମୟରେ ଲୋକଙ୍କୁ ଅଦାଲତର ଦ୍ୱାରସ୍ଥ ହେବାରୁ ନିବୃତ୍ତ କରିଥାଏ । ଭାରତ ପାଇଁ ଏହା ଏକ ଚିରନ୍ତନ ସମସ୍ୟା ହୋଇ ରହିଆସିଛି, କିନ୍ତୁ ବର୍ତ୍ତମାନ ଏହାର ପରିସର ଅତ୍ୟନ୍ତ ଚିନ୍ତାଜନକ ସ୍ତରରେ ପହଞ୍ଚିଛି। ସର୍ବୋଚ୍ଚ ନ୍ୟାୟାଳୟରେ ୮୬,୭୦୦ରୁ ଅଧିକ ମାମଲା ବିଚାରାଧୀନ ଥିବାବେଳେ, ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୬୩.୩ ଲକ୍ଷରୁ ଅଧିକ ଏବଂ ଜିଲ୍ଲା ତଥା ଅଧୀନସ୍ଥ ଅଦାଲତଗୁଡ଼ିକରେ ୪.୬ କୋଟି ମାମଲା ବିଚାରାଧୀନ ରହିଛି । ସମୁଦାୟରେ, ଭାରତରେ ବିଚାରାଧୀନ ମାମଲା ସଂଖ୍ୟା ୫ କୋଟିରୁ ଅଧିକ ହୋଇଛି, ଯାହା ଦେଶର ନ୍ୟାୟ ବ୍ୟବସ୍ଥା ଉପରେ ଏକ ବିରାଟ ବୋଝ ସୃଷ୍ଟି କରିଛି।

ନ୍ୟାୟିକ ପ୍ରକ୍ରିୟାର ମୁଖ୍ୟ ଅଭିନେତାମାନେ – ବିଚାରପତି, ଓକିଲ, ମକଦ୍ଦମାକାରୀ ଏବଂ ସାକ୍ଷୀ – ସାଧାରଣତଃ ସଦ୍ଭାବନା ଏବଂ ଯୁକ୍ତିଯୁକ୍ତ ଉଦ୍ଦେଶ୍ୟରେ କାର୍ଯ୍ୟ କରନ୍ତି, ତଥାପି ସେମାନଙ୍କ କାର୍ଯ୍ୟରେ ଅନେକ ଗଠନମୂଳକ ବାଧା, ପ୍ରକ୍ରିୟାଗତ ବିଳମ୍ବ ଏବଂ ବ୍ୟବସ୍ଥାଗତ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ। ମାମଲା ସମାଧାନରେ ଏହି ପ୍ରତିବନ୍ଧକଗୁଡ଼ିକ ଅନେକ ପରସ୍ପର ସମ୍ବନ୍ଧିତ କାରକରୁ ଉତ୍ପନ୍ନ ହୁଏ, ଯେପରିକି ଅପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ଅଦାଲତ କର୍ମଚାରୀ, ଜଟିଳ ମାମଲାଗୁଡ଼ିକର ତଥ୍ୟ, ପ୍ରମାଣର ପ୍ରକୃତି ଏବଂ ମୁଖ୍ୟ ଅଂଶୀଦାରମାନଙ୍କ ସହଯୋଗର ଅଭାବ। ବିଳମ୍ବକୁ ଆହୁରି ବଢ଼ାଉଥିବା ଅନ୍ୟାନ୍ୟ କାରଣଗୁଡ଼ିକ ମଧ୍ୟରେ ବିଭିନ୍ନ ପ୍ରକାରର ମାମଲା ପାଇଁ ନିର୍ଦ୍ଦିଷ୍ଟ ସମୟସୀମାର ଅଭାବ, ବାରମ୍ବାର ମାମଲା ସ୍ଥଗିତ ରଖିବା (adjournments), ଏବଂ ମାମଲାଗୁଡ଼ିକୁ ଟ୍ରାକ୍ କରିବା ତଥା ଶୁଣାଣି ପାଇଁ ଏକତ୍ର କରିବା ପାଇଁ ଦୁର୍ବଳ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏକ ପ୍ରମୁଖ କାରଣ ହେଉଛି ପ୍ରଭାବଶାଳୀ ମାମଲା ପରିଚାଳନା ଏବଂ କାର୍ଯ୍ୟସୂଚୀର ଅଭାବ, ଯେଉଁଥିରେ ଆବେଦନପତ୍ର ଦାଖଲ କରିବା, ସାକ୍ଷୀ ପରୀକ୍ଷା କରିବା, କିମ୍ବା ଶୁଣାଣି ପାଇଁ କୌଣସି ସ୍ପଷ୍ଟ ସମୟସୀମା ନାହିଁ । ଭାରତୀୟ ଅଦାଲତଗୁଡ଼ିକରେ ନ୍ୟାୟ ପ୍ରଦାନର ସମୟସୀମା ବିଶ୍ଳେଷଣ କଲେ ଅଦାଲତ ସ୍ତର ଏବଂ ମାମଲା ପ୍ରକାର ଅନୁଯାୟୀ ଏକ ବଡ଼ ଧରଣର ବିଭିନ୍ନତା ଦେଖିବାକୁ ମିଳେ । ରାଜ୍ୟ ବିରୋଧରେ ଅପରାଧ ଭାବରେ ବିବେଚନା କରାଯାଉଥିବା ଫୌଜଦାରୀ ମାମଲାଗୁଡ଼ିକ, ସମ୍ପତ୍ତି, ପରିବାର କିମ୍ବା ଚୁକ୍ତିନାମା ବିବାଦ ଭଳି ଦେୱାନୀ ମାମଲାଗୁଡ଼ିକ ଅପେକ୍ଷା ପ୍ରତ୍ୟେକ ସ୍ତରରେ ଶୀଘ୍ର ସମାଧାନ ହୋଇଥାଏ । ଉଚ୍ଚ ନ୍ୟାୟାଳୟଗୁଡ଼ିକ ଏକ ବର୍ଷ ମଧ୍ୟରେ ୮୫.୩% ଫୌଜଦାରୀ ମାମଲାର ନିଷ୍ପତ୍ତି କରିବାରେ ଆଗୁଆ ରହିଛନ୍ତି, ଏହା ପରେ ସର୍ବୋଚ୍ଚ ନ୍ୟାୟାଳୟ ୭୯.୫% ଏବଂ ଜିଲ୍ଲା ଅଦାଲତଗୁଡ଼ିକ ୭୦.୬% ରହିଛନ୍ତି। ପ୍ରକୃତ ଚିନ୍ତା ଜିଲ୍ଲା ସ୍ତରରେ ଦେୱାନୀ ମାମଲାଗୁଡ଼ିକରେ ରହିଛି, ଯାହା ଭାରତର ଅଧିକାଂଶ ବିଚାରାଧୀନ ମାମଲାକୁ ପରିଚାଳନା କରେ। ଏଠାରେ କେବଳ ୩୮.୭% ଦେୱାନୀ ମାମଲା ଏକ ବର୍ଷ ମଧ୍ୟରେ ସମାଧାନ ହୋଇଥାଏ, ଏବଂ ପ୍ରାୟ ୨୦% ମାମଲା ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଚାଲିଥାଏ । ଏହାର ଅର୍ଥ ହେଉଛି ଯେଉଁ ଅଦାଲତଗୁଡ଼ିକ ଅଧିକାଂଶ ମକଦ୍ଦମାକାରୀଙ୍କୁ ସେବା ଯୋଗାନ୍ତି, ସେମାନେ ସମୟୋଚିତ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ସର୍ବନିମ୍ନ ସୁସଜ୍ଜିତ ଅଟନ୍ତି ।

ନ୍ୟାୟପାଳିକା ଏବଂ ସରକାର ନିରନ୍ତର ବିଭିନ୍ନ ସଂସ୍କାର ଆଣୁଥିଲେ ମଧ୍ୟ, ନ୍ୟାୟିକ ବିଳମ୍ବର ଏକ ପ୍ରମୁଖ ବ୍ୟବସ୍ଥାଗତ କାରଣ ହେଉଛି ଅଦାଲତଗୁଡ଼ିକରେ ବିଚାରପତିମାନଙ୍କ ମଞ୍ଜୁରୀପ୍ରାପ୍ତ ଏବଂ ପ୍ରକୃତ ସଂଖ୍ୟା ମଧ୍ୟରେ ଲଗାତାର ବ୍ୟବଧାନ। ଭାରତର ନ୍ୟାୟପାଳିକା ଏହାର କ୍ଷମତାର ମାତ୍ର ୭୯% ରେ କାର୍ଯ୍ୟ କରୁଛି । ୨୬,୯୨୭ ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୫,୬୬୫ଟି ଖାଲି ପଡ଼ିଛି, ଯାହା ଫଳରେ କାର୍ଯ୍ୟଭାର ଅତ୍ୟଧିକ ବୃଦ୍ଧି ପାଇଛି । ଜିଲ୍ଲା ଏବଂ ଅଧୀନସ୍ଥ ଅଦାଲତଗୁଡ଼ିକ, ଯାହା ଅଧିକାଂଶ ମାମଲା ପରିଚାଳନା କରନ୍ତି, ସେମାନଙ୍କର ମାତ୍ର ୨୫,୭୭୧ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ରହିଛି, ଯାହା ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ହାରାହାରି ୧୮ ଜଣ ବିଚାରପତି । ଭାରତରେ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୧୫ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି । ସମସ୍ତ ଅଦାଲତରେ ସମ୍ପୂର୍ଣ୍ଣ ମଞ୍ଜୁରୀପ୍ରାପ୍ତ ସଂଖ୍ୟାରେ ବିଚାରପତି ନିଯୁକ୍ତ ହେଲେ ମଧ୍ୟ, ଏହା ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୧୯ ଜଣ ବିଚାରପତିରେ ପହଞ୍ଚିବ – ଯାହା ୧୯୮୭ର ଆଇନ ଆୟୋଗର ୫୦ ଜଣ ବିଚାରପତିଙ୍କ ସୁପାରିଶ ଠାରୁ ବହୁତ କମ୍ । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆମର ନ୍ୟାୟ ବ୍ୟବସ୍ଥା ମୌଳିକ ଭାବରେ ମାନବ ସମ୍ବଳର ଅଭାବର ସମ୍ମୁଖୀନ ହେଉଛି।

ବ୍ୟାପକ ଆଇନଗତ ଏବଂ ପ୍ରକ୍ରିୟାଗତ ସଂସ୍କାର ସହିତ, ବିକଳ୍ପ ବିବାଦ ସମାଧାନ (Alternative Dispute Resolution - ADR) ପାରମ୍ପରିକ ଅଦାଲତଗୁଡ଼ିକ ଉପରେ ଥିବା ବୋଝକୁ ହ୍ରାସ କରିବା ଏବଂ ଶୀଘ୍ର, ଅଧିକ ସୁଲଭ ଏବଂ ନାଗରିକ-ଅନୁକୂଳ ନ୍ୟାୟ ପ୍ରଦାନ କରିବା ପାଇଁ ଏକ ଆଶାବାଦୀ ମାର୍ଗ ପ୍ରଦାନ କରେ । ମଧ୍ୟସ୍ଥତା (mediation), ସାଲିସ (arbitration), ଏବଂ ଲୋକ ଅଦାଲତ ଭଳି ବ୍ୟବସ୍ଥାଗୁଡ଼ିକ ପାରମ୍ପରିକ ଅଦାଲତ ବାହାରେ ବିବାଦର ସମାଧାନ ପାଇଁ ନମନୀୟ ବିକଳ୍ପ ପ୍ରଦାନ କରନ୍ତି । ୨୦୨୧ ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ, ଜାତୀୟ ଲୋକ ଅଦାଲତଗୁଡ଼ିକର ସଫଳତା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି, ଯାହା ସମସ୍ତ ତାଲୁକ, ଜିଲ୍ଲା ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଏକକାଳୀନ ଆୟୋଜିତ ହୋଇଥାଏ । ଏହି ସମୟ ମଧ୍ୟରେ, ସେମାନେ ୨୭.୫ କୋଟିରୁ ଅଧିକ ମାମଲାର ସମାଧାନ କରିଛନ୍ତି, ଯେଉଁଥିରେ ୨୨.୨୧ କୋଟି ମାମଲା ମକଦ୍ଦମା ପୂର୍ବରୁ ଏବଂ ୫.୩୪ କୋଟି ବିଚାରାଧୀନ ଅଦାଲତ ମାମଲା ଅନ୍ତର୍ଭୁକ୍ତ । ଏହି ତଥ୍ୟ ଇଉଜ ବ୍ୟବସ୍ଥାର ପ୍ରଭାବଶାଳୀତାକୁ ଦର୍ଶାଉଛି ଏବଂ ଭାରତରେ ନ୍ୟାୟ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏହାର ସାମର୍ଥ୍ୟକୁ ପ୍ରମାଣିତ କରୁଛି।

ଭାରତର ନ୍ୟାୟ ବ୍ୟବସ୍ଥାରେ ବିଚାରାଧୀନ ମାମଲାଗୁଡ଼ିକର ବିରାଟ ସଂଖ୍ୟା କେବଳ ଏକ ପରିସଂଖ୍ୟାନ ନୁହେଁ । ନ୍ୟାୟ ପ୍ରଦାନରେ ବିଳମ୍ବ ସାମାଜିକ ସ୍ଥିରତା ଏବଂ ଆର୍ଥିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଏହି ସମସ୍ୟାର ସମାଧାନ ପାଇଁ ଏକ ସମନ୍ୱିତ ଏବଂ ବହୁମୁଖୀ ଦୃଷ୍ଟିକୋଣର ଆବଶ୍ୟକତା ରହିଛି। ବିଚାରପତିମାନଙ୍କର ଖାଲି ପଦବୀ ପୂରଣ କରିବା, ଅଦାଲତର ଭିତ୍ତିଭୂମିରେ ଉନ୍ନତି ଆଣିବା, ଆଧୁନିକ ମାମଲା ପରିଚାଳନା ପ୍ରଣାଳୀ ଆପଣାଇବା, ଏବଂ ଇଉଜ ବ୍ୟବସ୍ଥାକୁ ଅଧିକ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପଗୁଡ଼ିକ ଏକ ସୁଦୃଢ଼ ତଥା ଦକ୍ଷ ନ୍ୟାୟ ବ୍ୟବସ୍ଥା ଗଠନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା କେବଳ 'ନ୍ୟାୟରେ ବିଳମ୍ବ'କୁ ହ୍ରାସ କରିବ ନାହିଁ, ବରଂ ପ୍ରତ୍ୟେକ ନାଗରିକଙ୍କ ପାଇଁ 'ନ୍ୟାୟର ପ୍ରାପ୍ତି' ସୁନିଶ୍ଚିତ କରିବ। ଏହି ସମସ୍ୟାକୁ ସମାଧାନ କରିବା ଦିଗରେ ସରକାର, ନ୍ୟାୟପାଳିକା ଏବଂ ସମାଜର ପ୍ରତ୍ୟେକ ବର୍ଗରୁ ସହଯୋଗ ଏବଂ ସମର୍ପଣ ଭାବନା ଅତ୍ୟାବଶ୍ୟକ।

## 'ଇତି' ତୁମ ରେବତୀ



**ଶ୍ରୀବତ୍ସ ନାୟକ**

ସମ୍ମାନନୀୟ ବ୍ୟାସ(ବ୍ୟାସକବି ଫକୀର ମୋହନ), ମୋର ଭୂମିଷ୍ଠ ପ୍ରଣାମ ଗ୍ରହଣ କରିବେ । ପରିସ୍ଥିତି ମତେ ବାଧ୍ୟକଲା ଆପଣଙ୍କୁ ପତ୍ରଟିଏ ଲେଖିବାକୁ। ଆପଣ ଜାଣିଛନ୍ତି ! ହଁ, କେମିତି ବା ଜାଣିବେନି ! କାହିଁକି ନା ନିକଟରେ ଆପଣଙ୍କ ମାଟିରେ ଆପଣଙ୍କ ନାମରେ ନାମିତ ଶିକ୍ଷାନୁଷ୍ଠାନରେ ଆପଣଙ୍କର ଅନ୍ୟ ଏକ 'ରେବତୀ' ଅଗ୍ନିର ଜ୍ୱାଳାରେ ନିଜକୁ ଆହୁତି ଦେଇଛି । ନିଜକୁ ଖରାପ ଲାଗୁଥିବ ନିଶ୍ଚିତ । ମନେଅଛି ନା ? ନାରୀ ଶିକ୍ଷାକୁ ତେଜୀୟାନ୍ ଓ ବୁଦ୍ଧିମନ୍ତ କରିବା ପାଇଁ ୧୮୯୮ ମସିହାରେ ଆପଣ ଲେଖିଥିଲେ, 'ରେବତୀ' । ଯାହାଥିଲା ଓଡ଼ିଆ ସାହିତ୍ୟାକାଶର ପ୍ରଥମ ସଂଧ୍ୟା ତାରା ।

ଯେଉଁ ସମୟରେ ଓଡିଶାର ଜନଜୀବନ,କୁଶିକ୍ଷା ଓ ଅଜ୍ଞାନତାର ବହଳ ଅନ୍ଧାର ମଧ୍ୟରେ ଥିଲା ସେପରି ଏକ କାଳଖଣ୍ଡରେ ଆପଣଙ୍କର 'ରେବତୀ' ପାଠ ପଢିବା ପାଇଁ ସ୍ୱପ୍ନ ଦେଖୁଥିଲା । ସେଦିନର କୁସଂସ୍କାର ଓ ଅନ୍ଧବିଶ୍ୱାସର ଅନ୍ଧ ଗଳିରେ ଥିବା ସମାଜ କିନ୍ତୁ ଶିକ୍ଷାକୁ ପ୍ରାଧାନ୍ୟ ଦେଇନଥିଲା । ଫଳସ୍ୱରୁପ ଏକ ରୁଢ଼ିବାଦୀ ପରିବାରର ରେବତୀ ନାମ୍ନୀ ଝିଅର ପାଠ ପଢିବାର ଆଶା ଓ ଆକାଂକ୍ଷା ସ୍ୱପ୍ନରେ ରହିଯାଇଥିଲା । 'ରେବତୀ' କେବଳ ଏକ ଝିଅ ନଥିଲା । ଏହା ଏକ ଝାଉଁଳି ଯାଇଥିବା ସମାଜର ଚିତ୍ର ଯାହା ଆପଣଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଥିଲା । ବ୍ୟାସକବି ! ଏହା ଆପଣଙ୍କର ଭର୍ତ୍ସନାର ଭାଷା ଥିଲା ନା କୋହର କବିତା ! ତୁମେ କବି ଥିଲ ନା ଭିବିଷ୍ୟବିତ ! ତୁମ କଲମ ଅଛି ନା ଭାଙ୍ଗି ଗଲାଣି ! ଆଉଥରେ ଲେଖିପାରିବ ରେବତୀର ସେ ଅନ୍ତିମ ଅଧ୍ୟାୟ ! ଲେଖିପାରିବ ଲୋ ରେବତୀ.... ଲୋ ରେବ.....ଲୋ ନିଆଁ..... ଲୋ ଚୁଲି....... ହଁ ବ୍ୟାସ.....

ଆଜି ଥରେ ନୁହଁ ସହସ୍ରାଧିକ ଥର ଭାବିବା ପାଇଁ ବାଧ କରୁଛି ଏ ଜାତିକୁ ଯେତେବେଳେ ଆପଣଙ୍କ ମାଟିରେ ଆପଣଙ୍କ ନାମରେ ନାମିତ ଶିକ୍ଷାନୁଷ୍ଠାନ (ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ)ରେ ଆଉ ଏକ ରେବତୀର ପାଠପଢାରେ ଡୋରି ବନ୍ଧା ଗଲା । ଯେତେବେଳେ ଜ୍ଞାନର ଆଲୋକ ଚତୁର୍ଦ୍ଦିଗକୁ ବିଚ୍ଛୁରିତ କରୁଥିଲା ଓ ଯେତେବେଳେ ସମାଜ ଶିକ୍ଷିତ ଥିଲା ସେଭଳି ଏକ ସମୟରେ ଆଖିରେ ଆଖିଏ ସ୍ୱପ୍ନ ନେଇ ରେବତୀ ଭଳି ମୁଁ ସୌମ୍ୟଶ୍ରୀ ବିଶି ଆପଣଙ୍କର ନାମରେ ନାମିତ ଶିକ୍ଷାନୁଷ୍ଠାନରେ ପାଠ ପଢିବା ପାଇଁ ମନୋନିବେଶ କରିଥିଲି । କିନ୍ତୁ ଜଣା ନଥିଲା ପାଖାପାଖି ଦେଢଶହ ବର୍ଷପରେ ମତେ ଆଉ ଏକ 'ରେବତୀ' ସାଜିବାକୁ ପଡିବ ! ଦୃଢ଼ମନା ଛାତ୍ରୀ ମୁଁ ସୌମ୍ୟଶ୍ରୀ ଯେ କେବଳ ମେଧାବୀ ଛାତ୍ରୀ ଥିଲି ତା ନୁହଁ ବରଂ ପାଠପଢା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ବେଶ୍ ପାରଦର୍ଶିତା ଲାଭ କରିଥିଲି । ମୁଁ ବିପର୍ଯ୍ୟୟ ପ୍ରଶମନର ତାଲିମ ନେଇଥିଲି, ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରୁଥିଲି, ଅନେକ ଛାତ୍ରଛାତ୍ରୀଙ୍କର ନେତୃତ୍ୱ ନେଉଥିଲି, ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲି,ସମାଜ ସେବାରେ ମନୋନିବେଶ କରି ବେଶ୍ ସୁନାମ ଅର୍ଜନ କରିବା ସହିତ ମହାବିଦ୍ୟାଳୟରେ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ମଧ୍ୟ ପୁରସ୍କୃତ ହୋଇଥିଲି । ମୁଁ ଥିଲି ମୁକ୍ତି ଅକାଶର ବିହଙ୍ଗ । ଏ ସୁନ୍ଦର ପୃଥିବୀକୁ ଆହୁରି ସୁନ୍ଦର କରି ଗଢି ତୋଳିବାର ସ୍ୱପ୍ନ ଦେଖିଥିଲି । ପିଲାଟିବେଳୁ ସମସ୍ତଙ୍କୁ ନେଇ ଚାଲିବାର କଳାରେ ମୁଁ ଥିଲି ସିଦ୍ଧହସ୍ତ । କେହି ମୋର ଶତ୍ରୁ ନଥିଲେ । ଏ ସବୁ ସତ୍ତ୍ୱେ ମଧ୍ୟ ମୋ ସହିତ ଘଟିଥିଲା ଅନେକ ବ୍ୟଭିଚାର । ମହାବିଦ୍ୟାଳୟରେ ମୁଁ କାମୁକ ଓ ଲାଞ୍ଛନାର ଶିକାର ହୋଇଥିଲି । ହେଲେ ନିଜକୁ କାମାନ୍ଧ ଆଗରେ ସମର୍ପି ନଦେଇ ନିଜକୁ ବଞ୍ଚାଇବାର ସାଧନା ଜାରି ରଖିଥିଲି। କାହାକୁ କେତେ ଗୁହାରୀ କରିଛି। ନ୍ୟାୟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛି। ଗଣମାଧ୍ୟମ ଆଗରେ ନିଜର ସମସ୍ୟା ବଖାଣିଛି । ହେଲେ ମୁଁ ଦେଖିଲି ଯେ ମୋ ନିଜ ଅଭିଯୋଗର ଅଭିପ୍ରାୟ ସବୁ ଜଳି ଯାଉଛନ୍ତି । ସମସ୍ତେ ମୋର ଦରଖାସ୍ତର ଆତ୍ମୀୟ ଶବବାହକ ସାଜୁଛନ୍ତି । ମୋର ସାହାସ, ଆଶା, ଆତ୍ମସମ୍ମାନକୁ ଯେତେବେଳେ ଦଳିଚକଟି ଦିଆଗଲା, ଯେତେବେଳେ ନ୍ୟାୟର ଲଢେଇରେ ସବୁ ରାସ୍ତା ବନ୍ଦ ହୋଇଗଲା ସେତେବେଳେ ନିଜ ଦେହରେ ଅଗ୍ନୀ ସଂଯୋଗ କରି ଜଣାଇଦେବାକୁ ଚାହୁଁଥିଲି ଯେ ଅନ୍ତତଃ ପକ୍ଷେ ତ ମୋ କଥା କିଏ ଶୁଣିବ ! କେତେ ବା ସହିଥାନ୍ତି ! ହତୋତ୍ସାହିତ ହୋଇ ପରାଜୟର ଦ୍ୱାର ଦେଶରେ ଦଣ୍ଡାୟମାନ ହେଲି । ମୁକ୍ତିର ପଥ ଖୋଜିଖୋଜି ନିରାଶ ହେଲି । ନିଜର ସତୀତ୍ୱ ରକ୍ଷା କରିବା ପାଇଁ ଅଗ୍ନିରେ ନିଜକୁ ଆହୁତି ଦେବା ଆଗରୁ ଜଳି ପୋଡି ପାଉଁଶ ହୋଇସାରିଥିଲା ମୋର ସବୁ ବିଶ୍ୱାସ, ସ୍ୱପ୍ନ ଓ ଭବିଷ୍ୟତ । ହଁ ବ୍ୟାସ.. ମୁଁ ଆପଣଙ୍କର ଅବଗତି ନିମନ୍ତେ ଜଣାଇଦେବାକୁ ଚାହେଁ ଯେ, ସମାଜ ସେଦିନ ରେବିର ପାଠପଢା ସ୍ୱପ୍ନକୁ ପୋଡି ପକାଇଥିଲା କିନ୍ତୁ ଆଜିର ସମାଜ ଆଉ ଏକ ରେବତୀକୁ ପୋଡି ମାରିଦେବା ପାଇଁ ବାଧ କରିଥିଲା । ସେଦିନ ରେବତୀ ମରିଥିଲା ଆଉ ଆଜିର ଏ ରେବତୀ ବି ଅଗ୍ନିର ସ୍ଫୁଲିଙ୍ଗରେ ଅଙ୍ଗାର ହୋଇଗଲା।

ସାହସର ମୂର୍ତ୍ତିମନ୍ତ ପ୍ରତୀକ ସାଜି ଜାତିର ବିରଙ୍ଗନା ଭାବେ,ଏକ ଶକ୍ତିଶାଳୀ ନ୍ୟସ୍ତ ସ୍ୱାର୍ଥ ବ୍ୟବସ୍ଥା ବିରୁଦ୍ଧରେ ଏକାକୀ ଲଢୁଥିଲି । ହେଲେ ପଙ୍ଗୁ ବ୍ୟବସ୍ଥା, ଅକର୍ମଣ୍ୟ ଶାସନ, ଅନ୍ଧ ଆଇନ, ତୃଟିଯୁକ୍ତ ବ୍ୟବସ୍ଥା ଓ ରାଜନୈତିକ ବ୍ୟକ୍ତିଙ୍କ ଉଦାସୀନତା ଯୋଗୁଁ ମୁଁ ଦୁର୍ଭାଗ୍ୟଜନକ ଭାବେ ନିର୍ବାପିତ ହେଲି । ଫୁଲଟିଏ ସାଜି ଫୁଟିବା ପୂର୍ବରୁ ଝାଉଁଳି ଗଲି ବୃନ୍ତରେ । ଫୁଟିଥିଲେ ମୋର ସୁରଭି ସମସ୍ତଙ୍କୁ ଆମୋଦିତ କରିଥାନ୍ତା । ହେ ବ୍ୟାସ.... ଉତ୍ତର ଦିଅନ୍ତୁ । ଏହା କଣ ଆତ୍ମହତ୍ୟା ହୋଇପାରେ ? ନା ଏହା ଆତ୍ମହତ୍ୟା ନୁହଁ । ଏହା ଏକ ବ୍ୟବସ୍ଥା, ପ୍ରତିବାଦ ଓ ଅଭିମାନର ହତ୍ୟା । ମୋର ବଳିଦାନ ପ୍ରତିଟି ଚରିତ୍ର ପାଇଁ । ଅବହେଳିତ ପ୍ରତିଟି ସ୍ୱର ପାଇଁ । ଅସୁମାରୀ ଆଶା ନେଇ ସ୍ୱପ୍ନ ନେଇ ବଞ୍ଚୁଥିବା ଆଗାମୀ କାଲିର ସମସ୍ତ ଚରିତ୍ର ପାଇଁ ।



ମହାଭାରତରେ କୁରୁ ରାଜ ସଭାରେ ବିବସନା ହେବାର ଅବ୍ୟବହିତ ପୂର୍ବରୁ ତାଙ୍କୁ ଦ୍ୟୁତକ୍ରୀଡାର ବାଜି ରୂପେ ଲଗାଇଥିବା ଧର୍ମରାଜ ଯୁଧିଷ୍ଠିରଙ୍କୁ ପତ୍ନୀ ଦ୍ରୌପଦୀ ଗୋଟିଏ ପ୍ରଶ୍ନ ପଚାରିଥିଲେ- ନାରୀ ଜଣେ ବ୍ୟକ୍ତି ନା ଜଣେ ବସ୍ତୁ ? ଆଜି ମଧ୍ୟ ଦ୍ରୌପଦୀଙ୍କର ସେହି ପ୍ରଶ୍ନ ଅନୁତ୍ତରିତ ହେଉଛି । ଯେଉଁଠି ନାରୀମାନଙ୍କୁ ପୂଜା କରାଯାଏ ସେଠି ଦେବତାମାନେ ବିଚରଣ କରୁଥାନ୍ତି ଯାହା ପୋଥିଗତ ବିଦ୍ୟା ସଦୃଶ ପ୍ରତୀୟମାନ ହେଉଛି । କିନ୍ତୁ ବାସ୍ତବତା ଏଠି ସଂପୂର୍ଣ୍ଣ ଭିନ୍ନ । ସମାଜରେ ଦୈନନ୍ଦିନ ଘଟଣାବଳୀକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଅନୁମେୟ ଯେ ନାରୀ ବୋଧହୁଏ ଉପଭୋଗର ଏକ ସାମଗ୍ରୀ ପାଲଟିଯାଇଛି । ନାରୀ ସମାଜର ଏକ ବଜାରରେ ମିଳୁଥିବା ଶସ୍ତା ପଣ୍ୟ ବସ୍ତୁ ହୋଇଯାଇଛି । ଏଠି ନାରୀମାନଙ୍କୁ ପୂଜା କରାଯାଉନାହିଁ ବରଂ କୁତ୍ସିତ କଦାକାର ଚିନ୍ତାଧାରର କିଛି ବ୍ୟକ୍ତି ନାରୀ ମାଂସଲୋଭୀ ରାକ୍ଷସ ସାଜି ନାରୀମାନଙ୍କୁ ଧର୍ଷଣ କରି ହତ୍ୟା କରିଥାନ୍ତି । କେତେକ କ୍ଷେତ୍ରରେ ବ୍ୟବସ୍ଥା ଆଗରେ ହାର ମାନି ଅସହାୟତା ହୋଇଯାଏ ନାରୀଟିଏ । ଫଳରେ ଅଗ୍ନିରେ ଝାସ ଦିଏ । ଗଣତନ୍ତ୍ର ଓ ଗଣତନ୍ତ୍ର ଶାସନ ଏହା ସମ୍ପୂର୍ଣ୍ଣ ମିଛ । ସବୁ କିଛି ବ୍ୟବସ୍ଥା ହାତରେ । ମୋର ଆର୍ତ୍ତି ଓ ଆତ୍ମଦାହର ଜ୍ୱାଳା କ'ଣ ଆମ ସମାଜ ଓ ଶାସନ ବ୍ୟବସ୍ଥା ଅନୁଭବ କରି ପାରୁନାହିଁ! ନାରୀକୁ ଭୋଗ୍ୟ ମନେ କରି ପ୍ରତିଟି ସ୍ତରରେ ପୁରୁଷଟିଏ ନାରୀର ଅବମୂଲ୍ୟାୟନ କରିଥାଏ । ନାରୀର ସ୍ୱାଭିମାନକୁ ନ୍ୟୁନ କରିଥାଏ ଆଉ ଯେତେବେଳେ ନାରୀଟି ବିରୋଧ କରେ ସେତେବେଳେ ଆରମ୍ଭ ହୁଅ ଅତ୍ୟାଚାର ଯାହା ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇଥାଏ । ଏହାହିଁ ସମାଜର ବାସ୍ତବ ଚିତ୍ର ।

ହେ ବ୍ୟାସ... ପୁନଶ୍ଚ ଧରାପୃଷ୍ଠରେ ଅବତରଣ କର । ଜାଗି ଉଠୁ ତୁମର ଲେଖନୀ । ଲେଖନୀ ମୁନର ଶାଣିତ ସ୍ୱରରେ ବିପଥଗାମୀ ମାନବ ସମାଜକୁ ଦିଗ୍ଦର୍ଶନ ଦେଇଚାଲ । ତୁମେ ଚାହିଁଲେ ତୁମର ଆଉ ରେବତୀ ମାନେ ନିଜକୁ ଅଗ୍ନିର ଜ୍ୱାଳାରେ ଝାସ ଦେବେ ନାହିଁ ।

'ଇତି'

ତୁମର ରେବତୀ


ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ.
ମୋ:୯୪୩୮୦୭୦୮୪୯


## ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ



**ପୁଷ୍ପମିତ୍ର ମହାପାତ୍ର**

ଚରାଚର ବ୍ରହ୍ମାଣ୍ଡ ସର୍ବେସର୍ବା ହେତୁ ନାରାୟଣଙ୍କୁ ଜଗନ୍ନାଥ ସମ୍ବୋଧନ କରାଯାଏ। ଜଗନ୍ନାଥ ବାହ୍ୟ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ଅନୁଭବ ସାଧ ନୁହଁନ୍ତି, ତାଙ୍କର ଉତ୍ପତ୍ତି ନାହିଁ କି ବିନାଶ ନାହିଁ। ତାଙ୍କ ପ୍ରଣୀତ ନୀତି ନିୟମ ଅନୁଯାୟୀ ପ୍ରକୃତି ଆତଯାତ ହୁଏ। ସେ ସର୍ବ ଶକ୍ତିମାନ, ସର୍ବବିଦ୍ୟମାନ, ସର୍ବଜ୍ଞ ଓ ସମସ୍ତ ଜୀବର ଭାଗ୍ୟ ନିୟନ୍ତା। ସେ ଅସମ୍ଭବକୁ ସମ୍ଭବ ତଥା ସମ୍ଭବକୁ ଅସମ୍ଭବ କରିପାରନ୍ତି। ତାଙ୍କ ଇଛାରେ ସାରା ବିଶ୍ୱ ପରିଚାଳିତ ହୁଏ।

ଏଣୁ ଶ୍ରୀଜଗନ୍ନାଥଙ୍କ ପୂଜାରେ ବହୁ ସମନ୍ୱୟ ଓ ବହୁ ବିରୋଧାଭାସ ରହିଛି। ସ୍ୱୟଂ ଶ୍ରୀକ୍ଷେତ୍ର ପୁଣି ବିଚ୍ଛୁରିତ ହୋଇଛି ସାରା ସଂସାରରେ। ଉଭୟ ଶୁଖିଲି ଓ ସଙ୍ଖୁଡ଼ି ଭୋଗର ପ୍ରଚଳନ ଏଠାରେ ରହିଛି। ଏପରିକି ସଙ୍ଖୁଡ଼ି ମାହାର୍ଦ୍ଦକୁ ଶୁଖେଇ 'ନିର୍ମାଲ୍ୟ' କରାଯାଏ। ଏଠି ନିର୍ମାଲ୍ୟ ଅଛି, ଆଉ ଅଛି 'କୈବଲ୍ୟ' ଯୋଡ଼ିଯାକର ସହାବସ୍ଥାନ ଏହି କ୍ଷେତ୍ରକୁ କେବଳ ଜୈନ-ବୌଦ୍ଧ ସମୀକରଣର କଥାର ଅନ୍ତର୍ଭୁକ୍ତ କରିଛି ତାହା ନୁହେଁ, ସେଥି ସହିତ ଯୋଡ଼ିଛି ଆହୁରି ଅନେକ ଭାବାବେଗ, ଆଧ୍ୟାତ୍ମିକ ଆବେଗକୁ। ମନ୍ଦିରର ଗର୍ଭଗୃହର ରତ୍ନସିଂହାସନ ଠାକୁରର ଯେଉଁ ବିଭୂତି ବୈଭବ ଆଉ ଐଶ୍ୱର୍ଯ୍ୟ ଦେଖିଥିବେ ସେ କେବେ କଳ୍ପନା କରିପାରିବ କି ଅଣସର ଆରମ୍ଭରୁ ଦେବତା ଲୌକିକ ଆଚରଣ, ଜ୍ୱର-ପାଚନ ଟଣାଘୋଷଣା, ଭିଡ଼ାଓଟରା ପହଣ୍ଡିର ଭିଡ଼ ଭିତରର ଜଗାକାଳିଆକୁ; କିନ୍ତୁ ଏଠି ଉଭୟ ଅଛି। ଏଠି କିଏ ହୁଏତ ସିଂହଦ୍ୱାରରେ ପଚାରିପାରେ ତୁମେ କିଏ, କ'ଣ ତୁମର ଜାତି ବୋଲି; କିନ୍ତୁ ବଡ଼ଦାଣ୍ଡରେ କାହାର ସାହାସ ଅଛି ଯେ ଅଟକାଇବ ଭକ୍ତକୁ। ଏଠି ଉଭୟ ଅଛି। ସିଂହାସନ ଉପରେ ସେ ଯେତିକି ରାଜକୀୟ, ଲୋକଭିଡ଼ ଭିତରେ ସେ ସେତିକି ଲୋକପ୍ରିୟ। ଯୋଉଠି ରାଜା ନିଜେ ସେବକ ଛେରାପହଁରାରେ, ସେଠି ସେବକ ରାଜାସ୍ତରକୁ ଉଠିଯିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସିଂହଦ୍ୱାରରେ ନାନା ଆକଟ ଥିଲାବେଳେ ଶାରଧାବାଲିରେ ସେ ସବୁ କିଛି ନାହିଁ। ଏ ବିରାଟ ବ୍ରହ୍ମାଣ୍ଡରେ ମଣିଷ ଏକ କ୍ଷୁଦ୍ର ଅଂଶ ଅଟେ। ମଣିଷ ବ୍ୟତୀତ ଅନ୍ୟ କୌଣସି ଜୀବ ଠାରେ ବିଶ୍ୱକର୍ତ୍ତାଙ୍କୁ ଅନୁଭବ କରିବାର କ୍ଷମତା ନଥାଏ। ଯେଉଁ ବ୍ୟକ୍ତି ଭଗବାନଙ୍କ ଅସ୍ତିତ୍ୱ ପ୍ରତି ସନ୍ଦିହାନ ଓଐଶ୍ୱରୀୟ ପ୍ରଭାବରୁ ଭ୍ରୂକ୍ଷେପ କରିନଥାଏ ସେ ହୁଏତ ମଣିଷ ରୂପଧାରୀ ଗୋଟିଏ ନିର୍ବୋଧ ପଶୁ। ଧନ, ମାନ, ଜ୍ଞାନର ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ଯଦି ମଣିଷ ଠାରେ ଭଗବତ୍ ଚେତନା ଉଦ୍ରେକ ନହୁଏ ତେବେ ବିବେକର ବିକାଶ ନ ହୋଇ ତା' ଜୀବନ କ୍ରମଶଃ ଅଶାନ୍ତ ପରିବେଷ୍ଟନୀ ମଧ୍ୟକୁ ଠେଲି ହୋଇଯାଏ। ଏ ଜଗତ ସତ୍ୟ ଜଗତକର୍ତ୍ତା ମଧ୍ୟ ସତ୍ୟ। ଜଗତକର୍ତ୍ତାଙ୍କ ଇଛା ବିନା ମଣିଷର କୌଣସି ବି ପ୍ରଚେଷ୍ଟା ଫଳପ୍ରସୂତ ହୋଇପାରେ ନାହିଁ। ଧନବଳ, ଜନବଳ, ମନୋବଳ, ବାହୁବଳ ସବୁକିଛି ସୁଦୃଢ଼ ଥାଇ ମଧ୍ୟ କୌଣସି ଏକ କ୍ଷୁଦ୍ର ଅଘଟଣ ମୁହୂର୍ତ୍ତକ ମଧ୍ୟରେ ସବୁକୁ ଯେ ଓଲଟପାଲଟ କରିଦେଇପାରେ ଏହା ଅନସ୍ୱୀକାର୍ଯ୍ୟ। ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ ଏ ମାୟା ସଂସାରରେ ପ୍ରତ୍ୟେକ ବ୍ୟକ୍ତି ନିରାଶ୍ରୟ। ସମସ୍ତଙ୍କର ଏକମାତ୍ର ଆଶ୍ରାଦାତା ହେଉଛନ୍ତି ପରମପୁରୁଷ, ବିଶ୍ୱ ଚିନ୍ତାମଣି ମହାପ୍ରଭୁ ଜଗନ୍ନାଥ।

ଶ୍ରୀଜଗନ୍ନାଥଙ୍କୁ ଶ୍ରେଷ୍ଠ ଦେବତା ଭାବେ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ତାଙ୍କୁ ଜଣେ ସାଧାରଣ ମଣିଷ ଭାବରେ ଚିତ୍ରଣ କରାଯିବା ଜଗନ୍ନାଥ ତତ୍ତ୍ୱର ଏକ ବିଶେଷତ୍ୱ। ଦେବତା ହିସାବରେ ସେ ଯେଭଳି ସମଗ୍ର ଜଗତର ନାଥ, ଶ୍ରେଷ୍ଠ ମଣିଷ ଭାବରେ ମଧ୍ୟ ସେ ପୁରୁଷ ତଥା ପୁରୁଷୋତ୍ତମ। ମଣିଷ ହିସାବରେ ତାଙ୍କ ଠାରେ ଅଭିଭାବକତ୍ୱ, ସ୍ୱାମୀତ୍ୱ, ତଥା ନାଥତ୍ୱ ଯେତିକି ଆରୋପ କରାଯାଏ, ସେତିକି ବରଂ ତଦପେକ୍ଷା ବେଶୀ ମାତ୍ରାରେ, ତାଙ୍କୁ ସଖା, ଭ୍ରାତା ବା ବନ୍ଧୁଭାବରେ ଗ୍ରହଣ କରାଯାଏ। ଅନ୍ୟାନ୍ୟ ଦେବ ମନ୍ଦିରକୁ ଯିବା ପାଇଁ ଯେଭଳି ବିଭିନ୍ନ ବିଧି-ନିଷେଧ ଓ ବାରଣ ରହିଅଛି, ଏଠାରେ ସେଭଳି ବିଶେଷ କିଛି ନାହିଁ। ଯାହା କିଛି ରହିଛି, ତାହା କେବଳ ପବିତ୍ରତା, ଶୁଦ୍ଧତାର ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ। ଜଗନ୍ନାଥ ମନ୍ଦିରକୁ ଦର୍ଶକ ଯେତେବେଳେ ଯେ କୌଣସି ଅବସ୍ଥାରେ ଯିବାରେ ବାଧା ନାହିଁ। କାରଣ ସେ ବନ୍ଧୁ ଅଟନ୍ତି। ବନ୍ଧୁ ସହ ସାକ୍ଷାତ ପାଇଁ ସ୍ଥାନ କାଳର କି ବାରଣ ରହିପାରେ। ସେଥିପାଇଁ 'ଅପବିତ୍ରୋ ପବିତ୍ରୋ ବା ସର୍ବାବସ୍ଥାଂଗତୋଽପି' ନିୟମ ପ୍ରଚଳିତ ଅଛି।

ଭଗବାନଙ୍କର ଅନେକ ନାମ ମଧ୍ୟରୁ ଶ୍ରଦ୍ଧାପୂର୍ବକ ବିଶ୍ୱାସର ସହ ଯେ କୌଣସି ନାମ ସ୍ମରଣ ବା କୀର୍ତ୍ତନ କରିପାରିଲେ ତାହା ଯଥେଷ୍ଟ ହୋଇଥାଏ। କେତେକଙ୍କ ମତରେ ତାରକ ବ୍ରହ୍ମ ନାମ ବା ତାରକ ବ୍ରହ୍ମ ମନ୍ତ୍ର କଳିଯୁଗରେ ସହଜ ସାଧନଯୋଗ୍ୟ ନାମ ଅଟେ। ଏହାକୁ ମହାମନ୍ତ୍ର ମଧ୍ୟ କୁହାଯାଏ। ଯଥା - 'ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହେର ରାମ ରାମ ରାମ ହରେ ହରେ'।

ସେ ଅନ୍ତର୍ଯ୍ୟାମୀ। ତାଙ୍କୁ ମୁହଁ ଖୋଲି କହିବା ଆବଶ୍ୟକ ପଡ଼େନାହିଁ। ତେଣୁ ତାଙ୍କ ପାଖେ ଦୁଇ ହାତ ଟେକି କେବଳ ପ୍ରାର୍ଥନା କରିବା। 'ହରେ ମୁରାରେ ମଧୁକୈଟଭାରେ, ଗୋବିନ୍ଦ ଗୋପାଳ ମୁକୁନ୍ଦ ସୌରେ, ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୋ, ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ।'


+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬,
ସିଡିଏ, କଟକ,
ମୋ: ୯୪୩୭୨୨୫୬୮୯







## ରଙ୍ଗାଜୀବ ଗଙ୍ଗାଧର

**ଡ.ଶୁଭେନ୍ଦୁ ମେହେର**

ପଶ୍ଚିମରେ ଉଇଁ ଶ୍ରାବଣ ଆକାଶେ
ପୂର୍ଣ୍ଣିମା ଅଲୋକେ ଆଜି ।
ବିଶ୍ୱେ ମଧୁମୟ ସାଗରେ ଅମୃତ
ବିକଶିତ ବନରାଜି ।।

ଅମୃତ ସନ୍ତାନ ଅମୃତ ସାଗରେ
ଅମୃତ ଜୀବନ ଧରି ।
ଅମୃତ ସନ୍ଧାନୀ ଅମୃତ ପରଶ
ଅମୃତ ମୟ ବାରି ।

ଦରିଦ୍ରର କଷାଘାତରୁ ବାହାରି
ପ୍ରକୃତିର ବର୍ଣ୍ଣ ଭେଦ ।
ସୂକ୍ଷ୍ମାତିସୂକ୍ଷ୍ମର ମରମର ଗାଥା
କହେ ଖଦ୍ୟୋତର ଖେଦ ।।

ଚିର ସ୍ମରଣୀୟ ଚିର ବନ୍ଦନୀୟ
ଅପୂର୍ବ ସେ କୀର୍ତ୍ତିରାଜି ।
ମାନବୀୟ ବଳେ ଦୁର୍ବଳତା ଏଡି
ଭାଷାର ପ୍ରହରୀ ସାଜି ।।

କାବ୍ୟର ଆକାଶେ ଜ୍ୟୋତି ପରସାଇ
ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ।
ଅନ୍ତରୀକ୍ଷ ଠାରୁ ଅଭେଦ୍ୟ ଅରଣ୍ୟ
ମାତୃଭାଷାର ମହତ୍ୱ ।।

ଭାଷା ସାହିତ୍ୟର ସୁଦକ୍ଷ ବିନ୍ଧାଣି
ସୃଜନର ଯାଦୁଗର ।
ସ୍ମିତସିକ୍ତ ମଧୁ ପରସି ଦେଇଛ
ସାହିତ୍ୟର କାରିଗର ।।

ଶୁଦ୍ଧ ସଚେତନ ଚେତନା ମଧ୍ୟରେ
ସୂକ୍ଷ୍ମ ଗଗନ ବିହାରୀ ।
ସ୍ନିଗ୍ଧ ସାଧକହେ ତୁମ ସ୍ମୃତି ଧୃତି
ଝରାଏ ଅମୃତ ବାରି ।।

କାଳଜୟୀ କାବ୍ୟ କବିତା ପରସି
ମହିମାନ୍ୱିତ ବାରିଧି ।
ଘୋର ଅମାବାସ୍ୟା ଅନ୍ଧକାର କିବା
ରଖିବ ତୁମକୁ ବାନ୍ଧି ।

ଆସ ଅବତରି ଆହେ ଗଙ୍ଗାଧାରୀ
ଅଜ୍ଞାନ ଅନ୍ଧାର ତେଜି ।
ରଙ୍ଗାଜୀବ ତୁମ ରଙ୍ଗର ପସରା
ଜଗତ ଝୁରଇ ଆଜି ।।


+ଯାଲୋଏ, ସୁବର୍ଣ୍ଣପୁର
ମୋ: ୯୯୩୮୪୩୩୬୬୪


## କହରେ ତୁ' ନାଉରିଆ

**ରମେଶ ଚନ୍ଦ୍ର ନାୟକ**



ନାଉରିଆ ରେ ମୋତେ ନଦୀ
କରିଦେ' ପାରି
ସେ କୂଳରେ ଅଛି ପ୍ରାଣର ଦେବତା
ଆସିବି ମୁଁ ପୂଜା ସାରି ।
ଘିଅ ଦୀପ ଜାଳି ପୂଜା ମୁଁ କରିବି
ଚନ୍ଦନ କର୍ପୂର ଦେଇ
ନିଜ ହାତେ ତାଙ୍କୁ ସଜାଇ ଦେବି ମୁଁ
ରଜନୀଗନ୍ଧା ନେଇ ।
ସିନ୍ଦୂର ଫରୁଆ ଆଣିଛି ସାଥେ ମୁଁ
ଦେବେ ମୋ ମଥାରେ ମାରି ---॥
ଏଇ ମନ ଝୁରେ ତାଙ୍କ ପାଇଁ ସଦା
କିଛି ନ ଲାଗଇ ଭଲ
ପ୍ରତିଟି କ୍ଷଣରେ ଭାବେ ତାଙ୍କ କଥା
କାମରେ ନଲାଗେ ମନ ।
କହରେ ନାଉରୀ କିଶ ମୁଁ କରିବି
ତାଙ୍କରି ବିହୁନେ ବଞ୍ଚି ନ ପାରିବି
ସଜ ଫୁଲହାର ମଉଳି ଯାଉଛି
ଆଉ ତୁ କରନା ଡେରି --॥

ଆମରି ମିଳନେ ସାକ୍ଷୀ ଅଛୁ ପରା
କହରେ ତୁ ନାଉରିଆ
କେତେ କଥା ବାର୍ତ୍ତା ଏଇ ନଦୀ
କୂଳେ
ଆଜି ଚୁପ୍ ରହିଛୁ କିଆଁ ?
ଶୁଭ ଲଗନ ମୋ ଗଡ଼ି ଯାଉଅଛି
ବେଳୁ ବେଳୁ ମନ ଉଚ୍ଛନ୍ନ ହେଉଛି
ବର୍ଷା ଆସିଲାଣି ଭିଜି ଯିବି ମୁହିଁ
କାତ ଦେ ତୁ'ରେ ମାରି
ନାଉରିଆରେ,
ମୋତେ ନଦୀ କରିଦେ' ପାରି ॥


+କେଶରପୁର,
ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

# ବୋଉର ଚିଠି

## ପ୍ରଣତି ଆଚାର୍ଯ୍ୟ ମିଶ୍ର



ଶ୍ରଦ୍ଧାପୁର ନାମରେ ଗାଁ ଟିଏ । ସେ ଗାଁରେ ରୁହନ୍ତି ମାଳତୀ ଦେବୀଙ୍କ ପରବାର। ଦିନେ ମାଳତୀ ଦେବୀ ତାଙ୍କ ଭାଇଙ୍କ ପାଖକୁ ଏକ ଚିଠି ଲେଖିଲେ। ପୁଅ ମୁନାକୁ ଡାକି କହିଲେ, 'ଏହି ଚିଠିଟିକୁ ତୁରନ୍ତ ପୋଷ୍ଟ ଅଫିସରେ ପୋଷ୍ଟ କରିଦେବୁ ।' ଠିକ୍ ଅଛି କହି ମୁନା, ଏକ ସାଗୁଆ ରଙ୍ଗର କୁର୍ତ୍ତା ଏବଂ ହାଫପ୍ୟାଣ୍ଟ ପିନ୍ଧି ଦୌଡ଼ିଲା। ମାଳତୀ ଦେବୀ ପଛରୁ ଡାକିଲେ, 'ଏହାକୁ ସାବଧାନତାରେ ନେବୁ । ତଳେ ପକେଇଦବୁନି ।' 'ଠିକ୍ ଅଛି ବୋଉ।'

ମାଟି ରାସ୍ତାରେ ଦୌଡୁଥିବା ମୁନାର ସ୍ୱର ତାଙ୍କ କାନରେ ବାଜିଲା ।

ମୁନା ଖରାଦିନ ଅପରାହ୍ନରେ ଅଶ୍ୱସ୍ତ ଗଛ ତଳେ ତଳେ ଯାଉଥିଲା। ଚିଠିଟି ତା ସାର୍ଟ ପକେଟରେ ଥିଲା। ଠିକ୍ ସେତିକିବେଳେ କିଏ ଡାକିଲା 'ହେ ମୁନା, ମୁନା ଶୁଣ।' ମୁନା ପଛକୁ ବୁଲି ଦେଖିଲା ତା'ର ସାଙ୍ଗ ଶିବୁ ବିଲରୁ ଦୌଡୁଛି । ଝାଳରେ ଭିଜି, ଧୂଳିରେ ଭର୍ତି ହୋଇ, ହାତରେ ବାଡ଼ି ଏବଂ ପାଣି ବୋତଲ ଧରି ପାଖକୁ ଆସିବା ମାତ୍ରେ ମୁନା ପଚାରିଲା।

'କଣ ହେଲା ? ତୁ ଏମିତି ଧଇଁସଇଁ କାହିଁକି ହଉଚୁ ?' ଶିବୁ କହିଲା 'ଝୁମୁରି କୁଆଡେ ପଳେଇଛି। ମୁଁ ବହୁତ ସମୟ ହେଲା ତାକୁ ଖୋଜୁଛି।'

' କୁଆଡେ ଗଲା ?'

'ସେ କୂଅ ପାଖରେ ବୁଲୁଥିଲା।' ଶିବୁ କୂଅ ଆଡ଼କୁ ଇଙ୍ଗିତ କଲା। ମୁନାର ଏବେ ଖରା କିମ୍ବା ତା ପକେଟରେ ଥିବା ଚିଠି ବିଷୟରେ ଚିନ୍ତା ନଥିଲା। ସେ କେବଳ ଶିବୁର ଝୁମୁରି ବିଷୟରେ ଚିନ୍ତିତ ଥିଲା। ସେ ଶିବୁକୁ କହିଲା, 'ଠିକ୍ ଅଛି, ଚାଲ ତାକୁ ଖୋଜିବାକୁ ଯିବା।' ଦୁହେଁ ଅନେକ ଖୋଜାଖୋଜି କଲେ। ମୁନା ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ଖୋଜି ଚାଲିଲା। ଶେଷରେ ସେମାନେ ନିଧି ବାପାଙ୍କ ବିଲ ମୁଣ୍ଡରେ ଏକ ଗଛ ତଳେ ଝୁମୁରିକୁ ଦେଖିଲେ ।



ଝୁମୁରିକୁ ଖୋଜି ଖୋଜି, ଶିବୁ ହାଲିଆ ହୋଇ ଯାଇଥିଲା। ଭୋକ, ଶୋଷ ଯୋଗୁଁ ତା'ର ପେଟ ଧକ ଧକ ହେଉଥିଲା । ଝୁମୁରିକୁ ଏପରି ବିଶ୍ରାମ ନେବାର ଦେଖି ସେ ରାଗିଗଲା। ତା' ପାଖରେ ପହଞ୍ଚିବା ମାତ୍ରେ ସେ ତା'ର ପିଠିକୁ ଏକ ବାଡ଼ିରେ ପାହାରେ ପକେଇଲା । ମାଡ ବାଜିବା ମାତ୍ରେ ଝୁମୁରି ଦୌଡ଼ି ପଳେଇଲା। ମୁନା ଓ ଶିବୁ ମଧ୍ୟ ତା' ପଛରେ ଦୌଡ଼ିଲେ। ଆଗରେ ଝୁମୁରି ପଛରେ ମୁନା ଓ ଶିବୁ ଗାଁ ଶେଷ ପର୍ଯ୍ୟନ୍ତ ଧାଇଁଲେ। ଦୁହେଁ କ୍ଲାନ୍ତ ହୋଇଯାଇଥିଲେ। ପାଣି ପିଇବା ପାଇଁ ସେମାନେ ବର ଗଛ ତଳେ ବସିଲେ। ପାଣି ପିଇବାକୁ ବୋତଲ ଖୋଲିଲେ ହେଲେ ବୋତଲର ପାଣି ପ୍ରବଳ ଗରମ ଥିଲା।

ମୁନା କହିଲା, ଅପେକ୍ଷା କର, ମୁଁ ସନା ବାପାଙ୍କ ଘରୁ ଥଣ୍ଡା ପାଣି ଆଣିବି।' ସିଏ ବୋତଲଟି ଧରି ସନା ବାପାଙ୍କ ଘର ଆଡକୁ ଗଲା। ପାଣି ଆଣିବା ପରେ ଦୁହେଁ ଆରାମରେ ବସି ପିଇଲେ। କିଛି ସମୟ ପରେ ମୁନାକୁ ଚିଠି କଥା ମନେ ପଡିଲା ।

ମୁଁ ଯାଉଛି ଶିବୁ ! ବୋଉ ମୋତେ ଚିଠି ପୋଷ୍ଟ କରିବାକୁ କହିଛି।' ସେ ପକେଟରେ ହାତ ପୁରାଇଲା । ହେଲେ ପକେଟ ଖାଲି । ମୁନାର ଛାତି ସ୍ପନ୍ଦନ ବଢିଗଲା। ହୁଏତ ଝୁମୁରି ପଛରେ ଦୌଡ଼ିବା ସମୟରେ ବାଟରେ କେଉଁଠି ଚିଠିଟି ପଡ଼ିଯାଇଛି । ମୁନା ଚିଠି ଖୋଜିବାକୁ ଦୌଡ଼ିଲା। ସେ ବହୁତ ସମୟ ପର୍ଯ୍ୟନ୍ତ ଚିଠିଟିକୁ ଖୋଜିଲା କିନ୍ତୁ ପାଇଲାନି । ସେ ଦୁଃଖ ମନରେ ଘରକୁ ଫେରିଲା।

ସେମାନେ ଘରକୁ ଫେରିବା ପରେ ପରେ ଗାଁ ସ୍କୁଲ ଗୋବିନ୍ଦ ସାର୍ ସେ ବାଟ ଦେଇ ଯାଉଥିଲେ। ତାଙ୍କ ନଜର ଚିଠି ଉପରେ ପଡ଼ିଲା। ସେ ସାଇକେଲରୁ ଓହ୍ଲାଇ ଚିଠିଟି ଦେଖିଲେ।

ଆରେ ହେ, ଏହା କାହାର ଚିଠିଟିଏ । କିନ୍ତୁ ଏଥିରେ ତ ପୋଷ୍ଟ ଅଫିସ୍ ଷ୍ଟାମ୍ପ ନାହିଁ। ପୋଷ୍ଟ କରିବାକୁ ଯିବା ସମୟରେ ବୋଧେ କାହା ପକେଟରୁ ପଡ଼ିଯାଇଛି । ଗୁରୁତ୍ୱପୂର୍ଣ୍ଣ ଖବର ଲେଖା ହୋଇଥିବ କି କଣ ? ହଉ, ମୁଁ ପୋଷ୍ଟ ଅଫିସରେ ନେଇ ପୋଷ୍ଟ କରିଦେବି।

ଏପଟେ ମୁନା ଭୟଭୀତ ହୋଇ ଘରେ ପହଞ୍ଚିଲା। ତା ବୋଉ ପଚାରିଲେ, 'ହେ ମୁନା, ତୁ ଏତେ ଡେରି କଣ କଲୁ ?' 'ଶିବୁର କୁକୁର ଝୁମୁରି ହଜିଯାଇଥିଲା। ମୁଁ ତାକୁ ଖୋଜୁଥିଲି।' ମୁନା ସଂକୋଚ କରି କହିଲା। 'ଠିକ୍ ଅଛି, ଭୋକ ଲାଗିବଣି, ଆସେ ଭାତ ଖାଇବୁ। ବୋଉ ଚିଠି ବିଷୟରେ କିଛି ପଚାରିଲେ ନାହିଁ। ନଚେତ୍ ସେ ମିଛ କହିପାରି ନଥାନ୍ତା। କିନ୍ତୁ ଚିଠିର କଥା ମୁନାକୁ ବିଚଳିତ କରୁଥିଲା।

ଦିନେ ସ୍କୁଲକୁ ଯାଉଥିବା ସମୟରେ, ସେ ରାସ୍ତାରେ ତାଙ୍କ ଗାଁ ପାର ନାନିକୁ ଭେଟିଲା। ତାଙ୍କ ମୁଣ୍ଡରେ ଏକ ପରିବା ବୋଝ ଥିଲା। ସେ କହିଲେ, 'ମୁନା , ମୋ ବୋଝକୁ ଘରକୁ ନେବାରେ ଟିକେ ସାହାଯ୍ୟ କର। ଏହା ବହୁତ ଭାରୀ।' ମୁନା ତାଙ୍କ ଟୋକେଇଟି ଧରି ତାଙ୍କ ଘରେ ଛାଡି ଆସିଲା। କିନ୍ତୁ ପାର ନାନିକୁ ସାହାଯ୍ୟ କରିବାକୁ ଯାଇ ସେ ସ୍କୁଲରେ ପହଞ୍ଚିବା ଡେରି ହୋଇଗଲେ। ସାର୍ ତାକୁ ବହୁତ ଗାଳି ଦେଲେ।

ଗୋଟିଏ ଦିନ ହଠାତ୍ ସନ୍ଧ୍ୟାରେ ବୋଉ ପଚାରିଲେ, 'ହେ ମୁନା , ତୁ ସେଦିନ ଚିଠି ପୋଷ୍ଟ କରିଥିଲୁ, ନା ?' ମୁନା ମୁଣ୍ଡ ତଳକୁ କରିଦେଲା। ଯେତେବେଳେ ବୋଉ ଜୋର୍ କରି ପଚାରିଲେ ସେ ସବୁକିଛି ସତ କହିଲା। ଠିକ୍ ସେତିକିବେଳେ କେହି ଜଣେ ଦୁଆର ବାଡ଼େଇଲେ। ବୋଉ ଯାଇ ଦୁଆର ଖୋଲିଲା।

ମାମୁଁ, ମାମୁଁ ଏବଂ ତାଙ୍କ ପୁଅ ଝିଅ ସାମ୍ନାରେ ଠିଆ ହୋଇଥିଲେ। ମାମୁଁ ଏବଂ ମାଇଁ ଘରକୁ ଆସୁଥିବାର ଦେଖି ମୁନା ଖୁସି ହେଲା। ଏବେ ସେ ବୋଉର ଗାଳିରୁ ରକ୍ଷା ପାଇବ। ସେ ମାମୁଁଙ୍କ ଆଗରେ ତାକୁ ଗାଳି ଦେବେ ନାହିଁ। ସେ ଦୌଡ଼ି ଯାଇ ମାମୁଁଙ୍କୁ ପ୍ରଣାମ କରି କୁଣ୍ଢେଇ ପକାଇଲା।

'ପ୍ରଣାମ ନାନି ?' ମାମୁଁ ଦ୍ୱାର ପାଖରେ ବୋଉର ପାଦ ଛୁଇଁଲେ। ବୋଉ ତାଙ୍କୁ ଆଶୀର୍ବାଦ କରି କହିଲେ, 'ତୁମେ ଦୀର୍ଘଜୀବୀ ହୁଅ। ଆସ, ସମସ୍ତେ ଭିତରକୁ ଆସ।'

ସମସ୍ତେ ଭିତରକୁ ଆସିବା ପରେ ବୋଉ କହିଲେ, 'ତୁମେ ସମସ୍ତେ ନିଜେ ଆସିଛ, ଭଲ ହେଲା ।' ଗାଈଟି ଗୋଟିଏ ବାଛୁରୀକୁ ଜନ୍ମ ଦେଇଛି । ଘରେ ପ୍ରଚୁର ପରିମାଣରେ କ୍ଷୀର ଏବଂ ଦହି ଅଛି। ମୁଁ ଭାବିଲି ତୁମ ସମସ୍ତଙ୍କୁ ଡାକିବି। ପିଲାମାନେ ଘରର କ୍ଷୀର ଏବଂ ଘିଅ ଖାଇବେ। ମୁଁ ତୁମ ସମସ୍ତଙ୍କୁ ଡାକିବା ପାଇଁ ଏକ ଚିଠି ମଧ୍ୟ ଲେଖିଥିଲି। କିନ୍ତୁ ମୁନା ତାକୁ ହଜାଇ ଦେଲା।

ମାମୁଁ କହିଲେ, 'ମୁଁ ଚିଠି ପାଇବା ପରେ ହିଁ ଆସିଲି।' ଏହା ଶୁଣି ମୁନା ଆଶ୍ଚର୍ଯ୍ୟ ହୋଇଗଲା। ହେଲେ 'ମୁଁ ଚିଠି ପୋଷ୍ଟ କରିନଥିଲି। ଚିଠିଟି ମୋ ପକେଟରୁ ପଡ଼ି ହଜିଗଲା।'

ମାମୁଁ କହିଲେ, ତୁମେ ନିଶ୍ଚୟ ପୋଷ୍ଟ କରି ଭୁଲିଯାଇଛ। ନଚେତ୍ ଏହା ମୋ ପାଖରେ କିପରି ପହଞ୍ଚିବ ?' ମୁନା ବହୁତ ସମୟ ଧରି ଭାବିଲା, ଚିଠିଟି କିପରି ମାମୁଁଙ୍କ ପାଖରେ ପହଞ୍ଚିଲା। ସେ ଜାଣିନଥିଲା, ଯିଏ ଅନ୍ୟମାନଙ୍କୁ ସାହାଯ୍ୟ କରେ, ଈଶ୍ୱର ତାକୁ ସାହାଯ୍ୟ କରନ୍ତି।


+ନୟାଗଡ଼
ମୋ: ୯୪୩୭୬୪୨୯୪୭


# ଶିଖରେ ତୁମେ ଶିଖ...

## ରାମଚନ୍ଦ୍ର ବେହେରା

ସକାଳ ହେଲେ କାଉ ରାବଇ
ଚାଳରେ ଉଡି ଉଡି
ତା'ଡାକ ଶୁଣି ଉଠିବା ଶିଖ
ବାସି ଶେଯକୁ ଛାଡି।
ସଅଳ ଯିଏ ନିତି ଉଠଇ
ଚଂଚଳ ରୁହେ ମନ
ଅଳସ ଯିଏ ଦେଖାଏ କାମେ
ହୁଅଇ ହୀନିମାନ।
ସକାଳୁ ଉଠି ଘେରାଏ ଯିଏ
ବାହାରେ ଆସେ ବୁଲି
ରୋଗ ବୈରାଗ ନଛୁଏଁ ତାକୁ
ଜିଏଁ ସେ ମନଖୋଲି।
ସକାଳେ ଯିଏ ପଢଇ ପାଠ
ରୁହଇ ସଦା ମନେ
ମିଠା ସ୍ୱଭାବେ ଯେ କୁହେ କଥା
ଖୁସି ହୁଅନ୍ତି ଜନେ।
ପିଲାଦିନରୁ ଶିଖରେ ତୁମେ
ପାଠ ସହିତ ଶାଠ
ଭଲ କାମରେ ହୋଇଲେ ଭାଗୀ
ମିଳିବ ସୁଖ ବାଟ।
ଭଲ ଗୁଣକୁ ବିତରି ଯିଏ
ରଖଇ ନିଜ ଟେକ
ଜଗତେ ପାଏ ଆଦର ସିଏ
ଶିଖରେ ତୁମେ ଶିଖ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


# ମିଠାକୋଳି ଖାଅତୋଳି

## ପ୍ରଶାନ୍ତ କୁମାର ଦାଶ

ଗଛରେ ଭରିଛି ପାଚିଲାକୋଳି
ଖେଳୁଥିଲେ ଦଳେ ମାଙ୍କଡ ଦୋଳି।
ଦେଖି ଲୋଭ ହେଲା ଖାଇବେ ବୋଲି
ଖାଇଦେଲେ ତୋଳି ପାଟିକୁ ଖୋଲି।
ଗଛତଳେ ଥାଇ ବିଲୁଆଭାଇ
ଦେଖିଲା ମାଙ୍କଡ଼ ଯାଆନ୍ତି ଖାଇ।
କୋଳିଖିଆ ଦେଖି ହେଲାତା ମନ
ସତେକି ପାଇବ ବିଲୁଆ ଧନ।
ଗଛମୂଳୁ ଉଠି ବିଲୁଆନନା
କୋଳି ଖାଇବାକୁ କରିଲା ମନା।
କୋଳି ଦିଅ ଫିଙ୍ଗି ଖାଇବି ଭାଇ
ଗଛ ଉପରକୁ ପାରୁନି ଯାଇ।
ହନୁଦଳ ଶୁଣି ହୋଇଲେ ଖୁସୀ
ପକାଇଲେ କୋଳି ତଳକୁ ହସି।
ମିଠାକୋଳି ଖାଇ ବିଲୁଆଭାଇ
ଗଛଛାଇ ତଳେ ମାରିଲା ହାଇ।
କହିଲା, ଲାଗୁଚି ବଢିଆ ମିଠା
କୋଳି ସାଥେ ସରି ନୁହଁଇ ପିଠା।
ହସହସ ହେଲା ବିଲୁଆ ମନ
ସଞ୍ଜ ଗଡିଗଲା ଉଇଁଲା ଜହ୍ନ।


+କୁଞ୍ଜର, ସଙ୍ଗଳାଇ,
ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦


# ବାୟାବସା



## ବିଜୟଲକ୍ଷ୍ମୀ ପାଣିଗ୍ରାହି

ରୋଷେଇ ଘରେ ପଶୁ ପଶୁ ଝରକା ଖୋଲି ମାଆ ଡାକିଲେ ବିପୁଳକୁ। ଆଖି ମଳି ମଳି ବିପୁଳ ଆସିଲା। ସବୁଦିନ ପରି ମୁଠାଏ ଖୁଦ ପଡ଼ିଶାଘରର ଆଜବେଷ୍ଟ ଉପରକୁ ଫିଙ୍ଗି ଦେଲା। ସାଙ୍ଗେ ସାଙ୍ଗେ ଧଳା ଆଉ ଧୂସର ରଙ୍ଗର କିଛି ପାରା ଫଡଫଡ କରି ଖୁଦ ଖାଇବା ପାଇଁ ସବୁଦିନ ପରି ଉଡି ଆସିଲେ। ତାଙ୍କ ଶବ୍ଦ ଶୁଣି କାଉ କେତେଟା ମଧ୍ୟ ଆସିଗଲେ। ସେମାନଙ୍କୁ ଦେଖି ପାରାମାନେ ଏଣେ ତେଣେ ହେଲେ। ଅଦୂରରେ ବସିଥିଲେ ବଣୀ ଆଉ ଘରଚଟିଆ। ସମସ୍ତେ ଖୁଦ ଖାଇ ଗଲା ପରେ ସେମାନେ ଆସିବେ। ମାଆ ପୁଣି ସେମାନଙ୍କୁ କିଛି ଖୁଦ ଦେଲେ।

ବିପୁଳ ତା'ରି ଭିତରେ ମୁହଁଧୋଇ ଛାତ ଉପରକୁ ପଳାଇ ଯାଇଥିଲା। ଉପରୁ ଥାଇ ଦେଖିଲା ଚଟିଆ ଖୁଦ ଖାଇ ସାରି ଆଜି ସିଧା ଉଡିଯାଉ ନାହିଁ ପାଖ ନଡ଼ିଆ ଗଛରେ କରିଥିବା ତା'ର ବସାକୁ। ହେଲେ ଆଜି ସେ ଯାଉନି କାହିଁକି ? ମନ ମାରି ଏଠି ସେଠି ବସୁଛି। ବିପୁଳ ଗଛ ଆଡକୁ ଚାହିଁଲା। ସବୁଦିନ ପବନରେ ଦୋଳି ଖେଳୁଥିବା ବସାଟି ଆଜି ନାହିଁ ସେଠାରେ। ଛାତ ଉପରୁ ଗଛମୂଳ ଆଡକୁ ଉହୁଙ୍କି ଚାହିଁଲା। ତାକୁ କିଛି ଦେଖା ଗଲା ନାହିଁ। ସେ ବଣିକୁ ବାରମ୍ବାର ଦେଖିଲା ତା'ପରେ ତଳକୁ ଦୌଡିଯାଇ ମାଆଙ୍କୁ ପଚାରିଲା।

- ପକ୍ଷୀର ବସା କିଏ ନେଲା ମାଆ

-ବସା କିଏ ନେବ ? ଆଉ କାହିଁକି ?

- ସେଠାରେ ନାହିଁ ଯେ...ସେଥିପାଇଁ ଦେଖୁନ ପକ୍ଷୀ ଆଜି କୁଆଡେ ଯାଉନାହିଁ।

ମାଆ ପକ୍ଷୀ ଆଡ଼କୁ ଚାହିଁଲେ। ତା' ଉଦାସିଆ ଆଖିରେ ଅନେକ ଦୁଃଖ। ସେ ଠଉରାଇ ପାରିଲେ, ବୋଧହୁଏ ଗତକାଲିର ପବନରେ ବସା ଖସି ଯାଇଛି। ମାଆଙ୍କ କଥା ଶୁଣି ବିପୁଳ ଧାଇଁଗଲା ଗଛ ତଳକୁ। ଦେଖିଲା ସତକୁ ସତ ବସାଟି ତଳେ ପଡିଯାଇଛି। ତା' ଭିତରେ କାଦୁଅ ଭର୍ତ୍ତି। ବସାଟିକୁ ଆଣି ସେ ପାଣିରେ ଧୋଇଲା। ଦେଖିଲା ପକ୍ଷୀ ଭାରି ଚାଲାକ। ବହିରେ ଲେଖା ହୋଇଛି ଶୁଖିଲା କାଠି କୁଟା, ଆଉ ଛିଣ୍ଡା କନାରେ ପକ୍ଷୀ ତା'ର ବସା କରେ। ହେଲେ ଏ ବସାଟି କିଛି ପ୍ଲାଷ୍ଟିକ କେବେ ଦେଖି ନ ଥିଲି।

ବିପୁଳ ମାଆଙ୍କର ହେୟାର ଡ୍ରାଇୟର ଲଗାଇ ବସାଟିକୁ ଶୁଖାଇ ଦେଲା ନରମ କନା କିଛି ବସା ଭିତରେ ରଖି ଏକ ନରମ ଜରି ପକାଇଦେଲା। ଏବେ ଛିଣ୍ଡି ଯାଇଥିବା ସ୍ଥାନକୁ ସୂତାଆଣି ଛୁଞ୍ଚି ଧରି ମରାମତି କରାଇଦେଲା ବାପାଙ୍କୁ କହି। ବସାଟି ପୁଣି ଥରେ କିପରି ଖସି ନ ଯିବ ସେଥିପାଇଁ ବାପା ଓ ପୁଅ ମିଶି ବ୍ୟବସ୍ଥା କଲେ।

-ଦେଖ ମାଆ ! ବସାଟି କେମିତି ହୋଇଛି।



ଦଉଡି, କିଛି କନା, ଶୁଖିଲା ପତ୍ରରେ ତିଆରି ହୋଇଛି। ବସାଟି ଉପରେ ପଲିଥିନ ଛାଉଣୀଟିଏ ରହିଛି।

-ଆରେ ବାଃ ! ବୁଦ୍ଧିଆ ପକ୍ଷୀ ତୋର ବୁଦ୍ଧିକୁ ସାଲ୍ୟୁଟ।

- କ'ଣ କଲା କି ସେ ?

-ଦେଖୁନ ମାଆ ! କେମିତି ତା' ବସାରେ ସେ ପଲିଥିନ ପକାଇଛି, ବର୍ଷାରେ ଓଦା ହେବନି ବୋଲି।

-ସତରେ ଏ ପକ୍ଷୀର କୌଶଳକୁ ମାନିବାକୁ ହେବ। ବହିରେ ସିନା ଦେଖିଥିଲି ଆଉ ପଢ଼ିଥିଲି, ହେଲେ ଏମିତି ବସା ପ୍ରକୃତରେ ତାକୁ ଆରାମ ଦେବ ତ ?

-ଆରେ ବାଃ ! ଏକଦମ ଆରାମଦାୟକ ବାୟାବସା। ଏତେ ବୁଦ୍ଧି ତୋତେ କିଏ ଦେଲା।

-ୟୁଟ୍ୟୁବ ଆଉ ଗୁଗୁଲଠାରୁ ବୁଦ୍ଧିମାନ ମୋ ବାପା। ଆମେ ଯାଉଛୁ ବସାକୁ ଛାତ ଉପରେ ଝୁଲାଇ ରଖିଦେବୁ।

କିଛି ସମୟ ପରେ ମାଆ ଯାଇ ଦେଖିଲେ ପକ୍ଷୀଦୁହେଁ ବସାରେ ବସି ଝୁଲୁଛନ୍ତି ଆଉ ବିପୁଳ ତଳରୁ ସେମାନଙ୍କର ଭିଡିଓ କରୁଛି।


ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦


# ବୁଢୀମା ଘର

## କୀର୍ତ୍ତନ ସାହୁ



ବୁଢୀମା ନିଇତି କୋଠରୀକୁ ତାଙ୍କ
ଝାଡୁ କରିଥାନ୍ତି ସକାଳ ସଞ୍ଜେ
ଜିନିଷ ପତର ଗୋଟି ଗୋଟି କରି
ସଜେଇ ଥାଆନ୍ତି ଆହାକି ଖଞ୍ଜେ ।

ଯିଏ ଯେତେବେଳେ ଘରକୁ ଆସନ୍ତି
ବସାଇ ଥାଆନ୍ତି ଆଦର କରି
ଯାହା ଘରେ ଥାଏ ପରଷି ଦିଅନ୍ତି
କେଡ଼େ ଯତନରେ ହୃଦୟ ଭରି ।

ନିତି ସଞ୍ଜବେଳେ ନାତି ନାତୁଣୀଏ
ଚାରିପଟୁ ତାଙ୍କ ଯାଆନ୍ତି ଘେରି
କେଡ଼େ ଯେ ବାଗରେ ଗପ କହିଥାନ୍ତି
ଛୁଆଙ୍କୁ ମଜେଇ ନ କରି ଡେରି ।

ବୟସ ହେଲାଣି ସତୁରୀ ବରଷ
କାମରେ ତାଙ୍କର ଚଞ୍ଚଳ ଭାରି
ରାମାୟଣ ମହାଭାରତ ପଢନ୍ତି
ଚଟାଣରେ ଖଣ୍ଡେ ଆସନ ପାରି ।

ସଭିଙ୍କ ସାଥୀରେ କଥା ହେଇଥାନ୍ତି
ରାଗ ରୋଷ ତାଙ୍କ ଟିକିଏ ନାହିଁ
ଠାକୁର ପୂଜାରେ ଲାଗି ରହିଥାନ୍ତି
ଘରେ ସଭିଙ୍କର ମଙ୍ଗଳ ପାଇଁ ।


+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧




# ସପନୀର ଆକାଶ ବୁଲା

## ପ୍ରଶାନ୍ତ କୁମାର ମଙ୍ଗରାଜ

ଦିନେ ସପନୀ ବଗିଚାରେ ବସି ଥିଲା। କାଲୁଆ ପବନ ବହିଲା। ଝିପିଝିପି ବରଷା ହେଲା। ସପନୀ ଆକାଶକୁ ଅନେଇଲା। ଆକାଶରେ ଇନ୍ଦ୍ରଧନୁ ପଡିଥିଲା। ତା'ର ଗୋଟିଏ ପଟ ବଗିଚାକୁ ଛୁଇଁଥିଲା। ଆରପଟ ଦୂର ପାହାଡକୁ ଲାଗିଥିଲା। ସପନୀର ଆକାଶ ବୁଲିବାକୁ ମନ ହେଲା। ସେ ଇନ୍ଦ୍ରଧନୁ ଉପରେ ଚାଲିବାକୁ ଲାଗିଲା। ପବନରେ ଚାଲିବାକୁ ମଜା ଲାଗୁଥିଲା। ଇନ୍ଦ୍ରଧନୁର ରଙ୍ଗ ବୋଳି ହୋଇ ଯାଉଥିଲା। ଚାଲି ଚାଲି ସେ ଇନ୍ଦ୍ରଧନୁର ଉପର ଭାଗକୁ ଚାଲିଗଲା। ତଳକୁ ଅନେଇଲା। ଗଛଲତା, ବଣ ପାହାଡ, ନଦୀନାଳ ସବୁ ଛୋଟ ଦେଖା ଯାଉଥିଲା। ଉପରକୁ ଅନେଇଲା। ଏତେ ବଡ ଆକାଶରେ ଗୋଟିଏ ବୋଲି ତୋଫା ସୂରୁଜଟିଏ।

ଏମିତି କେତେ ବେଳ ଗଲା। ତୋଫା ସୂରୁଜ ଲାଲ ଦେଖା ଗଲା। ସପନୀ ଜାଣି ପାରିଲା ----- ଏଥର ସୂରୁଜ ଆକାଶରେ ଲୁଚି ଯିବେ। ସପନୀ ଡରି ଗଲା।

ଏତିକି ବେଳେ ଆକାଶ ରାଣୀ ଆସିଲା। ସପନୀର ହାତ ଧରି ପକାଇଲା। ତାକୁ ସାହସ ଦେଲା। ସୂରୁଜ ଲୁଚିବା ଆଗରୁ କଳା ବାଦଲକୁ ଡାକ ପକାଇଲା। କଳା ବାଦଲ ଆସିଲା। ସପନୀ ଓ ଆକାଶ ରାଣୀ ତା' ଉପରେ ବସିଲେ। ଆକାଶ ରାଣୀ ସପନୀକୁ ଆକାଶ ଦେଖାଇଲା। ଆକାଶରେ ତାରାମାନେ ଫୁଲ ପରି ଦେଖା ଯାଉଥିଲେ। ସେମାନଙ୍କ ମଧ୍ୟରେ ଚନ୍ଦ୍ର ଥିଲା। ସେ ତାରାମାନଙ୍କଠାରୁ ବଡ ଦେଖାଯାଉଥିଲା। ଆକାଶରାଣୀ ବୁଝାଇ ଦେଲା । ସତରେ ତାରାମାନେ ବଡ। ଦୂରରେ ଅଛନ୍ତି ବୋଲି ସାନ ଦେଖା ଯାଉଛନ୍ତି। ଚନ୍ଦ୍ର ହଉଛି ସାନ। ରାତିସାରା ସପନୀ ଓ ଆକାଶରାଣୀ ଆକାଶକୁ ଦେଖିଲେ। ଯେତେ ସେତେ କଥା। ରାତି ପାହି ପାହି ଆସୁଥାଏ। ହଠାତ୍ ଆକାଶରୁ ତାରାଟି ଖସି ପଡିଲା। ଆକାଶରେ ଜଳିଗଲା। ସରିତା ଡରିଗଲା । ଆକାଶ ରାଣୀ ବୁଝାଇ ଦେଲେ। ହେଲେ ସପନୀ ଆକାଶରୁ ଫେରିବାକୁ ମନ କଲା। ଆକାଶ ରାଣୀ କଳା ବାଦଲକୁ ଇସାରା ଦେଲା। କଳା ବଦଲ ଆକାଶରୁ ତଳକୁ ଖସିଲା। ବଗିଚା ପାଖକୁ ଆସିଲା। ସପନୀର କଳା ବାଦଲ ଉପରୁ ତଳକୁ ଡେଇଁ ପଡିଲା।

ଏତିକି ବେଳେ ସପନୀର ନିଦ ଭାଙ୍ଗି ଗଲା।


+ସାହୁକାର,ଭାଟପଡା,
ନିରାକାରପୁର, ପୁରୀ
ମୋ ୮୨୪୯୯୪୦୭୫୫




# ସ୍କୁଲ ଜମି ଲିଜ୍ ବାତିଲ କରିବା ପାଇଁ ଅଭିଭାବକଙ୍କର ଜିଲ୍ଲାପାଳଙ୍କ ନିକଟରେ ଦାବି

କେନ୍ଦ୍ରାପଡ଼ା, ୧/୦୮ (ନି.ପ୍ର): କେନ୍ଦ୍ରାପଡା ତହସିଲ ଅଧିନରେ ଥିବା କପାଳେଶ୍ୱର ମୌଜାରେ ଥିବା କପାଳେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପତିକୁ ଜଣେ ବ୍ୟକ୍ତିଗତ ଲୋକଙ୍କୁ ଲିଜ ଦେବା ନେଇ ଏକ ଅଭାବନୀୟ ଘଟଣା ଘଟିଥିବାରୁ ସ୍କୁଲର ଶତାଧିକ ଅଭିଭାବକ ଲିଜ ବାତିଲ କରିବା ପାଇଁ ଦାବି କରିଛନ୍ତି । ଦବି ମୁତାବକ ସ୍କୁଲ ଜମିକୁ ଲିଜ ସୂତ୍ରରେ ଦେଇଥିବା ଘଟଣା ଜଣାପଡିବା ପରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲର ଶିକ୍ଷକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ପଂଚାୟତ ରେ ଥିବା କପାଳେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଜମି ପ୍ଲଟ ନଂ ୬୪୨ ଓ ୬୪୧ ପ୍ରାୟ ୫୦ ଡିସିମିଲ ଜମି ଉପରେ ଦୀର୍ଘ ବର୍ଷ ହେଲା ସ୍କୁଲ ଅବସ୍ଥାପିତ । ସ୍କୁଲ ପରିସର ରେ ଅଙ୍ଗନୱାଡି କେନ୍ଦ୍ର, ଶୌଚାଳୟ ଓ ଛାତ୍ରଛାତ୍ରୀ ମାନେ ଖେଳିବା ପାଇଁ ଆବଶ୍ୟକ ଜାଗା ରହିଛି । ଏହି ଜାଗାକୁ ସ୍ଥାନୀୟ ଅଂଚଳର ବାସନ୍ତୀ ସେଠୀ ନାମକ ଜଣେ ମହିଳା ପ୍ଲଟ ନଂ-୬୪୧, ଖାତା ନଂ-୫୫୫/୬୪୯ ରକବାରେ ଥିବା ଏ୦.୦୫୦ ଡି (ଘରବାରି) ମୌଜା-କପାଳେଶ୍ୱର ସମ୍ପତିକୁ ୨୦୧୨ ମସିହାରେ ବେଆଇନ ଭାବରେ ଲିଜ କେଶ ନଂ-୩୭/୨୦୧୩ ରେ ମକଦ୍ଦମା କରି ନିଜ ନାମରେ କରି ନେଇଛନ୍ତି । ଏବେ ଏହାକୁ ଦଖଲରେ ନେବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ର ଦ୍ୱାରସ୍ଥ ହେବାରୁ ଉଚ୍ଚ ନ୍ୟାୟାଳୟ ର ନିର୍ଦ୍ଦେଶ କ୍ରମେ ଜାଗା ଚିହ୍ନଟ କରିବାକୁ ଯାଇଥିବା କେନ୍ଦ୍ରାପଡା ତହସିଲ ର ଆରଆଇ, ଅମିନ ଘଟଣା ସ୍ଥଳରେ ପହଁଚିବା ପରେ ଘଟଣା ଜଣାପଡି ଥିଲା । ସ୍କୁଲର ଅଧାରୁ ଅଧିକ ସମ୍ପତି ଲିଜରେ ଯାଇଥିବା ଜଣାପଡିବା ପରେ ଏହି ସ୍କୁଲର ଭୂ-ସମ୍ପତିର ଲିଜକୁ ତୁରନ୍ତ ବାତିଲ କରିବା ପାଇଁ ସ୍କୁଲ ପରିଚାଳନା କମିଟି, ସ୍ଥାନୀୟ ଅଂଚଳର ବାସିନ୍ଦା ଓ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଜିଲ୍ଲପାଳଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହ ଦାବିପତ୍ର ପ୍ରଦାନ ସମୟରେ ସରପଂଚଙ୍କ ପ୍ରତିନିଧି ଲୋହିତ କୁମାର ମହାନ୍ତି, ଗୁଲନଗର ସମାୟ ସମିତି ସଭାପତି ବିଷ୍ଣୁ ମହାପାତ୍ର, ହରି ନାରାୟଣ ମଲିକ, ବୈଷ୍ଣ ଚରଣ ବଳ, ହିଂମାଂଶୁ ବେହେରା, ରାକେଶ ରାୟ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ତେବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ମଲିକ ଘଟଣାର ସମାଧାନ କରିବା ନିମନ୍ତେ ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ

କେନ୍ଦୁଝର, ୧/୦୮ (ନି.ପ୍ର): ଚାକିରୀ ଜୀବନରୁ ଅବସର ଗ୍ରହଣ କରିଥିବା କେନ୍ଦୁଝର ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏକ ଭାବପୂର୍ଣ ପରିବେଶରେ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଶ୍ରୀ ଦେଓଙ୍କ ଉତ୍ସର୍ଗୀକୃତ ସେବାର ପ୍ରଶଂସା କରିଥିଲେ । ଶ୍ରୀ ଦେଓଙ୍କ କାର୍ଯ୍ୟକାଳକୁ ପ୍ରଶଂସା କରିବାକୁ ଯାଇ ଜିଲ୍ଲାପାଳ ଶ୍ରୀ ସିଂହ ନିଜ ବକ୍ତବ୍ୟରେ ଜିଲ୍ଲାର ଆଦିବାସୀ ଏବଂ ଅବହେଳିତ ସମ୍ପ୍ରଦାୟ ପାଇଁ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ଶ୍ରୀ ଦେଓଙ୍କ ଆନ୍ତରିକ ଏବଂ ପ୍ରତିବଦ୍ଧ ପ୍ରୟାସ ପାଇଁ ପ୍ରଶଂସା କରିଥିଲେ । ଶ୍ରୀ ଦେଓ ସର୍ବଦା ତାଙ୍କର ଶାନ୍ତ ଆଚରଣ, କେନ୍ଦ୍ରିତ ଆଭିମୁଖ୍ୟ ଏବଂ ଦଳଗତ ମନୋଭାବ ପାଇଁ ଜଣାଶୁଣା । ବିଭିନ୍ନ ଛାତ୍ରବୃତି ଏବଂ ଛାତ୍ରାବାସ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷା, ସଶକ୍ତିକରଣ ଏବଂ ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମିଳିଥିବା ଦାୟିତ୍ୱ ସୁଚାରୁରୂପେ ତୁଲାଇବାରେ ତାଙ୍କର ଅବଦାନ ପ୍ରଶଂସନୀୟ ବୋଲି ମଧ୍ୟ କହିଥିଲେ । ଏହି ଅବସରରେ ଶ୍ରୀ ପ୍ରବୀର କୁମାର ଦେଓ ଜିଲ୍ଲା ପ୍ରଶାସନ ଏବଂ ତାଙ୍କ ସହକର୍ମୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । କେନ୍ଦୁଝରରେ ସେବା କରିବା ଏକ ସୌଭାଗ୍ୟର କଥା ଓ ଏଠାରେ ପାଇଥିବା ଭଲପାଇବା ଏବଂ ସହଯୋଗ ସର୍ବଦା ତାଙ୍କ ହୃଦୟରେ ରହିବା ସହ କାର୍ଯ୍ୟକାଳ ମଧ୍ୟରେ ସମର୍ଥନ ପାଇଁ ଜିଲ୍ଲାପାଳ ଏବଂ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଉତରୀୟ ଓ ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରି ଶ୍ରୀ ଦେଓଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅବସରକାଳୀନ ଜୀବନ ସୁଖରେ କାଟିବା ପାଇଁ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ ଶ୍ରୀ ଦେଓ ୧୯୯୦ ମସିହାରେ ମୟୁରଭଞ୍ଜ ଜିଲ୍ଲା ସାରସକଣା ବ୍ଲକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ନିଜ ଚାକିରୀ ଆରମ୍ଭ କରି ପରେ ଗଞ୍ଜାମ, ଝାରସୁଗୁଡା ଓ କେନ୍ଦୁଝରରେ ସୁଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରି ଉପରିସ୍ଥ ଅଧିକାରୀଙ୍କ ପ୍ରଶଂସା ସାଉଁଟିଥିଲେ ।

## ବାଇକ ସହ ପିକଅପ ଧକ୍କା: ବାଇକ ଆରୋହୀ ଆହତ

କୋରେଇ, ୧/୦୮ (ନି.ପ୍ର): ପାଣିକୋଇଲି ଥାନା ଅନ୍ତଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାର ଅନତୀଦୂରରେ ବାଇକ ସହ ରଂଗରୁଟରେ ଆସୁଥିବା ଏକ ପିକଅପ ସହ ଧକ୍କା ହେବାରୁ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶଯେ ବଂଝାରପୁର ଥାନା ଅନ୍ତର୍ଗତ ବାଲମୁକୁଳି ଜେନାଡିହ ଗ୍ରାମର ବିଦ୍ୟାଧର ମଳିକ ଯାଜପୁର ରୋଡରୁ ଘରକୁ ଏକ ବାଇକରେ ଫେରୁଥିଲେ । ପାଣିକୋଇଲି ଜନଔଷଧି କେନ୍ଦ୍ର ନିକଟରେ ରାଜପଥରୁ ସଂଯୋଗୀକରଣ ରାସ୍ତାକୁ ଥିବା କଟରେ ସେ ପଶି ଆସିଯିବାରୁ ସମ୍ମୁଖରୁ ଆସୁଥିବା ଏକ ପିକଅପ ସହ ସାମ୍ନା ସାମ୍ନି ଧକ୍କା ହୋଇଥିଲା । ଫଳରେ ବିଦ୍ୟାଧର ପଡି ଗୁରୁତର ଆହତ ହୋଇଥିଲେ । ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ପହଂଚି ବିଦ୍ୟାଧରକୁ ଉଦ୍ଧାର କରି ପାଣିକୋଇଲିରେ ପ୍ରାଥମିକ ଚିକିତ୍ସା କରିବା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଘଟଣାସ୍ଥଳେ ପୁଲିସ ପହଂଚି ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି ।

# ସୁଧାର ଆସୁନି ଧାନମଣ୍ଡଳ ରେଳ ଷ୍ଟେସନ: ଦଲାଲଙ୍କ କବଳରେ ଆରକ୍ଷଣ କାଉଣ୍ଟର

ଧର୍ମଶାଳା, ୧/୦୮ (ନି.ପ୍ର): ଅତି ଦୟନୀୟ ଅବସ୍ଥାରେ ପଡିଥିବା ରେଳ ଷ୍ଟେସନର ଉନ୍ନତିକରଣ କରାଯାଇ ଏହା ନବକଳେବର କରାଯାଉଛି । ହେଲେ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ହେଲେ ରେଳ ବିଭାଗ ପକ୍ଷରୁ ଏହା ଉପରେ ନଜର ନ ପଡିବା ରେଳ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ପୂର୍ବ ତଟ ରେଳ ବିଭାଗ ଅଧିନରେ ଥିବା ଯାଜପୁର ଜିଲାର ଧାନମଣ୍ଡଳ ଷ୍ଟେସନ କ୍ଷେତ୍ରରେ । ଏହି ଧାନମଣ୍ଡଳକୁ ନେଇ ଓଡିଶାର ପରିଚୟ ମଧ୍ୟ ଦେଇଛି । ହେଲେ ଏହି ରେଳ ଷ୍ଟେସନ ଅବସ୍ଥା ନ କହିବା ଭଲ । ଏହି ଷ୍ଟେସନରେ ନୂଆ କୋଠା,ରେଳ ଲାଇନ ଓ ଫୁଟ୍ ଓଭର ବ୍ରିଜ ନିର୍ମାଣ ହୋଇଥିଲା । ହେଲେ ଯାତ୍ରୀଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହାଁ ଯାହାକି ରେଳ ଯାତ୍ରାମାନେ ଅଭିଯୋଗ କରିଛନ୍ତି । ୧ନଂ ଲାଇନ ରେ ରେଳକୁ ଅପେକ୍ଷା କରି ରହୁଥିବା ଯାତ୍ରୀମାନଙ୍କ ପାଇଁ ଛାତଟିଏ ନାହିଁ । ଫଳରେ ଖରା ବର୍ଷାରେ ସେମାନେ ଘଂଟା ଘଂଟା ଧରି ଆସୁଥିବା ରେଳକୁ ଅପେକ୍ଷା କରି ରହୁଛନ୍ତି । ଏପରିକି ପାନୀୟ ଜଳ ପାଇଁ ସେପରି କିଛି ସୁବିଧା ନାହିଁ । ଏହି ଷ୍ଟେସନ ନିକଟକୁ ଲାଗି ରହିଛି ରିଜରଭେସନ କାଉଁଟର । ଏହି କାଉଁଟର ଉପରେ ବଡଚଣା ସମେତ ଧର୍ମଶାଳା ଓ ବରୀ ଅଂଚଳର ଲୋକେ ଟିକେଟ୍ କାଟିବା ପାଇଁ ଆସିଥାନ୍ତି । ସ୍ଥାନୀୟ ଦଲାଲଙ୍କ ଏହି କାଉଁଟରକୁ ଅକ୍ତିଆର କରି ରଖିଛନ୍ତି । ଲାଇନ ପାଇଁ ଦଲାଲମାନେ ପୂର୍ବରୁ ଧାଡି ବାନ୍ଧି ରହୁଛନ୍ତି । ଫଳରେ ପ୍ରକୃତ ଲୋକ ଟିକେଟ ନ ପାଇ ନିରାଶ ହୋଇ ଫେରୁଛନ୍ତି । ଏବଂ ଅପେକ୍ଷାରତ ଯାତ୍ରୀଙ୍କ ପାଇଁ ବିଦ୍ୟୁତ୍ ବୋର୍ଡର ବ୍ୟବସ୍ଥା ରହିଥିବା ବେଳେ ଏଠାରେ ଏହି ବୋର୍ଡ ଭାଙ୍ଗି ରୁଜି ପଡି ରହିଛି । ଏବଂ ବାହାରେ ଥିବା ଷ୍ଟ୍ରିଟଲାଇଟ୍ ନ ଥିବାରୁ ବାହାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏହି ଷ୍ଟେସନରେ ଅନେକ ଲୋକାଲ ଓ ଏକ୍ସପ୍ରେସ ଟ୍ରେନ ରହୁଥିବାରୁ ବହୁ ରେଳ ଯାତ୍ରୀ ଏହି ଷ୍ଟେସନ ଉପରେ ନିର୍ଭର କରନ୍ତି । ତେବେ ଏହି ଷ୍ଟେସନ ଏଭଳି ଅବସ୍ଥାକୁ ନେଇ ରେଳ ଯାତ୍ରୀମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ରେଳ ବିଭାଗ ଏହି ଷ୍ଟେସନ ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାର ନବକଳେବର କରିବାକୁ ଦାବି କରିଛନ୍ତି ।

# ମାଦିକୁନ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

କନ୍ଧମାଳ, ୧/୦୮ (ନି.ପ୍ର): ଫୁଲବାଣୀ ସ୍ଥିତ ମାଦି କୁନ୍ଦ । ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରେ ଆଜି ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ହରିପ୍ରିୟା ସାହୁ ଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବିଦ୍ୟାଳୟ ର ସମସ୍ତ ସହକର୍ମୀ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସାହୁଙ୍କ ୧୧ ମାସ କାର୍ଯ୍ୟ କାଳ ମଧ୍ୟରେ ଅନୁଷ୍ଠାନର ବହୁିଧ ଉର୍ନତିମୂଳକ କାର୍ଯ୍ୟର ଭୂୟସୀ ପ୍ରଂଶସା କରିଥିଲେ । ସେହିପରି ସିଆରସି ଶ୍ରୀମତୀ ସରିତା ମହାରଣା ମଧ୍ୟ ପ୍ରଧାନ ଶିକ୍ଷୟତ୍ରୀ ବିଭିର୍ନ ବିଦ୍ୟାଳୟରେ କାମ କରି କିପରି କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି ତାହା ବର୍ଣ୍ଣନା କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୁଦ୍ର ପ୍ରସାଦ ମିଶ୍ର ଶ୍ରୀମତୀ ସାହୁଙ୍କ କାର୍ଯ୍ୟଶୈଳୀ ଉଚ୍ଚକୋଟୀର ବୋଲି କହିଥିଲେ । ଶେଷରେ ବିଦ୍ୟାଳୟ ପକ୍ଷରୁ ଶ୍ରୀମତୀ ସାହୁଙ୍କୁ ଉପଢୌକନ ଓ ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କୁନିକୁନି ଛାତ୍ରୀ ମାନେ ଗୋଲାପ ପ୍ରଦାନ କରି ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ବିଦାୟ ଦେଇଥିଲେ । ଏହି ଅବସରରେ ପୁରାତନ ଛାତ୍ର କାର୍ତିକେଶ୍ୱର ନାୟକ ମଧ୍ୟ ନିଜ ତରଫରୁ ଉପହାର ଦେଇ ସମ୍ବର୍ଦ୍ଧିତ କରି ଥିଲେ । ପୂର୍ବରୁ କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବକ୍ତୃତ । ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ର କୃତି ଛାତ୍ର ଛାତ୍ରୀଙ୍କୁ ଏହି ସ୍ୱତନ୍ତ୍ର ଉଛବ ରେ ଅନୁଷ୍ଠାନ ର ଉପସଭାପତି ଶୁଭେନ୍ଦୁ ତ୍ରିପାଠୀ, ସୁବାସ ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ କାର୍ତିକେଶ୍ୱର ନାୟକ ପୁରସ୍କୃତ କରିଥିଲେ । ଶେଷରେ ବିଦ୍ୟାଳୟ ପରିସରରେ ଟ୍ରଷ୍ଟ ପକ୍ଷରୁ ଆମ୍ବ, ପଣସ, ଲିଚୁ ଓ ପିଜୁଳି ଆଦି ଫଳ ବୃକ୍ଷ ରୋପଣ କରାଯାଇଥିଲା ।

# ବିଲେଇସର୍ଡ଼ା ହାଇସ୍କୁଲରେ ପ୍ରେମଚନ୍ଦ ଜୟନ୍ତୀ ପାଳିତ

ବଲାଙ୍ଗୀର, ୧/୦୮ (ନି.ପ୍ର): ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡ଼ା ଜବାହାରଲାଲ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ପ୍ରେମଚନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସ୍ୱାଧୀନ ସାହୁଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ପ୍ରେମଚନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ହିନ୍ଦୀ ଶିକ୍ଷକ ରଞ୍ଜିତ ମିଶ୍ର ନିଜ ବକ୍ତବ୍ୟରେ ମୁଂଶୀ ପ୍ରେମଚନ୍ଦଙ୍କ କାହାଣୀ ଗୁଡିକ ଆଜି ମଧ୍ୟ ଲେଖକଙ୍କ ଉଦ୍ଦେଶ୍ୟରେ ଏକ ଆହ୍ୱାନ ଭାବରେ ମୁଣ୍ଡ ଟେକି ଠିଆ ହୋଇଛି ବୋଲି କହିବା ସହ ତାଙ୍କର ଉପନ୍ୟାସ ଓ କାହାଣୀ ପାଇଁ ସେ ଚିର ଅମର ହୋଇ ରହିବେ ବୋଲି କହିଥିଲେ । ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ନିଜ ବକ୍ତବ୍ୟରେ ସାମୟିକ ଘଟଣା ଓ ଆନ୍ଦୋଳନ ପ୍ରଭୃତ ପ୍ରଭାବ ପ୍ରେମଚନ୍ଦଙ୍କ କାହାଣୀ ଉପରେ ପଡିଥିଲା ବୋଲି କହିଥିଲେ । ଶିକ୍ଷକ କାହ୍ନୁଚରଣ ଧରୁଆ କାହାଣୀ 'ନମକ କା ଦାରୋଗା', ଶିକ୍ଷକ ପ୍ରଦୀପ ଦଣ୍ଡସେନା କାହାଣୀ 'ସଦଗତି' ଓ ଶିକ୍ଷୟତ୍ରୀ ସୁଷମା ମେହେର କାହାଣୀ 'ପୂଷ କି ରାତ' କହି ଶୁଣେଇଥିଲେ ।ଏହି ଅବସରରେ ପ୍ରେମଚନ୍ଦ ସାହିତ୍ୟ ସମ୍ପର୍କିତ ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍‌ରେ ସମ୍ବଲପୁରୀ କବିତା ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ସମ୍ବଲପୁର, ୧/୦୮ (ନି.ପ୍ର): ସମ୍ବଲପୁରର ଅଗ୍ରଣୀ ପର୍ଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଗୁରୁବାର ଚଳିତ ବର୍ଷର ରାଜ୍ୟସ୍ତରୀୟ ସମ୍ବଲପୁରୀ ଦି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପୂର୍ବାହ୍ଣରେ ସମ୍ବଲପୁରୀ କବିତା ପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପର୍ଶ୍ଚିମାଂଚଳ ଲେଖକ ମଂଚର ସଂଯୋଜକ ଡଃ ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବଲପୁରୀ କବିତା ପାଠୋତ୍ସବରେ ମୋଟ୍ ୫୨ ଜଣ ସମ୍ବଲପୁରୀ କବି ସ୍ୱରଚିତ କବିତା ପାଠ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଡକ୍ଟର ଶ୍ୟାମସୁନ୍ଦର ଧର, ସମ୍ମାନିତ ଅତିଥି ଭାବେ କବି, ଗୀତିକାର ତଥା ଗାୟକ ମୋତିଲାଲ ଦୋରା ଏବଂ ମୁଖ୍ୟବକ୍ତା ଭାବେ ସମ୍ବଲପୁରୀ କବି ତଥା ଗବେଷକ ମୁକ୍ତକଣ୍ଠ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଡ଼ ଧର ନିଜ ବ୍ୟକ୍ତବରେ କହିଥିଲେ ଯେ, ସମ୍ବଲପୁରୀ ଦିନ ଦିନକୁଦିନ ନୁଆଁଖାଇ ଭଳି ଦେଶ ବିଦେଶରେ ପ୍ରସାରିତ ହୋଇ ଚାଲିଛି । ଗୁରୁ ସତ୍ୟନାରାୟଣ ବହିଦାର ଙ୍କର ସାରା ଜୀବନର ସଂଘର୍ଷର ପରିଣାମ ମିଳିଛି । ସେହିପରି ମୁଖ୍ୟ ବକ୍ତା ମୁକ୍ତକଣ୍ଠ ପ୍ରଧାନ କହିଥିଲେ ସମ୍ବଲପୁରୀ ଭାଷାରେ ଲେଖୁଥିବା କବି ମାନଙ୍କୁ, ସମ୍ବଲପୁରୀ ଗାୟକ ମାନଙ୍କୁ ସରକାର ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିସାରିଛନ୍ତି । ତଥାପି ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ପାଇଁ ଆନ୍ଦୋଳନ କରିବାକୁ ପଡ଼ିବା ଦୁର୍ଭାଗ୍ୟଜନକ । ସମ୍ବଲପୁରୀ କବିତା ପାଠ ଉତ୍ସବକୁ ପଙ୍କଜିନୀ ମେହେର, ଲଳିତ ବେବର୍ତା ଏବଂ ସୁଷମା ପ୍ରଧାନ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମର ସଂଯୋଜକ ଡଃ ପ୍ରମୋଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପର୍ଶ୍ଚିମାଂଚଳ ଏକତା ମଂଚର ଲଳିତା ଭୋଇ, ଜୁଲି ମହାପାତ୍ର, ଝୁନୁ ତ୍ରିପାଠୀ, ଯାମିନୀ ଠାକୁର, ନର୍ମଦା ପ୍ରଧାନ, ଭୂମିସୁତା ମେହେର, ପଙ୍କଜିନୀ ବୈଠକ୍ଷରୁ, ସଂଘମିତ୍ରା ପଣ୍ଡା, ଛବି ପତି, କାନ୍ତି ମେହେର, ଅଳକା ମହାପାତ୍ର, ଶୋଭାଗିନୀ ପଟେଲ ଆୟୋଜନରେ ସହଯୋଗ କରି ଥିଲେ । ସେହିପରି ଅପରାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପଦ୍ମଶ୍ରୀ ଡଃ ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଦେବୀପ୍ରସାଦ ଭୋଇଙ୍କ ନେତୃତ୍ୱରେ ମାଁ ସମଲେଇ ଏବଂ ଗୁରୁ ସତ୍ୟନାରାୟଣ ବହିଦାର ଙ୍କର ପ୍ରତିମୂର୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଡ଼ ହରିପାଲ ସମ୍ବଲପୁରୀ ଭାଷାର ମଧୁରତା ସହ ଗୁରୁ ସତ୍ୟନାରାୟଣ ବହିଦାର ଙ୍କର ଆଶିର୍ବାଦ ସମସ୍ତଙ୍କୁ ଯୋଡି ପାରିଥିବା କହିଥିଲେ । ଏଥିରେ ୨୫ ଟି ସାଂସ୍କୃତିକ ଦଳ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଶ୍ଚିମାଂଚଳ ଏକତା ମଂଚର ସାଂସ୍କୃତିକ ସଂଯୋଜକ ଦଶରଥ ମେହେର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ କୁ ସତ୍ୟନାରାୟଣ ସାହୁ, ବିରୁପାକ୍ଷ ପ୍ରଧାନ, ଶ୍ୟାମଳୀ ପତି, ସ୍ୱାଗତିକା ପଣ୍ଡା ସଂଯୋଜନା କରିଥିଲେ । ଏହି ଅବସରରେ ଚିତ୍ରାଙ୍କନ, ଫଟୋ ଏବଂ ସମ୍ବଲପୁରୀ ରିଲ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ପାଇଁ ଖାଦ୍ୟ ଏବଂ ସମ୍ବଲପୁରୀ କପଡା ଷ୍ଟଲ ଲଗାଯାଇଥିଲା କାର୍ଯ୍ୟକ୍ରମ ଆୟୋଜନ ରେ ରାହୁଲ ଗୁପ୍ତା, ରାଜେଶ ସ୍ୱାଇଁ, ନିଶିକାନ୍ତ ବିଶ୍ୱାଳ, ଅମିତାଭ ମାଝୀ, ସନ୍ତୋଷ ବଢ଼ାଇ, କିଶୋର ଧରେଇ, ସୁବ୍ରତ ପ୍ରଧାନ, ପ୍ରେମ ସାହାଣୀ, ଶୁଭମ ସାହୁ, ଅବିନାଶ କଂଟା, ବଣ୍ଡାଲୀ ସାହୁ, ହିମାଂଶୁ ସାହୁ, ଶିବଶଙ୍କର ନାଥ, ଶଶାଙ୍କ ଥାପା ଶଙ୍କର ମେହେର, ସୁରେନ୍ଦ୍ର ବଗର୍ତି ପ୍ରମୁଖ ସହଯୋଗ କରିଥିଲେ ।

# ସରକାରୀ ମହିଳା ମହାବିଦ୍ୟାଳୟରେ ରୋଟାରୀ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା ଶିବିର

କେନ୍ଦୁଝର, ୧/୦୮ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ,କେନ୍ଦୁଝର ରେ ରୋଟାରୀ କ୍ଲବ କେନ୍ଦୁଝର ସହଭାଗିତା ରେ ଦୁଇଦିନ ଧରି ଚାଲିଥିବା 'ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା' ସଚେତନତା କାର୍ଯ୍ୟକ୍ରମ ର ଉଦଯାପିତ ହୋଇଯାଇଛି,ଯାହାର ଆଭିମୁଖ୍ୟ ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟଗତ ଓ ମାନସିକ ଦୃଷ୍ଟିରୁ ସଚେତନ କରାଇବା । କାର୍ଯ୍ୟକ୍ରମର ଆରମ୍ଭରେ ଅତିଥିଗଣ ଇଷ୍ଟ ଦେବୀ ମା ତାରିଣୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱୋଳନ କରିଥିଲେ ।ଏହି ଅବସରରେ ସ୍ୱାସ୍ଥ୍ୟ ଓ ଛାତ୍ରୀ କଲ୍ୟାଣ ସମିତିର ଉପାଧ୍ୟକ୍ଷା ଗୀତାଞ୍ଜଳୀ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତକାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରୀ ତୃପ୍ତି ସଂଗୀତା ଶୁକ୍ଲା ମଂଚ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଲଳିତ ରଞ୍ଜନ ସାହୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିବା ସହ ସ୍ୱାସ୍ଥ୍ୟ ପ୍ରତି ସର୍ବଦା ସେଚେତନ ରହିବା ପାଇଁ ପ୍ରେରଣା ଦେଇଥିଲେ ।ଏହି ପରିପ୍ରେକ୍ଷୀରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ନିହାର ରଞ୍ଜନ ରଥ କିପରି ମାନସିକ ଦୁର୍ଶ୍ଚିନ୍ତାରେ ଥିବା ବ୍ୟକ୍ତି କେଉଁ ଉପାୟରେ ମୁକ୍ତି ପାଇପାରିବ,ବିଷାଦ ଓ ଚାପମୁକ୍ତରୁ ନିବୃତ ହେବାର ଉପାୟ ସମ୍ପର୍କରେ ପିଲାମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ରୋଟାରୀ କ୍ଲବ କେନ୍ଦୁଝରର ସଭାପତି ହରିହର ମହାନ୍ତ ଯୋଗ ଦେଇ କହିଥିଲେ ଯେ ରୋଗୀର କୌଣସି ଅସୁବିଧା ହେଲେ ଅନ୍ତତଃ ମୋତେ ଜଣାଇଲେ ମୁଁ ଆମ ସହଯୋଗିତାରେ ମାଗଣାରେ ଚିକିତ୍ସା କରେଇବି । ବିଶିଷ୍ଟ ଦନ୍ତ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତାଙ୍କ ନେତୃତ୍ୱରେ ଆସିଥିବା ଏସ.ସି.ବି ଚିକିତ୍ସାଳୟର ସ୍ୱାସ୍ଥ୍ୟ ପ୍ରଫେସର ମାନଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରିଥିଲେ । ସମ୍ମାନୀତ ଅତିଥି ଏସ.ସି.ବି ଚିକିତ୍ସାଳୟର ଦନ୍ତ ଚିକିତ୍ସକ ପ୍ରଫେସର ଡାକ୍ତର ଗୌରବ ଶର୍ମା ଦାନ୍ତର ଭୂମିକା କ'ଣ ଓ ଯତ୍ନ କିପରି ନେବେ ସେ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଅନ୍ୟତମ ସହଯୋଗୀ ଦନ୍ତ ଚିକିତ୍ସକା ଡାକ୍ତର ଅନିଶା ଦତ ପିପିଟି ମାଧମରେ ପିଲାମାନଙ୍କର ଦାନ୍ତକୁ କିପରି ଯତ୍ନ ନେବେ ଓ ଦାନ୍ତର କେଉଁ ପ୍ରକାର ରୋଗକୁ କିପରି ଚିକିତ୍ସା କରିବେ ସେ ସଂପର୍କରେ ଜଣାଇଥିଲେ ।ଦନ୍ତ ଚିକିତ୍ସକ ଡାକ୍ତର କ୍ରିଷ୍ଣା ପ୍ରିୟା ଓ କୁମାର କୁଲଦୀପ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ,ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ ମାନଙ୍କୁ ମାଗଣାରେ ଦନ୍ତ ଚିକିତ୍ସା କରିଥିଲେ ।ଏହି ସଭାରେ ଏନ୍.ଏସ୍.ଏସ୍ ଅଧିକାରିଣୀ ଡ଼. ନିବେଦିତା ଦାସ, ରେଡ କ୍ରସ ଅଧିକାରିଣୀ ଡ଼. ମୋନାଲିସା ଦାସ ବ୍ୟତୀତ ରେଡ୍ ରିବନ୍ କ୍ଲବ୍ ଅଧିକାରୀ ଅଧ୍ୟାପିକା ଡକ୍ଟର ବନିଶ୍ରୀ ଦାସଙ୍କ ସହଯୋଗିତାରେ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରୋଟାରିଆନ ପ୍ରଶାନ୍ତ ସ୍ୱାଇଁ, ବିଜୟନାଥ କପୁର, ଅମୀୟ ବେହେରା, ସବିତା ବେହେରା, ରାଜଲକ୍ଷ୍ମୀ ସ୍ୱାଇଁ, ଡକ୍ଟର ମମତା ରାଣୀ ଜେନା, କେନ୍ଦୁଝର ଡେଭଲପମେଂଟ କାଉନସିଲ ର ଅଧ୍ୟକ୍ଷ ଡ଼ ସନ୍ଦୀପ କୁମାର ପଟ୍ଟନାୟକ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ ଓ ଶତାଧିକ ଛାତ୍ରୀ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡକ୍ଟର ରାମଚନ୍ଦ୍ର ମଲ୍ଲ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବୁଲା ଗାଈ ଗୋରୁ କବଳରେ ଜୟପାଟଣା ସହର

ମୁଖୀଗୁଡା, ୧/୦୮ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ସହର ସାରା ବୁଲା ଗାଈ ଗୋରୁ ବୁଲୁଥିବା ବେଳେ ଅନେକ ଲୋକେ ନାହିଁ ନଥିବା ଆସୁବିଧାର ସମ୍ମୁଖିନ ହେଉଛନ୍ତି ।ଖାସ କରି ମହିଳା ମାନେ ହଇରାଣ ହେଉଥିବା ବେଳେ ରୋଗୀ,ଗର୍ଭବତୀ ଙ୍କ କଥା ନକହିବା ଭଲ । ରାଜବାଟି ରାସ୍ତା ଠାରୁ ଥାନା ପର୍ଯ୍ୟନ୍ତ ସବୁଠି ଗାଈଗୋରୁ ଲୋକଙ୍କୁ ନାକେଦମ କରୁଛନ୍ତିଏହି ରାସ୍ତାରେ ଥାନା, ଡାକ୍ତରଖାନା,କୋର୍ଟ, ତହସିଲ କାର୍ଯ୍ୟାଳୟ ଭଳି ଅନେକ କାର୍ଯ୍ୟାଳୟ ରହିଛି । ବିଭିନ୍ନ କାମ ରେ ଶହ ଶହ ଲୋକେ ଦୈନିକ ଯିବା ଆସିବା କରୁଛନ୍ତି । କିନ୍ତୁ ଏତେତେଣେ ଗାଈଗୋରୁ ଦୌଡ଼ିବା ଫଳରେ ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗାଈଗୋରୁଙ୍କ ଭୟରେ ଲୋକେ କେଉଁଠି ବାଇକ ରଖିବା ପାଇଁ ଭୟ କରୁଛନ୍ତି ।ରାସ୍ତା ମଝିରେ ଗାଈଗୋରୁ ଅଟକି ରହୁଛନ୍ତି ଆଉ ବିଚ ରାସ୍ତାରେ ଶୋଇ ରହୁଛନ୍ତି ଯାହାଫଳରେ ସବୁବେଳେ ଲୋକଙ୍କ ପାଇଁ ବିପଦ ରହୁଛି । ନା କେଉଁଠି ଠିଆ ହୋଇ ଲୋକେ କଥା ହୋଇପାରୁଛନ୍ତି ନା କେଉଁଠି ଗାଡି ରଖି କୁଆଡ଼େ ଯାଇପାରୁଛନ୍ତି । ଏହା ଗୋଟିଏ ରାସ୍ତାର କଥା ନୁହେଁ । ଜୟପାଟଣା ସହର ସାରା ସମାନ ସ୍ଥିତି । ଏପରିକି ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଗାଈଗୋରୁଙ୍କ ପାଦୁର୍ଭାବ ଦେଖିବାକୁ ମିଳୁଛି ।

# ଶିକ୍ଷା ଓ କଳା ସଂସ୍କୃତିକୁ ଭଲ ପାଉଥିଲେ ସୁନନ୍ଦା ଦେବୀ

ଭଦ୍ରକ, ୧/୦୮ (ନି.ପ୍ର): ବଉଳା +୨ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଅନୁଷ୍ଠାନ ପ୍ରେମୀ ସ୍ୱର୍ଗତଃ ସୁନନ୍ଦା ରାଣୀ ସ୍ୱାଇଁଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାକୁ କବି ଅର୍ନ୍ତଯ୍ୟାମୀ ରାଉତ୍ ସଂଯୋଜନା କରିଥିଲେ । ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା,ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଆନନ୍ଦପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ବେହେରା, କବି ଅଶୋକ ପୁହାଣ, ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ,ସାହିତ୍ୟିକ ଚର୍ତୁଭୁଜ ପହି, କିର୍ତନ ଚରଣ ନାୟକ, ନାରାୟଣ ଚନ୍ଦ୍ର ଲେଙ୍କା, ମୋହନ କୁମାର ମହାନ୍ତି, ଶିକ୍ଷକ ରମାକାନ୍ତ ଜେନା, ପଂଚାନନ ପୃଷ୍ଟି, କବି ଶଙ୍ଖାଳୀ ଚରଣ ରାଉଳ, ପୂର୍ବତନ ସରପଂଚ ବିଷ୍ଣୁ ପ୍ରସାଦ ନାୟକ,ଗାୟକ ଚିନ୍ତାମଣି ବେହେରା, ହେମନ୍ତ କୁମାର ନାୟକ, ସାମ୍ବାଦିକ ହେମନ୍ତ କୁମାର ସିଂହ,ଆଗରପଡା ବରିଷ୍ଠ ନାଗରିକ ସୁରକ୍ଷା ମଂଚ ସଭାପତି କୈଳାସ ଚନ୍ଦ୍ର ଧଳ, ସୁରେନ୍ଦ୍ର କୁମାର ପରିଡା, ଅନନ୍ତ ମୁଦୁଲି, କବୟତ୍ରୀ ପୁଷ୍ପା ମଞ୍ଜରୀ କର, ପ୍ରତିମା ଦାଶ, ପୂର୍ବତନ ସରପଂଚ ସତ୍ୟସାଧନ ବେଜ୍ ପ୍ରମୁଖ ଜନ୍ମରୁ ମୃତ୍ୟୁ ମଧ୍ୟରେ ଏମିତି କିଛି କାମ କର ଯାହାକୁ ସବୁଦିନ ପାଇଁ ସମାଜ ମନେ ରଖିବ ।

# ଭଙ୍ଗା ହାତରେ ମଧ୍ୟ ରୋଗୀଙ୍କୁ ଚିକିତ୍ସା : ଚର୍ଚ୍ଚାରେ ଯୁବ ଡାକ୍ତରାଣୀ ଟ୍ୱିଙ୍କଲ

ସମ୍ବଲପୁର, ୧/୦୮ (ନି.ପ୍ର): ଡାକ୍ତର ଭଗବାନଙ୍କ ସ୍ୱରୂପ । ସେହିପରି ଇଚ୍ଛାଶକ୍ତି ଥିଲେ ଜଣେ କର୍ତବ୍ୟ ପରାୟଣ ଡାକ୍ତର ଅନେକ ବାଧା ବିଘ୍ନକୁ ଖାତିର ନ କରି ରୋଗୀସେବାରେ ନିଜକୁ ଉଚ୍ଚର୍ଗ କରି କର୍ତବ୍ୟ ପାଳନ କରିପାରିବ । ଏଭଳି ଜଣେ ଯୁବା ଡାକ୍ତର ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଫାଶୀମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ନେଇ ବେଶ୍ ଚର୍ଚ୍ଚିତ । ଫାଶୀମାଲ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ଥିବା ବେଳେ ନିଜ ଭଙ୍ଗା ହାତରେ ପଟି ବାନ୍ଧି ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଜଣେ ଯୁବ ଡାକ୍ତରାଣି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ଡାକ୍ତର ଟ୍ୱିଙ୍କଲ ପଟେଲ ଗୁରୁବାର ଫାଶୀମାଲ ସ୍ୱାସ୍ଥ୍ୟ କେନ୍ଦ୍ର ଓପିଡିରେ ରୋଗି ଚିକିତ୍ସା ଡ୍ୟୁଟି ଥିବା ବେଳେ ଡାକ୍ତର ଟ୍ୱିଙ୍କଲ ନିଜ କର୍ତବ୍ୟକୁ ଅବହେଳା ନ କରି ନିଜ ଭଙ୍ଗା ହାତରେ ପଟି ବାନ୍ଧି ରୋଗୀଙ୍କୁ ଚିକିତ୍ସା କରିଥିଲେ ଏପରିକି ଚିକିତ୍ସା ସମୟରେ ସେ ରୋଗୀଙ୍କୁ ସମ୍ପୂର୍ଣ ଭାବେ ଯାଂଚ ମଧ୍ୟ କରୁଥିଲେ ଏବଂ ତାଙ୍କ ହାତରେ ଥିବା ଆଘାତ ର ଯନ୍ତ୍ରଣା କୁ ବେଖାତିର ମଧ୍ୟ କରୁଥିଲେ । ଡାକ୍ତର ଟ୍ୱିଙ୍କଲ ଗୋଟିଏ କି ଦୁଇଟି ନୁହେଁ ବରଂ ଗୁରୁବାର ଦିନ ପ୍ରାୟ ୮୦ ରୁ ୯୦ ଜଣ ରୋଗୀଙ୍କୁ ଚିକିତ୍ସା କରିଛନ୍ତି ଏବଂ ସକାଳ ୮ରୁ ଅପରାହ୍ଣ ୧୨ ଟା ଏବଂ ଅପରାହ୍ଣ ୪ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରୋଗୀ ଚିକିତ୍ସା କରୁଛନ୍ତି । ହେଲେ ଏହା ଗୋଟିଏ ଦିନ ନୁହେଁ କିଛି ଦିନ ପୂର୍ବରୁ କୌଣସି କାରଣ ରୁ ଦୁର୍ଘଟଣା ହୋଇ ତାଙ୍କ ହାତରେ ଆଘାତ ଲାଗିଥିଲା ହେଲେ ଆଘାତ ସତ୍ୱେ ଡାକ୍ତର ଟ୍ୱିଙ୍କଲ ରୋଗୀ ସେବା ରେ କୌଣସି ଅବହେଳା କରୁନାହାନ୍ତି । ରୋଗୀଙ୍କ ସହିତ କୋମଳ ବ୍ୟବହାର ସହିତ ମଧୁର ବାଣୀରେ କଥା ହୋଇ ରୋଗୀଙ୍କ ଚିକିତ୍ସା କରୁଛନ୍ତି । ଡାକ୍ତର ଙ୍କ ଏଭଳି କର୍ତବ୍ୟ ରେ ନିଷ୍ଠା କୁ ଅଂଚଳରେ ଖୁବ ପ୍ରଶଂସା ମଧ୍ୟ କରାଯାଉଛି । ଗୋଟିଏ ପଟେ ଡାକ୍ତର ମାନେ ନିଜ ପକେଟ ଗରମ ପାଇଁ ନାନା ପନ୍ଥା ଅବଲମ୍ବନ କରୁଥିବା ବେଳେ ଅନ୍ୟ ପକ୍ଷରେ ଜଣେ ଯୁବ ଡାକ୍ତରାଣୀ ନିଜ କର୍ତବ୍ୟ କୁ ମାନବ କଲ୍ୟାଣ ପାଇଁ ନିୟୋଜିତ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି ।

# ବଡସାହି ବ୍ଲକସ୍ତରୀୟ କନଭେନସନ ଅନୁଷ୍ଠିତ




ବଡ଼ସାହି , ୦୧/୮ (ନି.ପ୍ର): ଓଡ଼ିଶା,ସ୍କୁଲ,କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବଡ଼ସାହି ବ୍ଲକ୍ ତରଫରୁ ଏକ କନଭେନସନ ଓଷ୍ଟା ବ୍ଲକ୍ ସଭାପତି ହରିଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହେଇ ଯାଇଚି। ବ୍ଲକ୍ ସମ୍ପାଦକ ଦମ୍ବୁରୁଧର ରାଉତ ଅତିଥି ପରିଚୟ ଓ ଆନ୍ଦୋଳନ ର ଉଦେଶ୍ୟ ଜ୍ଞାପନ କରିଥିଲେ, ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ ଉପସ୍ଥିତ ରହି ଆନ୍ଦଲନ କୁ ତୀବ୍ରତର କରିବା ପାଇଁ ଦୃଢ ମାନସିକତା, ସହ ନିଜର ନ୍ୟାର୍ଯ୍ୟ ଦାବି ହାସଲ କରିବା ପାଇଁ ଶିକ୍ଷାବିତ୍ ,ଅଭିଭାବକ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ମାନଙ୍କ ସହଯୋଗ କାମନା କରିଥିଲେ, ଉକ୍ତ ସଭାରେ ପୂର୍ବତନ ସରପଞ୍ଚ ମହେଶ୍ୱର ସେନାପତି, ପୂର୍ବତନ ବ୍ଲକ୍ ସଭାପତି ସରୋଜ ବେହେରା, କଲେଜ ସଂଗଠନର ସଦସ୍ୟ ହେମନ୍ତ ଦାସ,ହରିଶ ଦଣ୍ଡପାଟ ଉପସଭାପତି ଦିଲ୍ଲିପ ମହନ୍ତ, ଅଞ୍ଜଳି ଦଣ୍ଡପାଟ୍ ଦେବରାଜ ନାୟକ ଆଦି ଉପସ୍ଥିତ ଥିଲେ,ପ୍ରକାଶ ଥାଉକି, ସମନ୍ୱୟ ସମିତି ର ୬ ଦଫା ଦାବି ଯଥା,ଅନୁଦାନ ଯୋଗ୍ୟ ସମସ୍ତ ସ୍କୁଲ,କଲେଜ କୁ ଅନୁଦାନ ପ୍ରଦାନ କରିବା, ଦୀର୍ଘ ୩୦ ବର୍ଷ ଧରି ଶିକ୍ଷା ଦାନ କରି ରିକ୍ତ ହସ୍ତ ରେ ଅବସର ନେଇ ଥିବା ଓ ନେବାକୁ ଥିବା ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ର କର୍ମଚାରୀ ମାନଙ୍କୁ ଅବସର କାଳୀନ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା, ୧୯୭୪ ଶିକ୍ଷା ନିୟମ ଅନୁସାରେ ଅନୁଦାନ ପ୍ରାପ୍ତ କର୍ମଚାରୀ ମାନଂକ ଅବସର ବୟସ ସୀମା ୬୦ ରୁ୬୨ ବର୍ଷ କୁ ବୃଦ୍ଧି କରିବା, ପୂର୍ଣ୍ଣ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାରୀ କରଣ କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇ ଥିବା ଚୁକ୍ତି ଭିତ୍ତିକ ଶିକ୍ଷକ ମାନ ଙ୍କୁ୬ ଟି ଇନକ୍ରୀମେନ୍ଟ ପ୍ରଦାନ କରିବା । ସରକାର ବାରମ୍ବାର ପ୍ରତିଶ୍ରୁତି ଦେଉ ଥିଲେ ମଧ ସମସ୍ୟା ର ସମାଧାନ ରାସ୍ତା ବାହାର କରୁ ନଥିବାରୁ ,ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ର ସଦସ୍ୟ ମାନେ ଆନ୍ଦୋଳନ କରି ବାକୁ ବାଧ ହେଉଛନ୍ତି, ସେହିପରି ଆଗାମୀ ୨ ତାରିଖ ରାଜ୍ୟର ସମସ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ ଆଗରେ ଧାରଣା ସହ, ଅଗଷ୍ଟ୮ ତାରିଖ ରେ ଜିଲ୍ଲାପାଳଙ୍କ ମାଧମରେ ମୁଖ୍ୟ ମନ୍ତ୍ରୀ ଙ୍କ ନିକଟ କୁ ଦାବି ପ୍ରଦାନ କରାଯିବ।

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ବାଲେଶ୍ୱର ଶାଖାର ବୈଠକ




ବାଲେଶ୍ୱର, ୦୧/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ବାଲେଶ୍ୱର ଶାଖାର ବୈଠକ ମହେଶ୍ୱର ପ୍ରଧାନ ଅଧକ୍ଷତା ରେ ରାଧାକୃଷ୍ଣ ମନ୍ଦିର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଉପସଭାପତି ବାସୁଦେବ ରାହୁଳ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ଘୋଷାଲ, ଉପଦେଷ୍ଟା ଜ୍ଞାନ ରଞ୍ଜନ ମିଶ୍ର ଓ ରବିନାରୟଣ ବେହେରା , ଲକ୍ଷ୍ମଣ କୁମାର ପଣ୍ଡା , ପୂର୍ଣ୍ଣଚନ୍ଦ୍ର ବେହେରା , ପ୍ରଭାକର ସାହୁ , ଚକ୍ରଧର ଦାସ , ତପନ କୁମାର ଦାସ , ନାମ ଦେବ କମିଳା , ପଦ୍ମଲୋଚନ ପଣ୍ଡା , କମଳା କାନ୍ତ ଦାସ , ବାମନ ଚନ୍ଦ୍ର ଭୋଇ , ଅଶୋକ କୁମାର ଖିଲାର ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତି ସଂଘର୍ଷ ମଞ୍ଚ ବାଲେଶ୍ୱର ଜିଲ୍ଲାର କିପରି ଜନସାଧାରଣ ଙ୍କ ପାଇଁ କାମ କରିବ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସରକାରୀ କର୍ମଚାରୀ ଦୁର୍ନୀତି ରୁ ଲୋକଙ୍କୁ ମୁକ୍ତ କରିବା ଓ ସମାଜ ମଙ୍ଗଳ ପାଇଁ କାମ କରିବା , ସେଥି ପ୍ରତି ଧ୍ୟାନ ଦେବାକୁ ବାସୁଦେବ ରାହୁଳ ମତ ବ୍ୟକ୍ତ କରିଥିଲେ। ଜ୍ଞାନ ରଞ୍ଜନ ମିଶ୍ର କହିଥିଲେ । ଏହାର ପ୍ରଚାର ପ୍ରସାର ପାଇଁ ନୂତନ କର୍ମୀ କିପରି ଯୋଗ ଦେବେ ଓ ସଭ୍ୟ ସଭ୍ୟା ବୃଦ୍ଧି ପାଇବ ଚେଷ୍ଟା କରିବା ଉଚିତ୍ । ଦୁର୍ନୀତି ସଂଘର୍ଷ ମଞ୍ଚ ବାର୍ଷିକ ଉତ୍ସବ ନଭେମ୍ବର ଶେଷ ସପ୍ତାହରେ କରିବାକୁ ମତ ଦେଇଥିଲେ । ଏହି ସଭାରେ ସତ ପ୍ରବୃତ୍ତ ଭାବେ ମେମ୍ବର ଫି ଦେଇ ନୂତନ ସଭ୍ୟ ହେବା ପାଇଁ ଭଗବାନ ଚନ୍ଦ୍ର ଦାସ ଯୋଗ ଦେଇଥିବାରୁ ସଂଘର୍ଷ ମଞ୍ଚ ସମସ୍ତ ସଭ୍ୟ ସଭ୍ୟାଙ୍କୁ ପ୍ରଶଂସା କରିଥିଲେ । ଶେଷରେ ପୂର୍ଣ୍ଣ ଚନ୍ଦ୍ର ବେହେରା ଧନ୍ୟବାଦ୍ ଦେଇ ସଭା ଶେଷ କରିଥିଲେ ।

# ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ଶ୍ୱଶୁରଙ୍କ ପରଲୋକ



ବାଲେଶ୍ୱର, ୦୧/୮ (ନି.ପ୍ର): ବିଶିଷ୍ଟ ଲେଖକ ଓ ଶିକ୍ଷାବିତ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଶ୍ୱଶୁର ଶ୍ରୀଯୁକ୍ତ ଗୋବିନ୍ଦ ମେହେରଙ୍କ ଆଜି ସନ୍ଧ୍ୟାରେ ଭୁବନେଶ୍ୱରଠାରେ ୮୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ନିଜ ଝିଅ ଜୋଇଁଙ୍କ ସହିତ ସେ କଳିଙ୍ଗବିହାରରେ କିଛି ଦିନ ହେଲା ରହୁଥିଲେ। ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ପ୍ରାୟ ୨୫ ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରିବା ପରେ ସନ୍ଧ୍ୟା ପ୍ରାୟ ୬ଟାରେ ଅନେକ ଚେଷ୍ଟା ସତ୍ତ୍ୱେ ତାଙ୍କ ହୃତସ୍ପନ୍ଦନ ଫେରାଇ ଆଣିବା ସମ୍ଭବ ହୋଇପାରି ନଥିଲା। ସେ ଶେଷ ନିଶ୍ୱାସ ତ୍ୟାଗ କଲାବେଳେ ତାଙ୍କ ପାଖରେ ଏକମାତ୍ର କନ୍ୟା ପ୍ରଫେସର ମେହେରଙ୍କ ସହଧର୍ମିଣୀ ଶ୍ରୀମତୀ ଦୀପ୍ତିମୟୀ ମେହେର ଓ ପୁତ୍ର ପୂର୍ଣଚନ୍ଦ୍ର ମେହେର ଉପସ୍ଥିତ ଥିଲେ। ସେ ଜଣେ ସରଳ, ନିରଭିମାନ ଆଧାତ୍ମିକ-ପ୍ରାଣ ସମାଜସେବୀ ସଜ୍ଜନ ଥିଲେ। ନିଜ ଗ୍ରାମ ଖୁଣ୍ଟପାଲି ଠାରେ ସେ ହନୁମାନ ଜୟନ୍ତୀ ସମୟରେ ବହୁବର୍ଷବ୍ୟାପୀ ନିଜ ଖର୍ଚ୍ଚରେ ସତସଙ୍ଗର ନିୟମିତ ଆୟୋଜନ କରୁଥିଲେ, ଯାହା ଦ୍ୱାରା ଗ୍ରାମରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଆଧାତ୍ମିକତାର ବାତାବରଣ ସୃଷ୍ଟି ହେଉଥିଲା। ଆସନ୍ତାକାଲି ପୂର୍ବାହ୍ନରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ସେ ତାଙ୍କ ପଛରେ ପତ୍ନୀ ବୈଦେହୀ ମେହେର, ଚାରିପୁତ୍ର ବ୍ୟାସଦେବ, ଜୟଦେବ, ପୂର୍ଣଚନ୍ଦ୍ର, ବିଶ୍ୱଦେବ,ଚାରି ବୋହୂ,ନାତି ନାତୁଣୀ, ଏକମାତ୍ର କନ୍ୟା ଦୀପ୍ତିମୟୀ ଓ ଜାମାତାଙ୍କୁ ଛାଡିଯାଇଛନ୍ତି। ଏହି ଶୋକ ସମ୍ବାଦ ତାଙ୍କ ବାସସ୍ଥାନ ଖୁଣ୍ଟପାଲିରେ ଶୋକର ଛାୟା ଖେଳାଇ ଦେଇଛି। ସ୍ୱଭାବ-କବି ଗଙ୍ଗାଧର ମେହେର ଓ କବିପତ୍ନୀ ଶାନ୍ତା ଦେବୀ ସ୍ମୃତି ଟ୍ରଷ୍ଟ ତରଫରୁ ଗଭୀର ଶୋକ ପ୍ରକାଶ କରାଯିବା ସଂଗେ ସଂଗେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରାଯାଇଛି।

## ୪ ସେପ୍ଟେମ୍ବରରେ ସଂଘର୍ଷ ସଂକଳ୍ପ ସମାବେଶ

ଭୁବନେଶ୍ୱର, ୦୧/୮ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଓଡିଶା ରାଜ୍ୟ ପରିଷଦ ବୈଠକ ଭଗବତୀ ଭବନଠାରେ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଏହାର ୨୪ତମ ରାଜ୍ୟ ସମ୍ମିଳନୀ ୪,୫ ଓ ୬ ସେପ୍ଟେମ୍ବର ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବା ସ୍ଥିର ହୋଇଛି । ଶୋଷଣ, କଷଣ, ସାମ୍ପ୍ରଦାୟିକ ଏବଂ ଜାତିବାଦୀ ଘୃଣା, ହିଂସା ଏବଂ ଦମନରୁ ମୁକ୍ତ ଏକ ସମାଜ ଗଠନ ଦିଗରେ ସଂଘର୍ଷ ଏବଂ ତ୍ୟାଗର ଶତବାର୍ଷିକୀ ପାଳନ କରି ସମାଜବାଦୀ ସମାଜବାଦୀ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ସମର୍ପିତ ଏହି ସମ୍ମିଳନୀ । ଏହି ଶତବାର୍ଷିକୀ ବର୍ଷରେ ସିପିଆଇର ୨୪ତମ ରଜ୍ୟ ସମ୍ମିଳନୀର ପ୍ରଥମ ଦିନ – ୪ ସେପ୍ଟେମ୍ବର ପୂର୍ବାହ୍ନରେ "ସଂଘର୍ଷ ସଂକଳ୍ପ ସମାବେଶ" ଅନୁଷ୍ଠିତ ହେବ, ଯାହା ଶିକ୍ଷା, ସାସ୍ଥ୍ୟସେବା, ରୋଜଗାର, ଆବାସ, ବାସସ୍ଥାନ, ଜମି, ଜଳ, ଜଙ୍ଗଲ ଏବଂ ପରିବେଶ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବ । ଏହି ସଂଘର୍ଷ ସଂକଳ୍ପ ସମାବେଶରେ ସିପିଆଇର ସାଧାରଣ ସମ୍ପାଦକ ଡି. ରାଜା, ସିପିଆଇ ଜାତୀୟ ସମ୍ପାଦକ ତଥା ଏଆଇଟିୟୁସି ସାଧାରଣ ସମ୍ପାଦକ ଅମରଜିତ କୌର, ଜାତୀୟ ସମ୍ପାଦକ ପଲ୍ଲବ ସେନଗୁପ୍ତ, ଓଡ଼ିଶା ଦାୟିତ୍ୱରେ ଥିବା ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଏବଂ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ପ୍ରମୁଖ ଉଦ୍ବୋଧନ ଦେବେ ।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଅଭିଯୁକ୍ତ ଦୀର୍ଘଦିନ ପରେ ଗିରଫ

ବୈଶିଙ୍ଗା , ୦୧/୮ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ଗ୍ରାମରେ ଘରୋଇ ଗଣ୍ଡଗୋଳ ଏବଂ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜନୈକ ଯୁବକ ଗିରଫ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ ଗତ ଏପ୍ରିଲ ୧୨ ତାରିଖ ଦିନ ସଞ୍ଜୟ ଜେନା ପାରିବାରିକ ଗଣ୍ଡଗୋଳ ଯୋଗୁଁ ଅନସୂୟା ଜେନା ଓ ତାଙ୍କ ଝିଅ ମାମା ଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ୧୫୫/୨୫ ନଂ ରେ ଏକ ମାମଲା ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ ଅନସୂୟାଙ୍କ ଭଉଣୀ ପଦ୍ମିନୀ ବିଜୁଳିଙ୍କୁ ଅନସୂୟା ମରଣାନ୍ତକ ଆକ୍ରମଣ କରି କ୍ଷତବିକ୍ଷତ କରି ଗୁରୁତର ଆହତ କରିଥିବା ନେଇ ଏକ ଅଭିଯୋଗ ମଧ ପୋଲିସ ନିକଟରେ ହୋଇଥିଲା ଏବଂ ଏହାକୁ ନେଇ ୧୫୬ ନଂ ରେ ମାମଲା ରୁଜୁ ସହ ତଦନ୍ତ କରାଯାଇ ଅନସୂୟାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜେଲ ରୁ ଫେରିବ ପରେ ଘଟଣାର ନିରପେକ୍ଷ ଭାବେ ତଦନ୍ତ କରା ନ ଯାଇ ରାଜନୈତିକ ଚାପରେ ଅନ୍ୟାୟ ଭାବେ ତାଙ୍କୁ ହାଜତକୁ ପଠାଇ ଦିଆଯାଇଥିବା ଏବଂ ସଠିକ ଭାବେ ତଦନ୍ତ କରା ନ ଯାଇ ଦୋଷୀଙ୍କୁ ଘଣ୍ଟ ଘୋଡାଇବାକୁ ନେଇ ପୀଡିତା ଅନୁସୂୟା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ବାଲେଶ୍ୱର ପୋଲିସ ଆଇଜି ଙ୍କୁ ସାକ୍ଷାତ କରିଥିଲେ ମଧ କିଛି ଫଳ ମିଳିନଥିଲା । ଏଥିରେ ସେ ଭାଙ୍ଗି ପଡିବା ସହିତ ଗତ ମଙ୍ଗଳବାର ଦିନ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଅନସୂୟା ବାରିପଦା ଠାରେ ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିକଟରେ ଅଭିଯୋଗ କରିଥିଲେ ଏବଂ ପନ୍ଦର ଦିନ ମଧ୍ୟରେ କୌଣସି ପଦକ୍ଷେପ ନ ନେଲେ ଏସ୍ ପି ଙ୍କ କାର୍ଯ୍ୟାଳୟ ସାମ୍ନାରେ ଆତ୍ମହତ୍ୟା କରିବେ ବୋଲି ଲିଖିତ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ପୂର୍ବକ ପୋକ୍ସୋ ଧାରା ରେ ସଞ୍ଜୟ ଜେନାଙ୍କୁ ବାଲେଶ୍ୱର ଜିଲା ହଳଦୀପାଳ ଅଞ୍ଚଳ ରୁ ଗିରଫ କରାଯାଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଦିନ ଦୁଇଟା ସମୟରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ବିପଦ ସଙ୍କୁଳ ଅବସ୍ଥାରେ ତେଘରି ଉନ୍ନୀତ ଉପ୍ରା ବିଦ୍ୟାଳୟ : ଅଭିବାକକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦେଲେ ଅଭିଯୋଗ ପତ୍ର



ଜଳେଶ୍ୱର , ୦୧/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଚମାରଗାଁ ପଂଚାୟତ ତେଘରୀ ଗ୍ରାମରେ ଥିବା ହରେନ୍ଦ୍ରନାଥ ସରକାରୀ ଉନ୍ନୀତ ଉପ୍ରା ବିଦ୍ୟାଳୟ। ଏହି ବିଦ୍ୟାଳୟ ରେ ତେଘରି ଏବଂ ଚେଙ୍ଗଦା ଗ୍ରାମର ପିଲା ଅଧ୍ୟୟନ କରିଥାନ୍ତି। ଏହି ବିଦ୍ୟାଳୟ ୧୯୭୫ ବର୍ଷ ରେ ସ୍ଥାପିତ ହୋଇଥିଲା। ଏଠାରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ଏଥିରେ ୫୨ ପିଲା ଅଧ୍ୟୟନ କରନ୍ତି। ଏଠାରେ ପାଞ୍ଚଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହି ବିଦ୍ୟାଳୟ ଟି ପୁରୁଣା ବିଦ୍ୟାଳୟ ସହିତ ଏଠାରେ ୯ ଟି ଶ୍ରେଣୀ ଗୃହ ରହିଛି ସେଥିରୁ ଗୋଟାଏ ରହିଛି ପକ୍କା ରେ ନିର୍ମିତ ଶ୍ରେଣୀ ଗୃହ। ଆଉ ସବୁ ମାଟିରେ ନିର୍ମିତ ଏବଂ ଆଜବାଷ୍ଟର ଛାତ ଶ୍ରେଣୀ ଗୃହ । ଏହା ତିରିଶ ବର୍ଷ ତଳେ ନିର୍ମାଣ ହୋଇଥିବା ହେତୁ ଏହା ଫାଟି ଆଁ କରିବା ସହିତ ଛାତ ରୁ ପାଣି ମଧ୍ୟ ଗଳୁଛି ଏବଂ ଏବେ ବର୍ଷା ଦିନ ଥିବା ହେତୁ ଫଟା କାନ୍ଥ ରୁ ବିଷଧର ସାପ ମଧ ବାହାରୁଛି। ବିଦ୍ୟାଳୟ କୋଠରୀ ରେ ଅଭାବ ହେତୁ ଛାତ୍ର ଛାତ୍ରୀ ମାନେ ସାପ ର ଭୟ ଥିଲେ ମଧ ପାଠ ଅଧ୍ୟୟନ କରୁଛନ୍ତି । ତେଣୁ ଛାତ୍ର ଛାତ୍ରୀଙ୍କ ଅଭିଭାବକ ଏ ନେଇ ପୂର୍ବରୁ ଜଳେଶ୍ୱର ବିଡିଓ ଏବଂ ଆଜି ଜଳେଶ୍ୱର ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସୁଶାନ୍ତ ଜେନାଙ୍କୁ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଅଭିଭାବକ ସହିତ ଶତାଧିକ ଅଭିବାବକ ଅଭିଯୋଗ ସହିତ ତୁରନ୍ତ କୋଠେରି ନିର୍ମାଣ ପାଇଁ ଦାବୀ କରିଛନ୍ତି। ଏ ନେଇ ଜଳେଶ୍ୱର ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସୁଶାନ୍ତ ଜେନା ଙ୍କୁ ପଚାରିବାରୁ ସେ କହିଲେ ଏକ କୋଠରୀ ନିର୍ମାଣ ପାଇଁ ପାଣ୍ଠି ରହିଛି ଏବଂ ଅନ୍ୟ କୋଠରୀ ପାଇଁ ପାଣ୍ଠି ନାହିଁ ଆସିଲେ ନିର୍ମାଣ ହେବ ବୋଲି କହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଏଫ୍- ୩୫ ଯୁଦ୍ଧ ବିମାନ...

ପଛର କାରଣ ହେଉଛି ଚାପ ବୃଦ୍ଧି କରିପାରିବ। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଆମେରିକା ଏବଂ ଭାରତ ମଧ୍ୟରେ ଅନେକ ଥର ଆଲୋଚନା ହୋଇଛି। ଦକ୍ଷିଣ ଏବଂ ମଧ୍ୟ ଏସୀୟ ବ୍ୟାପାର ପାଇଁ ସହାୟକ ବିଦେଶ ସଚିବ ଭାବରେ କାର୍ଯ୍ୟ କରିଥିବା ନିଶା ବିଶ୍ୱାଲ ମଧ କହିଥିଲେ ଯେ ଆମେରିକାର ଶୁଳ୍କ ଲାଗୁ କେବଳ ଏକ ରଣନୈତିକ ପଦକ୍ଷେପ। ସେ ଭାରତ ଉପରେ ଚାପ ପକାଇବାକୁ ଚାହୁଁଛନ୍ତି। ଶୁଳ୍କ (ଟାରିଫ୍) ଭୟ ଦେଖାଇ ବିଭିନ୍ନ ଦେଶକୁ ଚାପଗ୍ରସ୍ତ କରି ସୁହାଇବା ଭଳି ବାଣିଜ୍ୟ ରାଜିନାମା ହାସଲ କରିବାରେ ସଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ନୁଆଁଇବାର ବିଫଳତାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଭାରତ ସହ ବାଣିଜ୍ୟ ରାଜିନାମା ସଫଳ ହେଉନଥିବାରୁ ଉତ୍କ୍ଷୀପ୍ତ ହୋଇ ସେ ଅନେକ କଟୁ କଥା କହିବା ଆରମ୍ଭ କରିଛନ୍ତି। ଭାରତ ଉପରେ ସେ ପ୍ରବଳ ଚାପ ପ୍ରୟୋଗ କରୁଛନ୍ତି। ଏଥି ସହିତ ସେ ଏକ ଅଜବ ବାଣିଜ୍ୟ ନୀତି ଗ୍ରହଣ କରି ପାକିସ୍ତାନ ସହ ବନ୍ଧୁତା କରିଥିବା ବେଳେ ଭାରତକୁ ନିନ୍ଦା କରିବାକୁ ପଛାଇ ନାହାନ୍ତି।

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା...

ବଳେ ସ୍କାନରରେ ଖୋଦ୍ ବୋର୍ଡ ଉପସଭାପତିଙ୍କ ଭୂମିକା ! ଯିଏ ପରୀକ୍ଷା ପ୍ରକ୍ରିୟା ଶୃଙ୍ଖଳିତ କରିବା କଥା, ପ୍ରଶ୍ନପତ୍ର ଲିକ୍ ରୋକିବା କଥା, ଖୋଦ୍ ତାଙ୍କରି ଲାପଟପରୁ କେମିତି ଲିକ୍ ହେଲା ପ୍ରଶ୍ନପତ୍ର ? ଏହାକୁ ସୁରକ୍ଷିତ ଭାବେ ରଖାଯାଇନଥିଲା କି ? ସେଠୁ ଅନାୟାସରେ କେମିତି ପେନ୍-ଡ୍ରାଇଭରେ କପି କରିନେଲେ ଡାଟା ଏଣ୍ଟ୍ରି ଅପରେଟର୍ ? ତାଙ୍କ ପାଖକୁ କେଉଁଠୁ ଆସିଲା ପାସୱାର୍ଡ ? ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଉପସଭାପତି ନିହାର ମହାନ୍ତିଙ୍କ ଭୂମିକା ଓ ଉତ୍ତରଦାୟିତ୍ୱକୁ ନେଇ ଏଭଳି ଅନେକ ପ୍ରଶ୍ନ ଉଠୁଥିବାବେଳେ, ତାଙ୍କ ସମେତ ବୋର୍ଡର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ପଚରାଉଚରା କରିଛି କ୍ରାଇମବ୍ରାଞ୍ଚ। ତେବେ ପେପର୍ ଲିକ୍ ହେବା ପଛରେ ବୋର୍ଡ ଷ୍ଟାଫଙ୍କ ସଂପୃକ୍ତି ସ୍ପଷ୍ଟ ହୋଇଛି ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି କହିବା ସହ, ପ୍ରଶ୍ନପତ୍ର ବାବଦରେ କଣ ଏସଓପି ରହିଛି ଓ ପ୍ରୋଟୋକଲ୍ ଭାଙ୍ଗିଛି କି ନାହିଁ, ସେ ଦିଗରେ ବି ଯାଞ୍ଚ ଚାଲିଛି ବୋଲି ଜଣାଇଛନ୍ତି। ସେପଟେ ଏହି ମାମଲାରେ କଳାହାଣ୍ଡି ଜିଲ୍ଲା ଭେଜିପଦର ପ୍ରାଥମିକ ସ୍କୁଲର ଶିକ୍ଷକ ପ୍ରଶାନ୍ତ ଖମାରିକୁ ଗିରଫ କରିବା ପରେ, ଗିରଫଦାରୀ ସଂଖ୍ୟା ୭କୁ ବଢ଼ିଛି। ଲିକ୍ ହୋଇଥିବା ଇଂରାଜୀ ପ୍ରଶ୍ନପତ୍ରକୁ ଓଡ଼ିଆରେ ଅନୁବାଦ କରିଥିଲେ ଏହି ଅଭିଯୁକ୍ତ ଶିକ୍ଷକ। ତାଙ୍କ ହସ୍ତାକ୍ଷର ସଂଗ୍ରହ କରି ଭାଇରାଲ୍ ପ୍ରଶ୍ନପତ୍ର ସହ ମ୍ୟାଚ୍ କରିବାକୁ ହ୍ୟାଣ୍ଡରାଇଟିଂ ବ୍ୟୁରୋକୁ ପଠାଯିବ। ଏଥିସହ ବାରମ୍ବାର ଓଟିଇଟି ପରୀକ୍ଷାରେ ଫେଲ୍ ହେବାରୁ ଚାକିରି ରେଗୁଲାର୍ ହେଉନଥିବା ଏବଂ ଇନକ୍ରିମେଣ୍ଟ ଅଟକିଥିବା କିଛି ଏକ୍ସ-କ୍ୟାଡର୍ ଶିକ୍ଷକଙ୍କ ସଂପୃକ୍ତି ସାମ୍ନାକୁ ଆସିଛି। ତେବେ ପ୍ରଶ୍ନପତ୍ର କାହାଠୁ କାହା କାହା ପାଖକୁ ଲିକ୍ ହୋଇଛି ଏବଂ ତାର ମନିଟ୍ରେଲ୍ ଦିଗରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜୋରଦାର କରିଛି। କେବଳ ଲାପଟପରୁ ପ୍ରଶ୍ନପତ୍ର ଲିକ୍ ସସପେନ୍ସ ନୁହେଁ। ଆଉ ଦୁଇଟି ଦିଗରୁ ବି ବୋର୍ଡ ଉପସଭାପତି ନିହାର ମହାନ୍ତିଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଗୋଟିଏ ହେଉଛି- ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ବିଭିନ୍ନ ପ୍ରମୁଖ ପଦପଦବୀରେ ଦୀର୍ଘବର୍ଷ ଧରି ରହିଆସିଛନ୍ତି ନିହାର। ପ୍ରାୟ ୨୦ ବର୍ଷ ହେବ ସେ ପରୀକ୍ଷା ନିୟନ୍ତ୍ରକ ଓ ସଂପାଦକ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ ଥିବା କୁହାଯାଉଛି।

### ଅଗଷ୍ଟ ୩୧....

ଯାଏଁ ପେପର୍-୨ ପରୀକ୍ଷା ହେବ। ଅଗଷ୍ଟ ୨୨ରୁ ୱେବସାଇଟରେ ଉପଲବ୍ଧ ହେବ ଆଡମିଟ୍ କାର୍ଡ। ତେବେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଗତମାସ ୨୦ ତାରିଖରେ ପରୀକ୍ଷା ବାତିଲ ହୋଇଥିଲା। ଏହାକୁ ନେଇ ରାଜ୍ୟବ୍ୟାପି ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ ପ୍ରଶ୍ନପତ୍ର ଲିକ୍ ମାମଲାର ତନାଘନା କରୁଛି କ୍ରାଇମବ୍ରାଞ୍ଚ। ବର୍ତ୍ତମାନ ସୁଦ୍ଧା ୫ ଶିକ୍ଷକଙ୍କ ସମେତ ୭ ଜଣଙ୍କୁ ଗିରଫ କରିସାରିଛି କ୍ରାଇମବ୍ରାଞ୍ଚ। ଏମାନଙ୍କ ମଧ୍ୟରେ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ତଥା ମାଷ୍ଟରମାଇଣ୍ଡ କୁହାଯାଉଥିବା ଜିତନ ମହାରଣା ମଧ ଅଛନ୍ତି। ସେପଟେ ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାର ଅଡୁଆ ସୂତା ଯେତେ ଖୋଲୁଛି, ସେତେ ବଢ଼ି ବଢ଼ି ଚାଲିଛି ବୋର୍ଡ ଉପସଭାପତି ନିହାର ମହାନ୍ତିଙ୍କ ଅଡୁଆ। ତାଙ୍କ ଲାପଟପକୁ କେମିତି ଆସିଲା ଓ ସେଠାରୁ କେମିତି ଲିକ୍ ହେଲା ପ୍ରଶ୍ନପତ୍ର, ତାକୁ ନେଇ କ୍ରାଇମବ୍ରାଞ୍ଚ ତନାଘନା ଜୋରଦାର କରିଛି। ଏହାରି ଭିତରେ ପରବର୍ତ୍ତୀ ପରୀକ୍ଷା ମଧ ଶୃଙ୍ଖଳିତ ଢଙ୍ଗରେ ହୋଇପାରିବ କି ନାହିଁ, ସେନେଇ ଆଶା ଆଶଙ୍କାରେ ପରୀକ୍ଷାର୍ଥୀ।

### ନିଶାର ନୂଆ ଜହର...

ବିହାର ପାଟନାରୁ ଏସବୁକୁ ମଗାଇଥିବା ବ୍ୟବସାୟୀକୁ ବାନ୍ଧିଛି। ତେବେ ଏତେ ପରିମାଣର କଫ୍ ସିରପ୍ କେଉଁଠୁ ଆସୁଥିଲା, କୁଆଡ଼େ ଯାଉଥିଲା ? ତା' ଚେର ଖୋଜିବାକୁ ଗୁଇନ୍ଦା ତଥ୍ୟ ନିଆଯାଉଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି। ବିହାର ପାଟନାରୁ କୋରିୟରରେ ଟ୍ୱିନସିଟିକୁ ଆସୁଛି ବେଆଇନ୍ କଫ ସିରପ୍। ମେଡିସିନ୍ ଦୋକାନ ବଦଳରେ ନିଶା ବେପାରୀଙ୍କ ପାଖକୁ ଚାଲାଣ ହେଉଛି। ଯାହାକୁ ଗତକାଲି ଭୁବନେଶ୍ୱର ଓ କଟକରେ ରାତି ଅଧିଆ ରେଡ୍ କରି ପର୍ଦ୍ଦାଫାସ୍ କରିଛି କ୍ରାଇମବ୍ରାଞ୍ଚ ଏସଟିଏଫ୍ ଓ ଡ୍ରଗ୍ କଣ୍ଟ୍ରୋଲର। ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଏକ କୋରିୟର ସଂସ୍ଥା ଗୋଦାମରୁ ସିଜ୍ ବେଳେ ଜବତ ହୋଇଛି ପ୍ରାୟ ୧୩ ହଜାରରୁ ଅଧିକ ସଂଖ୍ୟାରେ ବେଆଇନ୍ କୋଡିନ ଫସଫେଟ୍ କଫ ସିରପ୍ ବୋତଲ। ସେମିତି କଟକର ବାଦାମବାଡ଼ିସ୍ଥିତ ଏଲଆଇସି କଲୋନୀ ନିକଟରେ ଅନ୍ୟ ଏକ ଗୋଦାମରୁ ବି ୧୩ ହଜାରରୁ ଅଧିକ ବୋତଲକୁ ମିଶାଇ ମୋଟ୍ ୨୬ ହଜାର ୬ଶହରୁ ଅଧିକ କଫ ସିରଫ୍ ସିଜ୍ କରାଯାଇଛି। କୋରିୟର ଜରିଆରେ ଏତେ ପରିମାଣର ବେଆଇନ୍ କଫ୍ ସିରପ୍ ମଗାଇ ଚୋରା ଚାଲାଣ କରୁଥିବା ଭୁବନେଶ୍ୱର ଭରତପୁର ଅଞ୍ଚଳର ଅଂଶୁମାନ ଅଭିଜିତ୍ ସାହୁକୁ ଗିରଫ କରାଯାଇଛି। ତା ନିକଟରୁ ୨୫ଲକ୍ଷ ୪୧ ହଜାର ନଗଦ ଟଙ୍କା ମଧ ଜବତ ହୋଇଛି। ତେବେ ଏଠି ପ୍ରଶ୍ନ, ଯେଉଁ କଫ୍ ସିରପ୍ ଔଷଧ ଦୋକାନରେ ମିଳିବା କଥା, ଡାକ୍ତରଙ୍କ ପ୍ରେସକିପସନରେ ଦିଆଯିବା କଥା, ତାହା କୋରିୟର ସଂସ୍ଥା ଦ୍ୱାରା ମଗାଇ କୁଆଡ଼େ ବିକ୍ରି କରିଥାନ୍ତେ ଗିରଫ ଅଂଶୁମାନ ? ଯଦି ଏତେ ପରିମାଣର କଫ୍ ସିରପ ମାଗାଇଥିଲେ, କାହିଁକି ତାର ସଠିକ୍ ବିଲ୍ ନଥିଲା ? ଏସବୁର ତଦନ୍ତ ଚାଲିବ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି।

### ପତ୍ନୀଙ୍କ ଅଭିଯୋଗ...

ସମୟ ଦିନ ପ୍ରାୟ ୧୨ଟା। ସାଙ୍ଗରେ ନିଜ ଓକିଲଙ୍କୁ ଧରି ପହଞ୍ଚିଥିଲେ ଥାନାରେ। ସେଠାରେ ପ୍ରାୟ ଘଣ୍ଟାଏ ଧରି ଓଏଏସ ସାର୍ଥକଙ୍କୁ ପଚରାଉଚରା କରିଥିଲେ ମହିଳା ଥାନା ଅଧିକାରୀ। ତା'ପରେ ନୋଟିସ୍ ଦେଇ ତାଙ୍କୁ ଛଡ଼ାଯାଇଥିଲା। ଥାନାରୁ ବାହାରିବା ପରେ ପତ୍ନୀ ନିର୍ଯାତନାରୁ ଆତ୍ମହତ୍ୟା କରି ଦେଶବ୍ୟାପି ଚର୍ଚ୍ଚାକୁ ଆସିଥିବା ଅତୁଲ ସୁଭାଷଙ୍କ କଥା ମିଡିଆ ଆଗରେ ଉଠାଇଥିଲେ ସାର୍ଥକ। କହିଥିଲେ, ମୁଁ ଅତୁଲ ସୁଭାଷ ନୁହେଁ... ହାରିଯିବିନି। ଶେଷ ପର୍ଯ୍ୟନ୍ତ ଆଇନର ଲଢେଇ ଲଢିବି। ଆଇନ କାନୁନ, ପୋଲିସ ଓ ଜଗନ୍ନାଥଙ୍କ ଉପରେ ମୋର ବିଶ୍ୱାସ ଅଛି। ଅପରପକ୍ଷେ ଆଜି ପୁଣି ପତ୍ନୀ ଅର୍ଚ୍ଚନା କହିଛନ୍ତି, ସ୍ୱାମୀ ହସ୍ପିଟାଲ ପେମେଣ୍ଟ ଦେଇନାହାଁନ୍ତି। ମୋ ପାଖରେ ପ୍ରମାଣ ଅଛି। ମୁଁ ଏହି ମାମଲାର ସମାଧାନ ଚାହୁଁଛି। ମାନସିକ ନିର୍ଯାତନା, ନବଜାତ ସନ୍ତାନ ପ୍ରତି ନିଷ୍ଠୁରପଣ ଏବଂ ପତ୍ନୀ ଓ ଛୁଆ ପ୍ରତି ଦାୟିତ୍ୱହୀନତା ଆଦି ନାନା ଅଭିଯାଗ ଆଣି ସ୍ୱାମୀ ସାର୍ଥକଙ୍କ ସମେତ ଶାଶୁ ଓ ନଣନ୍ଦଙ୍କ ବିରୋଧରେ ମହିଳା ଥାନାରେ ଏତଲା ଦେଇଛନ୍ତି ପତ୍ନୀ ଅର୍ଚ୍ଚନା। ଏତଲା ପରେ ସ୍ୱାମୀ ସାର୍ଥକଙ୍କୁ ଭୁବନେଶ୍ୱର ମହିଳା ଥାନା ପୋଲିସ ନୋଟିସ୍ କରିଥିଲା। ଏପରିକି ୩ଜଣଙ୍କ ବିରୋଧରେ ବିଏନଏସ ଧାରା ୮୫, ୩୫୧(୨), ୩(୫) ଏବଂ ଯୌତୁକ ନିରୋଧ ଆଇନ-୪ ଅନୁସାରେ ମାମଲା ରୁଜୁ ହୋଇଛି। ତେବେ ସବୁ ଅଭିଯୋଗକୁ ମିଥ୍ୟା ବୋଲି ସାର୍ଥକଙ୍କ ପକ୍ଷରୁ କୁହାଯିବା ସହ ଗତ ମେ'ରେ କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରାଯାଇଛି। ମାମଲା ବିଚାରାଧିନ ଥିବା କୁହାଯାଇଛି। ତେବେ ଅର୍ଚ୍ଚନା କହିଛନ୍ତି, ମୁଁ କୌଣସି ଡିଭୋର୍ସ ନୋଟିସ୍ ପାଇନାହିଁ। ୨୦ ଫେବୃଆରୀ ୨୦୨୪ରେ ବିବାହ ହୋଇଥିଲା ପଞ୍ଚାୟତରାଜ ଏବଂ ପାନୀୟ ଜଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅର୍ଚ୍ଚନା ଦାଶ ଏବଂ OSDMA DGM ସାର୍ଥକ ସୌରଭ ମହାପାତ୍ରଙ୍କ ମଧ୍ୟରେ।

### 'ପୁଷ୍କରା' ଶ୍ରେଷ୍ଠ ...

ବିକ୍ରାନ୍ତ ମେସିଙ୍କୁ ମଧ ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଫିଲ୍ମ 'ଯବାନ' ପାଇଁ ଶାହରୁଖ ଖାନ ଶ୍ରେଷ୍ଠ ଅଭିନେତା ହୋଇଥିବାବେଳେ ୧୨ କ୍ଲାସ ଫେଲ୍ ପାଇଁ ବିକ୍ରାନ୍ତ ମେସିଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଘୋଷଣା କରାଯାଇଛି। ଶାହରୁଖ ଓ ବିକ୍ରାନ୍ତଙ୍କ ଏହା ହେଉଛି ପ୍ରଥମ ଜାତୀୟ ପୁରସ୍କାର। ସେହିପରି ଶ୍ରେଷ୍ଠ ଅଭିନେତ୍ରୀ ହୋଇଛନ୍ତି ରାଣୀ ମୁଖାର୍ଜୀ। 'ମିସେସ୍ ଚାଟାର୍ଜୀ / ନରୱେ' ଫିଲ୍ମ ପାଇଁ ରାଣୀ ମୁଖାର୍ଜୀଙ୍କୁ ମିଳିଛି ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର। ସେହିଭଳି 'ରକି ଔର ରାନୀ କି ପ୍ରେମ୍ କାହାନୀ' ଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ଓ 'କେରଳ ଷ୍ଟୋରୀ' ପାଇଁ ସୁଦୀପ୍ତୋ ସେନଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବରେ ମନୋନୀତ କରାଯାଇଛି।

### ଦେଶ ଦେଖିବ ନୂଆ...

ଧନଖଡ଼ ଜୁଲାଇ ୨୧ରେ ଇସ୍ତଫା ଦେଇଥିବା ବେଳେ ପରଦିନ ସକାଳେ ଏହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧିବଦ୍ଧ ଭାବେ ଗ୍ରହଣ କରି ନେଇଥିଲେ। ଧନଖଡ଼ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆହୁରି ୨ ବର୍ଷ ବାକି ରହିଥିଲା। ଭାରତୀୟ ସମ୍ବିଧାନର ଧାରା ୬୮(୨) ଅନୁସାରେ ଉପ ରାଷ୍ଟ୍ରପତିଙ୍କ ଇସ୍ତଫାର ନିର୍ଦ୍ଦିଷ୍ଟ ସମୟ ସୀମା ପଦରେ ଏହି ପଦ ପୂରଣ ପାଇଁ ନିର୍ବାଚନ ଶେଷ କରିବାର କୌଣସି ପ୍ରାବଧାନ ନାହିଁ। କେବଳ ନିର୍ବାଚନ ଯଥା ଶୀଘ୍ର ଶେଷ କରିବାକୁ ଏହି ଧାରାରେ ଉଲ୍ଲେଖ କରାଯାଇଛି। ସେହି ଆଧାରରେ ଏବେ ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

### ଝିଅ ପିଠିରେ ୫ କିମି ...

ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁକୁ ରାସ୍ତା ନଥିବାରୁ ମାଆକୁ ହରାଇଲୁ ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକେ। ପୂର୍ବରୁ ଉକ୍ତ ପରିବାରର ମୁଖିଆଙ୍କ ମୃତ୍ୟୁ ଏବଂ ଏବେ ମହିଳାଙ୍କ ମୃତ୍ୟୁ ପରେ ୩ ଭାଇ ଓ ଭଉଣୀ ମାଆ ଛେଉଣ୍ଡ ହୋଇଯାଇଛନ୍ତି। ତେଣେ ଘଟଣା ନେଇ ମେଡିକାଲ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ଶନିବାର, ଅଗଷ୍ଟ ୦୨, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜୀବନରୁ ମାରି ଶେଷ କରିଦେବା ଉଦ୍ୟମ ପାଇଁ ଅଭିଯୁକ୍ତ ଦଣ୍ଡିତ

ଭଦ୍ରକ , ୦୧/୮ (ନି.ପ୍ର): ୨୦୧୫ ମସିହା ନଭେମ୍ବର ମାସ ୪ ତାରିଖରେ ଭଦ୍ରକ ସହର ଉପକଣ୍ଠ ଗେଲପୁର (ଗୋପବନ୍ଧୁ ନଗର ) ଗ୍ରାମର ଏକ ସଂଘଠିତ ମରଣାନ୍ତକ ଆକ୍ରମଣ ଘଟଣାର ବିଚାର କରି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ନିବେଦିତା ପଣ୍ଡା ଅଭିଯୁକ୍ତ କାହ୍ନୁ ଚରଣ ମଳିକ ପି- ରାମାକାନ୍ତ ମଳିକ, ଉମାକାନ୍ତ ମଳିକ ପି- ଭୀମସେନ ମଳିକଙ୍କୁ ଭାରତୀୟ ପିଙ୍ଗଳ କୋଡର ଦଫା- ୩୨୩ ରେ ୬ ମାସ କାରାଦଣ୍ଡ ,୩୨୬ ଦଫାରେ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦୦୦ ଟଙ୍କା, ୩୦୭ ଦଫାରେ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ୨ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଟଙ୍କା ଆଦାୟ ହେବା ପରେ ତାହା ଉଭୟ ପୀଡିତଙ୍କୁ ପ୍ରଦାନ ପାଇଁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀ ଅନୁଯାୟୀ ୨୦୧୫ ମସିହା ନଭେମ୍ବର ମାସ ୪ ତାରିଖରେ ପୂର୍ବ ଶତ୍ରୁତାକୁ ନେଇ ସେହି ଗ୍ରାମର ମଙ୍ଗରାଜ ମଳିକ ଓ ତାଙ୍କ ଭାଇ ପୃଥୀରାଜ ମଳିକଙ୍କୁ ଭୁଜାଲି କଟୁରି ଇତ୍ୟାଦି ମାରଣାସ୍ତ୍ରରେ ଉପରୋକ୍ତ ଅଭିଯୁକ୍ତ ଓ ଉମାକାନ୍ତଙ୍କ ଭାଇ ତନୁ ଓରଫ ତନ୍ମୟ ମଳିକ ମାନେ ଆକ୍ରମଣ କରିବା ସହ ତାଙ୍କୁ ଜୀବନରୁ ମାରିଦେବା ପାଇଁ ପ୍ରୟାସ କରିଥିଲେ। ଆକ୍ରମଣ ବେଳେ ସେମାନଙ୍କ ପିତା ଦୁର୍ଯୋଧନ ମଳିକ ସେଠାରେ ପହଞ୍ଚି ତାଙ୍କ ଦୁଇ ପୁଅକୁ ସେମାନଙ୍କ କବଳରୁ ଉଦ୍ଧାର କରିବା ପରେ ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ସେଦିନ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନା କେସ ନଂ ୬୫୩/୧୫ ଦଫା- ୩୨୩,୩୨୪,୩୪୧,୩୨୬,୩୦୭,୩୪ରେ ଏକ ମାମଲା ରୁଜୁ ହୋଇଥିଲା ଓ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି ଜେଲ ପଠାଇ ଦେଇଥିଲା। ପରେ ସେମାନେ ଜାମିନରେ ଥିଲେ। ଆଜି ମାନ୍ୟବର କୋର୍ଟ ଅଭିଯୁକ୍ତ କାହ୍ନୁ ଓ ଉମାକାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ତନୁ ଓରଫ ତନ୍ମୟ ମଳିକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରି ଅଛନ୍ତି। ଅଭିଯୋଗକାରୀଙ୍କ ତରଫରୁ ଭଦ୍ରକର ବରିଷ୍ଠ ଓକିଲ ତଥା ଅତିରିକ୍ତ ପବ୍ଲିକ ପ୍ରାସିକ୍ୟୁଟର ଜାତିକାନ୍ତ ନାୟକ ଓ ସହକାରି ସରକାରୀ ଓକିଲ ପଙ୍କଜ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## ସ୍ୱାଧୀନତା ଦିବସରେ ଅଭିଭାଷଣ ରଖିବେ ଆଦର୍ଶ ବିଦ୍ୟାଳୟର ଛାତ୍ର ଲଳିତ: ରାଷ୍ଟ୍ରପତି ଭବନରୁ ଆସିଲା ଡାକରା

ନୀଳଗିରି, ୦୧/୮ (ନି.ପ୍ର): ନୀଳଗିରି ବ୍ଲକ ଜାମୁଡିହା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରଶଂସାର ପାତ୍ର ପାଲଟିଛନ୍ତି ଲଳିତ ରାଉତ। ସୂଚନା ମୁତାବକ ବାଲେଶ୍ୱର ବାଲିଆ ଅଞ୍ଚଳର ମା ରଶ୍ମିତା ଦାସଙ୍କ ପୁତ୍ର ଲଳିତ କୁମାର ରାଉତ ଜାମୁଡିହା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର ଅଟନ୍ତି। ଆସନ୍ତା ଅଗଷ୍ଟ ୧୫ ତାରିଖରେ ରାଷ୍ଟ୍ରପତି ଭବନରେ ଉଦ୍‌ବୋଧନ ଦେବାପାଇଁ ତାଙ୍କୁ ଡାକରା ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୨୦୨୩ ମସିହାରେ ପ୍ରତ୍ୟେକ ବିଦ୍ୟାଳୟରେ ବକ୍ତୃତା, ଚିତ୍ରାଙ୍କନ, ରଚନା ଲିଖନ ଆଦି ପରୀକ୍ଷା ମାନ ଆୟୋଜିତ ହୋଇଥିଲା। ଯେଉଁ ପ୍ରତିଯୋଗିତାରେ ଲଳିତ ପ୍ରଥମେ



ସ୍କୁଲ ସ୍ତରରୁ ଯୋଗ୍ୟ ବିବେଚିତ ହୋଇ, ପରେ ଜିଲ୍ଲା,ରାଜ୍ୟ ଓ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିଥିଲେ। ୨୦୨୪ ମସିହାରେ ଗୁଜୁରାଟରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍ତରର ପ୍ରତିଯୋଗିତାରେ ସେ ସୁନ୍ଦର ପ୍ରଦର୍ଶନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଫଳରେ ଆଗାମୀ ସ୍ୱାଧୀନତା ଦିବସରେ ସେଠାରେ ନିଜ ଅନୁଭୂତି ପ୍ରଦାନ କରିବା ସହ ଉପସ୍ଥିତ ଅତିଥିଙ୍କୁ ଉଦବୋଧନ ଦେବାପାଇଁ ରାଷ୍ଟ୍ରପତି ଭବନରୁ ତାଙ୍କୁ ଡକରା ଆସିଛି। ଜିଲ୍ଲା ପ୍ରତିଯୋଗିତାର ଗୋଟିଏ ଦିନ ପୂର୍ବରୁ ମୁଁ ପ୍ରତିଯୋଗିତାକୁ ଯାଉଛି ବୋଲି ମତେ ପ୍ରିନ୍ସିପାଲ କହିଥିଲେ ଏବଂ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ମୋ ପରିବାରର ସହଯୋଗ ସହିତ ଭଗବାନଙ୍କ ଆର୍ଶିବାଦ ପାଇ ମୁଁ ଭଲ ପ୍ରଦର୍ଶନ କରିପାରିଥିଲି । କେବେ ଭାବିନଥିଲେ ରାଷ୍ଟ୍ରପତି ଭବନରୁ ଡାକରା ଆସିବ ବୋଲି ।ସେଠାରେ ଯାଇ ନିଜର ଅନୁଭୂତି ପ୍ରଦାନ କରିବା ସହ କିଛି ଅଭିଭାଷଣ ଦେବାକୁ ଥିବାରୁ ସେଥିପାଇଁ ମୁଁ ବହୁତ ଖୁସି ଓ ଉତ୍ସାହିତ ଅଛି ବୋଲି ଲଳିତ କହିଛନ୍ତି।

## କ୍ୟାବିନେଟରେ ୫ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୦୧/୮ (ନି.ପ୍ର): ରାଜ୍ୟ କ୍ୟାବିନେଟର ୨୩ ତମ ବୈଠକ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। କ୍ୟାବିନେଟ ବୈଠକରେମୋଟ ୪ ଟି ବିଭାଗର ୫ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା। ଜଳସମ୍ପଦ ବିଭାଗର ୧ ଟି, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗର ୧ ଟି ଆଇନ ବିଭାଗର ୨ଟି ଏବଂ ଅର୍ଥ ବିଭାଗର ୧ ଟି ପ୍ରସ୍ତାବ ଗୃହୀତ ହୋଇଥିଲା । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ ।

## ନିର୍ବାହୀଯନ୍ତ୍ରୀ ଅବନୀ କୁମାର ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଆପାଳ , ୦୧/୮ (ନି.ପ୍ର): ବାଲିଆପାଳ ବ୍ଲକର ଗ୍ରାମ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅବନୀ କୁମାର ରାଉତ ଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ବାଲିଆପାଳ ଠିକାଦାର ସଂଘ ପକ୍ଷରୁ ବ୍ଲକ ଛକ ସ୍ଥିତ ଶୁଭମ୍ ଗେଷ୍ଟ ହାଉସ ପରିସରରେ ସଂଘର ସଭାପତି ପ୍ରଫୁଲ୍ଲ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବାଲେଶ୍ୱର ଦୁର୍ଯ୍ୟୋଧନ ବେହେରା, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ଅଧିକ୍ଷଣ ଯନ୍ତ୍ରୀ ସୈଭାଗ୍ୟ କୁମାର ଦାସ, ବାଲିଆପାଳ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁମିତ ମିଞ୍ଜ, ଜୟନ୍ତ କୁମାର ଗୋହା ପ୍ରମୁଖ ଯୋଗଦେଇ




ଶ୍ରୀ ରାଉତଙ୍କ କାର୍ଯ୍ୟ କରିବା ତରିକା ବେଶ ଉଚ୍ଚକୋଟୀର ବୋଲି ଅତିଥି ଗଣ ମତବ୍ୟକ୍ତ କରିଛନ୍ତି। ଶ୍ରୀ ରାଉତ ୨୦୨୦ ମସିହା ଠାରୁ ନିରବଚ୍ଛିନ୍ନ ଭାବରେ ଦାୟିତ୍ୱ ନିର୍ବାହ କରିବାଲିଆପାଳ ସମେତ ଭୋଗରାଇ, ଜଳେଶ୍ୱର ଠାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ସୁଚାରୁରୂପେ କାର୍ଯ୍ୟ କରି ପ୍ରଶଂସା ସାଉଁଟିଛନ୍ତି । ଚାକିରିର ଶେଷ ସମୟରେ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଁ ଜୁଲାଇ ତିରିଶରେ ଅବସର ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଠିକାଦାର ସଂଘ ର ସଞ୍ଜୟ ଦେ, ତାରାକାନ୍ତ ଜେନା,ଦୁର୍ଜୟ ନାୟକ , ରାଜେଶ ଦେ, ସୁବ୍ରତ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ବାଲିଆପାଳ, ଜଳେଶ୍ୱର ର ବହୁ ଠିକାଦାର ଉପସ୍ଥିତ ଥିଲେ। ସଂଘ ର ସମ୍ପାଦକ ଦିଲ୍ଲୀପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବାପା ସାମ୍ନାରେ ସୁସ୍ଥ ସବଳ ପୁଅ ଟଳି ପଡ଼ିଲେ: ଅପମୃତ୍ୟୁ ମାମଲା ରୁଜୁ

ବୈଶିଙ୍ଗା , ୦୧/୮ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଗଡଦେଉଳିଆ ଗ୍ରାମରେ ଗୁରୁବାର ଅପରାହ୍ନରେ ବାପାଙ୍କ ସହ ବାଇକରେ ଯାଉଥିବା ୪୦ ବର୍ଷିୟ ପୁଅଙ୍କୁ ହଠାତ୍ ଟାଣିନେଲା ଯମ। ଏଭଳି ଏକ ଦୁଃଖଦ ଘଟଣା ଯୋଗୁଁ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବେତନଟୀ ନିକଟସ୍ଥ ସଠିଲୋ ଗ୍ରାମର ରାକେଶ କୁମାର ଦାସ ଗଡଦେଉଳିଆ ସ୍ଥିତ ଏକ କାଗଜ କାର୍ଟୁନ୍ କାରଖାନାରେ କାମ କରନ୍ତି। ସେ ତାଙ୍କ ଘରଠାରୁ ଫ୍ୟାକଟ୍ରି କୁ ବାଇକ ଯୋଗେ ଦୈନିକ ଯିବାଆସିବା କରିଥାନ୍ତି। ତେବେ ତାଙ୍କ ବାପା ଅମିୟଙ୍କ ସହ ଏକ ବାଇକ ଯୋଗେ ଗୁରୁବାର ଯାଉଥିବା ବେଳେ ଫ୍ୟାକଟ୍ରି ଠାରୁ ଅଳ୍ପ ଦୂରରେ ହଠାତ୍ ମୁଣ୍ଡ ବୁଲାଇ ଦେଇଥିଲା। ସେ ଅସୁସ୍ଥ ଅନୁଭବ କରିବାରୁ ଓହ୍ଲେଇ ଗାଡ଼ିକୁ ଗଡ଼ାଇ ଗଡ଼ାଇ ଦୁଇଜଣ ଯାଉଥିବା ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡ୍ରେନରେ ପଡ଼ିଯାଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ବେତନଟୀ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ବୈଶିଙ୍ଗା ପୋଲିସ ପକ୍ଷରୁ ୩୬ ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ତେବେ ରାକେଶ ପୂର୍ବରୁ କୌଣସି ରୋଗରେ ପୀଡିତ ନଥିବା ପରିବାର ଲୋକଙ୍କ ସୂତ୍ରରୁ ପ୍ରକାଶ।

## ବୈଶିଙ୍ଗା ବିଇଡି ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ

ବୈଶିଙ୍ଗା , ୦୧/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସ୍ୱଚ୍ଛ ଭାରତ ଅଭିଯାନ ' କାର୍ଯ୍ୟକ୍ରମ କୁ ସଫଳ ରୂପାୟନରେ ପରିଣତ କରିବା ପାଇଁ ବୈଶିଙ୍ଗା ବିଇଡି ଆନୁକୂଲ୍ୟରେ ଆଜି ଅନୁଷ୍ଠିତ ସଫେଇ ଓ ବୃକ୍ଷରୋପଣ ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଇଛି । ବୈଶିଙ୍ଗା ବିଇଡି ଶିକ୍ଷାନୁଷ୍ଠାନର ଡାଇରେକଟର ମଧୁସୁଦନ ମହାନ୍ତି ଏବଂ ପ୍ରିନ୍ସିପାଲ ବଳରାମ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ୫୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ କଲେଜରୁ ବାହାରି ଏକ ଶୋଭାଯାତ୍ରାରେ ବଜାର ପଦକ୍ରମା କରି ବସଷ୍ଟପ୍ ନିକଟରେ ସଫେଇ କରିବା ସହିତ ଯାତ୍ରୀମାନଙ୍କୁ ସଚେତନତାର ବାର୍ତ୍ତା ବଖାଣିଥିଲେ । ଏହା ପରେ ବୈଶିଙ୍ଗା ଥାନା ପରିସରକୁ



ସଫେଇ କରିବା ସହିତ ୧୦ଟି ଚାରା ରୋପଣ କରାଇଥିଲେ । ସେଠାରୁ ବୈଶିଙ୍ଗା ଡାକ୍ତରଖାନା ଯାଇ ପରିସରକୁ ପରିଷ୍କାର ପରିଛନ୍ନ କରିବା ପରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସର୍ବଦା ପରିଚ୍ଛନ୍ନ ରଖିବା ପାଇଁ ଡାକ୍ତରଖାନା କର୍ମଚାରୀଙ୍କ ସମେତ ଆସୁଥିବା ରୋଗୀ ଏବଂ ଆତ୍ମୀୟ ମାନଙ୍କୁ ସଚେତନ କରାଇଥିଲେ ।ଲୋକ ଚଳପ୍ରଚଳ ସ୍ଥାନ ମାନଙ୍କରେ ନୂଆ ମଇଳା କୁଣ୍ଡ ବସାଇଥିଲେ । ଏଭଳି କାର୍ଯ୍ୟକ୍ରମକୁ ବୈଶିଙ୍ଗା ବଜାର କମିଟି, ବୈଶିଙ୍ଗା ମିଡ଼ିଆ ସେଣ୍ଟର ତରଫରୁ ଭୁରି ଭୁରି ପ୍ରଶଂସା କରାଯାଇଛି । ଆଗକୁ ଏଭଳି ସମାଜସେବା କାର୍ଯ୍ୟ କରିବା ପାଇଁ ବିଇଡି ଡାଇରେକଟର ମଧୁସୂଦନ ମହାନ୍ତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଦାନ୍ତ ଥାଇ ଜନ୍ମନେଲା ନବଜାତ ଶିଶୁପୁତ୍ର

ନୀଳଗିରି , ୦୧/୮ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବିରଳ ଶିଶୁପୁତ୍ର ଜନ୍ମ। ଜନ୍ମବେଳୁ ଶିଶୁର ବାହାରିଛି ଗୋଟିଏ ଦାନ୍ତ ଓ ଗୋଟିଏ ମାଢି ସଦୃଶ ଦାନ୍ତ । ନବଜାତ ଶିଶୁ ଜନ୍ମର ୮ ମାସରେ ଦାନ୍ତଉଠୁଥିବା ବେଳେ ଜନ୍ମ ସମୟରୁ ଶିଶୁର ଦାନ୍ତ ଉଠିଥିବାର ଦେଖିବାକୁ ମିଳିଛି। ସୂଚନା ମୁତାବକ ତେନ୍ତୁଳିଆ ଗ୍ରାମର ମାମା ଦେସାରୀ ଓ ପ୍ରଦୀପ ରାଉତଙ୍କ ଔରସରୁ ଏହି ଶିଶୁ ପୁତ୍ରଟି ଆଜି ସକାଳୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଜନ୍ମ ନେଇଛି। ଶିଶୁଟିକୁ ସିଏସ ମାଧ୍ୟମର ଡେଲିଭରି କରାଯାଇଥିବା ବେଳେ ଶିଶୁପୁତ୍ରଟିର ଓଜନ ୩ କିଲୋ ୧୦୦ ଗ୍ରାମ ରହିଛି । ଏ ନେଇ ଡ. ସରୋଜିନୀ ପ୍ରଧାନ କହନ୍ତି ଏହା ଶିଶୁଟିର ଜନ୍ମଦାନ୍ତ । ଏମିତି ଘଟଣା ପୂର୍ବରୁ ମଧ୍ୟ ଘଟିଛି ବୋଲି ମତ ରଖିଛନ୍ତି।

## ଶ୍ରୀ କେ. ଜେ. ପଟେଲଙ୍କୁ ଇଫ୍‌କୋର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି

ପାରାଦୀପ, ୦୧/୮ (ନି.ପ୍ର): ବିଶ୍ୱର ସର୍ବବୃହତ ସମବାୟ ସାର ଉତ୍ପାଦକମାନଙ୍କ ମଧ୍ୟରୁ ଅନ୍ୟତମ, ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ)ର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ କେ.ଜେ.ପଟେଲ୍ ନିଯୁକ୍ତ ହୋଇଛନ୍ତି । ଜୁଲାଇ ୩୧, ୨୦୨୫ ରେ ଡକ୍ଟର ୟୁ. ଏସ. ଅବସ୍ଥୀଙ୍କ ଅବ୍ୟାହତ ପରେ, ଶ୍ରୀ କେ. ଜେ. ପଟେଲଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତ ହେଇଛନ୍ତି । ଡକ୍ଟର ଅବସ୍ଥି ଚାରି ଦଶନ୍ଧିରୁ ଅଧିକ ସମୟ ଧରି ସଂଗଠନର ଏମଡି ଏବଂ ସୀଇଓ ଭାବରେ ୩୨ ବର୍ଷର କାର୍ଯ୍ୟକାଳ ସହିତ ସେବା କରିଥିଲେ। ଶ୍ରୀ ପଟେଲ ପ୍ରାୟ ୪୦ ବର୍ଷ ଧରି ଇଫକୋ ସହିତ ବହୁ ପଦ ପଦବୀରେ ରହି ସୁଚାର ରୂପେ କାର୍ଯ୍ୟ ନିର୍ବାହ କରି ଆସିଛନ୍ତି।୧୯୮୫ ରେ ସ୍ନାତକ ଇଞ୍ଜିନିୟର ଶିକ୍ଷାନବିସ (ଜିଇଏ) ଭାବରେ ଆରମ୍ଭ କରି, ସଂଗଠନର ବିଭିନ୍ନ ୟୁନିଟରେ ଅନେକ ବରିଷ୍ଠ ନେତୃତ୍ୱ ପଦବୀରେ କାର୍ଯ୍ୟ କରିଛନ୍ତି ।ଓଡିଶାର ଲୋକଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖୁଥିବା, ଶ୍ରୀ ପଟେଲ ଇଫକୋ ର ପ୍ରମୁଖ ସାର କାରଖାନା ମଧ୍ୟରୁ ଗୋଟିଏ, ଇଫକୋ ପାରାଦୀପ ୟୁନିଟରେ ସ୍ୱର୍ଣ୍ଣିମ ଭାବରେ ସେବା କରିଥିଲେ। ୟୁନିଟ୍ ମୁଖ୍ୟ ଭାବରେ କାର୍ଯ୍ୟକାଳ



ମଧ୍ୟରେ, ସେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି, ଶକ୍ତି ପରିଚାଳନା ଅଭ୍ୟାସକୁ ସୁଦୃଢ଼ କରିବା ଏବଂ ପ୍ଲାଣ୍ଟ ପରିଚାଳନାକୁ ଆଧୁନିକୀକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ, ପାରାଦୀପ ୟୁନିଟ୍ ସ୍ଥାୟୀତ୍ୱ, ପରିବେଶ ଏବଂ ଶକ୍ତି ସଂରକ୍ଷଣ ଏବଂ ଉତ୍ପାଦକତା ବୃଦ୍ଧି କ୍ଷେତ୍ରରେ ବହୁ ପ୍ରଶଂସା ପାଇଥିଲା। ପାରାଦୀପର ସ୍ଥାନୀୟ ସମ୍ପ୍ରଦାୟ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତା ତାଙ୍କୁ କର୍ମଚାରୀ ଏବଂ ଅଂଶୀଦାରମାନଙ୍କଠାରୁ ପ୍ରଶଂସା ଆଣିଥିଲା। ଏମଡି ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ, ଶ୍ରୀ ପଟେଲ ଇଫକୋ ବୋର୍ଡ ଏବଂ ସଦସ୍ୟ ସମବାୟ ସଂସ୍ଥାଗୁଡ଼ିକର ବିଶ୍ୱାସ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ଡକ୍ଟର ୟୁ. ଏସ୍. ଅବସ୍ଥୀଙ୍କ ପ୍ରତି ତାଙ୍କର ପଥପ୍ରଦର୍ଶକ ନେତୃତ୍ୱ ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ ଯାହା ଇଫକୋ କୁ ସମବାୟ ଏବଂ ସାର କ୍ଷେତ୍ରରେ ଏକ ବିଶ୍ୱ ମଡେଲ ଭାବରେ ସ୍ଥାନିତ କରିଥିଲା ।ଶ୍ରୀ ପଟେଲ ତାଙ୍କ ବାର୍ତ୍ତା ରେ କହିଛନ୍ତି ଯେ 'ଡକ୍ଟର ଅବସ୍ଥୀଙ୍କ ପଦାଙ୍କ ଅନୁସରଣ କରିବା ଏକ ସୌଭାଗ୍ୟ ଏବଂ ଏକ ଗଭୀର ଦାୟିତ୍ୱ। ଇଫକୋ ସର୍ବଦା ଦେଶ ଏବଂ ଭାରତୀୟ କୃଷକଙ୍କ ସମୃଦ୍ଧି ପାଇଁ ଠିଆ ହୋଇଛି, ଏବଂ ମୁଁ ନବସୃଜନ, ସ୍ଥାୟୀତ୍ୱ ଏବଂ ସମବାୟ ଶକ୍ତି ସହିତ ସେହି ଐତିହ୍ୟକୁ ଆଗକୁ ବହନ କରିବାକୁ ପ୍ରତିବଦ୍ଧ,'। ସମଗ୍ର ଇଫକୋ ପରିବାର କୃଷକ ସମ୍ପ୍ରଦାୟର ସେବା ଏବଂ ଭାରତର କୃଷି ମେରୁଦଣ୍ଡକୁ ସୁଦୃଢ଼ କରିବା ପାଇଁ ସଂଗଠନର ମିଶନକୁ ଆହୁରି ଆଗକୁ ବଢ଼ାଇବା ପାଇଁ ତାଙ୍କର ନେତୃତ୍ୱକୁ ଅପେକ୍ଷା କରିଛି।

## 'ପ୍ରତିଶ୍ରୁତି'ର ନବ ପ୍ରତିଭା ସୃଜନୀ ପ୍ରୟାସ କାର୍ଯ୍ୟକ୍ରମ

ବାରିପଦା , ୦୧/୮ (ନି.ପ୍ର): ଦୀର୍ଘ ୪୩ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲା ବାରିପଦାରୁ ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତିମୂଳକ ପତ୍ରିକା "ପ୍ରତିଶ୍ରୁତି" ତରଫରୁ ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ସ୍ନାତକୋତର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋଫେସର ଡ. ବିଧୁଭୂଷଣ ମିଶ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ନବପ୍ରତିଭା ସୃଜନୀ ପ୍ରୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ପ୍ରତିଶ୍ରୁତିର ସମ୍ପାଦକ ଭାଗବତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷା ଓ ସାହିତ୍ୟ ହିଁ ଗୋଟିଏ ଜାତିର ପରିଚୟ। ଯେଉଁ ଜାତିର ଭାଷା ଯେତେ ଉନ୍ନତ ଓ ସାହିତ୍ୟ ଯେତେ ସମୃଦ୍ଧ ସେ ଜାତି ଅନ୍ୟ ମାନଙ୍କ ନିକଟରେ ସେତିକି ଆଦୃତ ହୋଇଥାଏ। ସାଧାରଣ




ମନୁଷ୍ୟ ଯାହା ଅନୁଭବ କରିପାରେ ନାହିଁ କବିର ଅନୁଭୂତିରେ ତାହା ଅଧିକରୁ ଅଧିକ ସୁନ୍ଦର ବୋଲି ବିବେଚିତ ହୋଇଥାଏ। ଆମ ଜାତିର ଅସ୍ମିତାକୁ ସୁଦୃଢ଼ କରିବା ପାଇଁ ଆମ ଭିତରେ ଭାଷା ପ୍ରତି ସେତିକି ସମ୍ବେଦନଶୀଳତା ରହିବା ଆବଶ୍ୟକ ବୋଲି ମତଦେଇ ଛାତ୍ର ଛାତ୍ରୀମାନଙ୍କ ଭିତରେ ଥିବା ସୁପ୍ତ ପ୍ରତିଭାର ଜାଗରଣ ନିମନ୍ତେ ଏହା ଏକ ଉଦ୍ୟମ ବୋଲି ଅଭିହିତ କରି ଚେଷ୍ଟା ଓ ନିଷ୍ଠା ଥିଲେ ସଂସାରରେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମର ପୁରସ୍କାର ବିତରଣୀ ସମାରୋହରେ ବିଭାଗୀୟ ମୁଖ୍ୟ ଡ.ଶିଶିର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଜିର ଛାତ୍ର ଛାତ୍ରୀମାନେ ଭାଷା ସାହିତ୍ୟକୁ ଜାଣିବା ପାଇଁ ପ୍ରୟାସ ଜାରି ରଖିଲେ ଭବିଷ୍ୟତରେ ସେମାନେ ଜଣେ ଜଣେ ପ୍ରତିଷ୍ଠିତ କବି ଓ ସାହିତ୍ୟିକ ହୋଇ ପାରିବେ ବୋଲି କହିବା ସହିତ ବିଶେଷ କରି ଓଡିଆ ଭାଷା ସାହିତ୍ୟ ବିଭାଗରେ ଆୟୋଜିତ ପ୍ରତିଶ୍ରୁତିର ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏହି ପ୍ରତିଭା ଚୟନ ପ୍ରତିଯୋଗିତାରେ ସ୍ନାତକୋତର ପ୍ରଥମ ବର୍ଷର ଛାତ୍ରୀ ରୁଲି ବେହେରା ପ୍ରଥମ, ଦ୍ୱିତୀୟ ବର୍ଷର ଛାତ୍ରୀ ବର୍ଷାରାଣୀ ଯେନା ଦ୍ୱିତୀୟ ସ୍ଥାନ ଓ ସେହି ଦ୍ୱିତୀୟ ବର୍ଷର ଛାତ୍ରୀ ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ ତୃତୀୟ ସ୍ଥାନ ଅଧିକାରକରି ମୁଖ୍ୟ ଅତିଥିଙ୍କ ଠାରୁ ପ୍ରଶଂସା ପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ପୁଣି ସେହି ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ନେହମୟୀ ପୂଜାରୀଙ୍କୁ ସାନ୍ତନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସହଯୋଗୀ ପ୍ରଫେସର ଡ. ବିଚିତ୍ରନାଥ ସାହୁଙ୍କ ସମେତ ଅଧ୍ୟାପିକା ଡ.ବିନ୍ଧେଶ୍ୱରୀ କଳିଆ ଓ ଅଧ୍ୟାପକ ରାଜକୁମାର ପାତ୍ର ଏବଂ ହୃଷିକେଶ ମହାନ୍ତ ପ୍ରମୁଖ ବିଚାରକ ଭାବେ ଯୋଗଦେଇ କବିତା ଗୁଡିକର ମୂଲ୍ୟାୟନ କରିବା ସହିତ କବି ଓ କବିତା ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଶେଷରେ ଅଧ୍ୟାପିକା ଡ.ବିନ୍ଧେଶ୍ୱରୀ କଳିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଇଲେରିଆ ରୋଗର ନିରାକରଣ ପାଇଁ ସଚେତନତା କର୍ମଶାଳା

ବାଲିଆପାଳ, ୦୧/୮ (ନି.ପ୍ର): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାଇଲେରିଆ ରୋଗର ନୀରା କରଣ ପାଇଁ ଜନ ସ୍ୱାସ୍ଥ୍ୟ ସାମ୍ପ୍ରସାରଣ ଅଧିକାରୀଣୀ ଝୁନୁ ବାଲା ଦେଙ୍କ ପୌରହିତ୍ୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତ ରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।ସାରା ଭାରତ୍ଵର୍ଷରେ କେରଳ ରାଜ୍ୟକୁ ଛାଡି ଓଡିଶା ଦ୍ୱିତୀୟ ରାଜ୍ୟ ଯାହାର ବାଲେଶ୍ୱର ଜିଲ୍ଲାର କେବଳ ବାଲିଆପାଳ ବ୍ଲକରେ ଫାଇଲେରିଆ ରୋଗାକ୍ରାନ୍ତ ରୋଗୀ ଚିହ୍ନଟ ହେବାର ଜଣା ପଡିଛି ବୋଲି ମୁଖ୍ୟ ଅତିଥି କହିଥିଲେ ।ଏହାର ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଘରେ ଘରେ ବୁଲି ଲୋକଙ୍କୁ ଔଷଧ ଖୁଆଇବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ବ୍ୟବସ୍ଥା କରା ଯାଇଛି ।ମଶାରୀ ଟାଙ୍ଗୀ ଶୋଇବା ଓ ପରିବେଶ ସଫା ସୁତୁରା ରଖିବା ଲୋକଙ୍କୁ ବୁଝାଇବାର ବ୍ୟବସ୍ଥା କରାଯାଇଛି ।ଏହି ବୈଠକରେ ବାଲିଆପାଳର ବିଭିନ୍ନ ସଂଗଠନ ବରିଷ୍ଠ ନାଗରିକ ପରିଷଦ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ ଅବସରପ୍ରାପ୍ତ ସୈନିକ କର୍ମଚାରୀ, ବାଘା ଯତୀନ ସ୍ମୃତି ପରିଷଦ ତଥା ବିଶ୍ୱାସ ସଂଗଠନର ସଦସ୍ୟ ସଦସ୍ୟା ମାନେ ଯୋଗ ଦେଇଥିଲେ ।ଏହି ବୈଠକକୁ ସ୍ୱାସ୍ଥ୍ୟ ପରିଦର୍ଶକ ଅଧିକାରୀ ରମାନାଥ କର, ଠଇଉ ମକ୍ଟଭଙ୍କ୍ଷଙ୍କଷବଭଙ୍କ ସୁପ୍ରିୟା ପାଢ଼ୀ, ଓ ଫାଇଲେରିଆ ଟେକ୍ନିକାଲ ସୁପର ଭାଇଜର ସ୍ୱର୍ଣ୍ଣ ପ୍ରଭା ସାହୁ ପରିଚାଳନା କରିଥିଲେ ।

## ନ୍ୟାୟିକ କର୍ମଚାରୀ ସେବା ସଂଶୋଧନକୁ କ୍ୟାବିନେଟ ମଂଜୁରୀ

ଭୁବନେଶ୍ୱର, ୦୧/୮ (ନି.ପ୍ର): ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୦୨୩ ନାମକ ନୂତନ ଦଣ୍ଡ ସମ୍ବନ୍ଧୀୟ ଆଇନଗୁଡ଼ିକର ଘୋଷଣା ପରେ, ଓଡ଼ିଶା ଜିଲ୍ଲା ଏବଂ ସିଭିଲ କୋର୍ଟର ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମାବଳୀ, ୨୦୦୮ ର ସଂଶୋଧନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଏହି ସଂଶୋଧନର ଉଦ୍ଦେଶ୍ୟ ହେଉଛି ଅଧୀନସ୍ଥ ନ୍ୟାୟିକ କର୍ମଚାରୀଙ୍କର ନୂତନ ଆଇନ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟକୁଶଳତା ବଢ଼ାଇବା । ଏହି ପଦକ୍ଷେପ ଦ୍ୱାରା ଦୈନିକ ଅଦାଲତ କାର୍ଯ୍ୟ ନିର୍ବିଘ୍ନ ଭାବରେ ଚାଲିପାରିବ ଏବଂ ଲୋକମାନେ ଦ୍ରୁତ ଭାବରେ ନ୍ୟାୟ ପାଇପାରିବେ ।

## ବାଲେଶ୍ୱର ଜିଲ୍ଲାର ପ୍ରାର୍ଥୀଙ୍କ ପାଇଁ ୪ର୍ଥ ରାଜ୍ୟ ହକି ଚାମ୍ପିଅନ -୨୦୨୫ ଚୟନ ପ୍ରକ୍ରିୟା

ବାଲେଶ୍ୱର , ୦୧/୮ (ନି.ପ୍ର): ଗତ କାଲି ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତଥା ଏକ୍ସ- ଅଫି ସିଓ,ସମ୍ପାଦକ ଶ୍ରୀଯୁକ୍ତ ସୁଧାକର ନାୟକ ଙ୍କ ଅଧ୍ୟକ୍ଷତାରେ ସ୍ୱ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲାର ହକି ଆସୋସିଏସନର ସମସ୍ତ ସଦସ୍ୟ ମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିରେ ଆଗାମୀ ଦିନରେ ରାଜ୍ୟ ସ୍ତରୀୟ ହକି ପ୍ରତିଯୋଗିତା-୨୦୨୫ ରେ ବାଲେଶ୍ୱର ଜିଲ୍ଲାରୁ ଅଂଶ ଗ୍ରହଣ କରିବା ପାଇଁ ବିଭିନ୍ନ ବର୍ଗରୁ ବାଳକ/ ବାଳିକା ଚୟନ ପ୍ରକ୍ରିୟା ପାଇଁ ଆଲେଚନା ହୋଇଥିଲା।ଏହି ରାଜ୍ୟ ସ୍ତରୀୟ ହକି ଚାମ୍ପିଅନ-୨୦୨୫ ଆସନ୍ତା ଅଗଷ୍ଟ ମାସ ୪ ତାରିଖ ଠାରୁ ଆସନ୍ତା ୩ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବିର୍ସା ମୁଣ୍ଡା ଇଣ୍ଟର ନେସନାଲ ହକି ଷ୍ଟାଡିୟମ୍, ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ୩ଗୋଟି ବର୍ଗରେ ସିନିୟର, ଜୁନିଅର ଏବଂ ସବ୍ - ଜୁନିଅର ବାଳକ/ ବାଳିକା ଚୟନ ପାଇଁ ବାଲେଶ୍ୱର ଜିଲ୍ଲାର ଭୀମପୁର।ସ୍ଥିତ କ୍ରୀଡା ଛାତ୍ରାବାସ ପଡିଆ ରେ ଆୟୋଜନ ପାଇଁ ସ୍ଥିର କରାଯାଇଛି। ଏଥି ପାଇଁ ଆସନ୍ତା ଅଗଷ୍ଟ ୨ ତାରିଖ ଠାରୁ ଇଚ୍ଛୁକ ବାଳକ/ ବାଳିକା ସକାଳ ୮ଘଟିକା ଠାରୁ ନିଜ ନିଜର ବୟସ ପ୍ରମାଣ ପତ୍ର ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ନାୟକ ଅବଗତ କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida